# ଧରିତ୍ରୀ DHARITRI

ବ୍ରହ୍ମପୁର, ବୁଧବାର, ନଭେମ୍ବର ୧୮/୨୦୨୦ (୧୨ପୃଷ୍ଠା) | Berhampur, Wednesday, November 18/2020 | ★★★

୧୬ଶ ଭାଗ ୨୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଜେଭେରେଭଙ୍କୁ ହରାଇଲେ ମେଡ୍‌ଭେଡେଭ**

ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭେରେଭଙ୍କୁ ହରାଇ ରୁଷିଆର ଡାନିଲ ମେଡ୍‌ଭେଡେଭ ଏଟିପି ଫାଇନାଲ୍ସରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି।

୧୨

୧୦

**ସନ୍ନିଙ୍କ ପସନ୍ଦ ଭାରତୀୟ ଖାଦ୍ୟ**

ବଲିଉଡ ଅଭିନେତ୍ରୀ ସନ୍ନି ଲିଓନି କାନାଡାର ହୋଇଥିଲେ ମଧ ଭାରତର ଦେଶୀ ଖାଦ୍ୟ ତାଙ୍କୁ ଭଲଲାଗେ ବୋଲି ସେ ଇନ୍‌ଷ୍ଟାରେ ଶେୟାର କରି କହିଛନ୍ତି।



# ତଦନ୍ତ ନ ସରିଲେ ଅଭିଯୁକ୍ତଙ୍କୁ ଜାମିନ

**ନୂଆଦିଲ୍ଲୀ,୧୭।୧୧**

କୌଣସି ମାମଲାର ତଦନ୍ତ ନିର୍ଦ୍ଧାରିତ ସମୟରେ ଶେଷ ନ ହେଲେ ଅଭିଯୁକ୍ତଙ୍କୁ 'ଡିଫଲ୍ଟ ବେଲ୍' ମିଳିବ। ସମ୍ବିଧାନର ଅନୁଚ୍ଛେଦ ୨୧ ବେଆଇନ ଅଟକ ବିରୋଧରେ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷାକୁ ସୁନିଶ୍ଚିତ କରିଥାଏ। ଏହି ଧାରା ଅନୁସାରେ ଅଭିଯୁକ୍ତଙ୍କ ଡିଫଲ୍ଟ ବେଲ୍ ପାଇବା ଅଧିକାର ରହିଛି ବୋଲି ସୁପ୍ରିମକୋର୍ଟର ୩ ବିଚାରପତି ବିଶିଷ୍ଟ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ଜଷ୍ଟିସ୍ ୟୁ.ୟୁ. ଲଲିତ, ଏମ୍.ଏମ୍. ଶାନ୍ତାନାଗୌଡ଼ାର ଓ ବୀନିତ ଶରଣଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଯଦି ତଦନ୍ତକାରୀ ସଂସ୍ଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦନ୍ତ ଶେଷ ନ କରେ ତେବେ ମାମଲାର ମେରିଟ୍ ଥାଉ କି ନ ଥାଉ, ଅଭିଯୁକ୍ତଙ୍କୁ ଡିଫଲ୍ଟ ଜାମିନ ମିଳିବା ଉଚିତ। ଅପରାଧ ଦଣ୍ଡ ସଂହିତା (ସିଆର୍‌ପିସି) ଧାରା୧୬୭(୨) ଅନୁଯାୟୀ ତଦନ୍ତକାରୀ ସଂସ୍ଥା ନିର୍ଦ୍ଧାରିତ ସମୟ ମଧ୍ୟରେ ନିଶ୍ଚିତ ଭାବେ ଆବଶ୍ୟକ ପ୍ରମାଣ ସଂଗ୍ରହ କରିବ। ☞ପୃଷ୍ଠା-୪

**ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**



- ନିର୍ଦ୍ଧାରିତ ସମୟରେ ତଦନ୍ତ ଶେଷ କରିବେ ତଦନ୍ତକାରୀ ସଂସ୍ଥା
- ନ ହେଲେ ଡିଫଲ୍ଟ ବେଲ୍ ଦିଆଯିବ
- ଏହା ଅଭିଯୁକ୍ତଙ୍କ 'ଅପରିହାର୍ଯ୍ୟ ଅଧିକାର'
- ଅଭିଯୁକ୍ତଙ୍କୁ ତାଙ୍କ ଆଇନଗତ ଅଧିକାର ସମ୍ପର୍କରେ ଓକିଲ ଓ ମାଜିଷ୍ଟ୍ରେଟ୍ ଜଣାଇବେ

## ଅନୁଚ୍ଛେଦ ୩୨

ନାଗରିକଙ୍କୁ ବିଧି ପ୍ରଦତ୍ତ ଅନେକ ଅଧିକାର ପ୍ରାପ୍ତ ହୋଇଥାଏ। ଏହି କ୍ରମରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨ ନାଗରିକ ଅଧିକାରଗୁଡ଼ିକର ପ୍ରବର୍ତ୍ତନ ପାଇଁ ଏକ ବଳିଷ୍ଠ ଉପଚାର। ଉକ୍ତ ଧାରାର ଉପଧାରା ୨ ସୁପ୍ରିମକୋର୍ଟଙ୍କୁ ନାଗରିକ ଅଧିକାରଗୁଡ଼ିକର ପ୍ରବର୍ତ୍ତନ ପାଇଁ ବନ୍ଦୀ ପ୍ରତ୍ୟକ୍ଷୀକରଣ(ରିଟ୍ ଅଫ୍ ହେବିଅସ୍ କର୍ପସ୍), ପରମାଦେଶ(ମାଣ୍ଡାମସ୍), ନିଷେଧାଦେଶ(ପ୍ରୋହିବିଶନ), ଅଧିକାର ପ୍ରଶ୍ନ (କ୍ୱୋ ୱାରେଣ୍ଟୋ) ଓ ଉତ୍ପ୍ରେଷଣ (ସାର୍ଟିଓରାରି)ର କ୍ଷମତା ପ୍ରଦାନ କରିଥାଏ। ଏହି ଉପଚାରର ଉଦ୍ଦେଶ୍ୟ ହେଉଛି ନାଗରିକଙ୍କୁ ☞ପୃଷ୍ଠା-୪



ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ପକ୍ଷରୁ ଆରବ ସାଗରରେ ମଙ୍ଗଳବାର ଆରମ୍ଭ ହୋଇଛି ଦ୍ୱିତୀୟ ପର୍ଯ୍ୟାୟ ମାଲାବାର ନୌସମରାଭ୍ୟାସ। ଚାଇନା ବିରୋଧରେ ସାମରିକ ଶକ୍ତି ବୃଦ୍ଧି କରିବା ଲକ୍ଷ୍ୟରେ ହେଉଥିବା ଏହି ଅଭିଯାନ ଗୁରୁତ୍ୱହୀନ ହୋଇପଡ଼ିଥିବା ଗତ ୧୫ ତାରିଖ ରିଜିଓନାଲ୍ କମ୍ପ୍ରିହେନ୍‌ସିଭ୍ ଇକୋନୋମିକ୍ ପାର୍ଟନରଶିପ୍ (ଆରସିଇପି) ଚୁକ୍ତି ସ୍ପଷ୍ଟ କରୁଛି। କାରଣ ଚାଇନା ନେତୃତ୍ୱାଧୀନ ଆରସିଇପି ଚୁକ୍ତିରେ ସାମିଲ ହୋଇଛନ୍ତି ମାଲାବାର ନୌସମରାଭ୍ୟାସର ଅଂଶୀଦାର ଜାପାନ ଓ ଅଷ୍ଟ୍ରେଲିଆ।

# ଶ୍ରୀମନ୍ଦିରର ଭୁଲ୍ ଫଟୋ ଲଗାଇ ଅପପ୍ରଚାର

## ଆଇଆର୍‌ସିଟିସି, ୨ ୱେବ୍ ନ୍ୟୁଜ୍ ନାଁରେ ଏତଲା

**ପୁରୀ ଅଫିସ,୧୭।୧୧**

ଶ୍ରୀମନ୍ଦିରର ଭୁଲ୍ ଫଟୋ ବ୍ୟବହାର ଯୋଗୁ ଇଣ୍ଡିଆନ୍ ରେଲୱେ କ୍ୟାଟରିଙ୍ଗ ଆଣ୍ଡ୍ ଟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ଓ ୨ ୱେବ୍ ନ୍ୟୁଜ୍ ସଂସ୍ଥା ବିବାଦରେ ପଡ଼ିଛନ୍ତି। ସେମାନଙ୍କ ଦ୍ୱାରା ଅନ୍ୟ ମନ୍ଦିରକୁ ଶ୍ରୀମନ୍ଦିର ପରିଚୟ ଦିଆଯିବାକୁ ବିରୋଧ କରି ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ମଙ୍ଗଳବାର ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ଶ୍ରୀଜଗନ୍ନାଥ ମନ୍ଦିର ଓ ସଂସ୍କୃତି ବିରୋଧରେ ଅନ୍ତର୍ଜାତୀୟସ୍ତରରେ ଷଡ଼ଯନ୍ତ୍ର କରାଯାଉଛି। ବିଭିନ୍ନ ସମୟରେ ଅନ୍ୟ ମନ୍ଦିରକୁ ଶ୍ରୀମନ୍ଦିରର ପରିଚୟ ଦିଆଯାଉଛି। ୨୦୧୮ରେ ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନାଲରେ ଆଇଆର୍‌ସିଟିସି ପକ୍ଷରୁ ଲଗାଯାଇଥିବା ଭାରତ ଦର୍ଶନ ପୋଷ୍ଟରରେ ହାଇଦ୍ରାବାଦର ଏକ ଜଗନ୍ନାଥ ମନ୍ଦିରକୁ ପୁରୀ ଜଗନ୍ନାଥ ମନ୍ଦିର ଭାବେ ଦର୍ଶାଯାଇଥିଲା। ଏହି ତ୍ରୁଟି ସମ୍ପର୍କରେ ସେ ଶ୍ରୀମନ୍ଦିର ପ୍ରଶାସନ ଏବଂ ରେଲୱେକୁ ଜଣାଇଥିଲେ। ସେମାନେ ବିବାଦୀୟ ପୋଷ୍ଟରକୁ ସାରା ଭାରତରୁ ହଟାଇବାକୁ କହିଥିଲେ, ଯାହା ବର୍ତ୍ତମାନ ତଦନ୍ତ ସାପେକ୍ଷ। ଏବେ ପୁଣି ୨ଟି ୱେବ୍ ନ୍ୟୁଜ୍ ସଂସ୍ଥା ଅନ୍ୟ ମନ୍ଦିରକୁ ପୁରୀ ଜଗନ୍ନାଥ ମନ୍ଦିର ଦର୍ଶାଇଛି। ଏ ନେଇ ସେ ଶ୍ରୀମନ୍ଦିରର ଛତିଶା ନିଯୋଗ ନାୟକ ଏବଂ ପରିଚାଳନା କମିଟି ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀମନ୍ଦିର ବିରୋଧରେ ଏପରି ଅପପ୍ରଚାର ଚଳାଇଥିବା ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖୁଣ୍ଟିଆ ଦାବି କରିଛନ୍ତି। ଆଗାମୀ ୨୪ଘଣ୍ଟା ମଧ୍ୟରେ ଯଦି କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ସେ ଅନଶନରେ ବସିବେ ବୋଲି ଖୁଣ୍ଟିଆ କହିଛନ୍ତି।

ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ପରିଚାଳନା କମିଟି ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ଶ୍ରୀଜଗନ୍ନାଥ ପ୍ରଚାର ପ୍ରସାର ସମିତିକୁ ଅଧିକ କ୍ରିୟାଶୀଳ ହେବାକୁ ହେବ। ବିଶେଷକରି ସୋସିଆଲ ମିଡିଆରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମ୍ପର୍କିତ ତଥ୍ୟ ଏବଂ ଫଟୋ ଛଡ଼ାଯିବ। ଫଳରେ ଶ୍ରୀମନ୍ଦିର ବିଷୟରେ ଦେଶ ବିଦେଶର ଲୋକେ ଜାଣିପାରିବେ। ଆସନ୍ତା ଜାନୁୟାରୀ ଆରମ୍ଭରୁ ସୋସିଆଲ ମିଡିଆ କ୍ୟାମ୍ପେନ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।





ଆଇଆର୍‌ସିଟିସି ଓ ଏକ ୱେବ୍ ନ୍ୟୁଜ୍ ସଂସ୍ଥା ପକ୍ଷରୁ ଶ୍ରୀମନ୍ଦିର ଭାବେ ଦର୍ଶାଯାଇଥିବା ଅନ୍ୟ ମନ୍ଦିର।

# ଲକ୍ଷ୍ମୀବିଳାସ ବ୍ୟାଙ୍କ ଉଠାଣରେ କଟକଣା

**ନୂଆଦିଲ୍ଲୀ,୧୭।୧୧**

- ଡିସେମ୍ବର ୧୬ ମଧ୍ୟରେ ୨୫ ହଜାର ଉଠାଇପାରିବେ ଜମାକାରୀ
- ଡିବିଏସ୍ ବ୍ୟାଙ୍କ ସହ ମିଶ୍ରଣ ନେଇ ପ୍ରସ୍ତାବ

ତାମିଲନାଡୁର ଘରୋଇ କ୍ଷେତ୍ର ଲକ୍ଷ୍ମୀବିଳାସ ବ୍ୟାଙ୍କରୁ ଉଠାଣ ଉପରେ କେନ୍ଦ୍ର ସରକାର କଟକଣା ଲଗାଇଛନ୍ତି। ସରକାର ଏବେ ଏହି ବ୍ୟାଙ୍କକୁ ମୋରାଟୋରିୟମ ପରିସରରେ ରଖିଛନ୍ତି। ଏହାର ଗ୍ରାହକ ଆସନ୍ତା ଡିସେମ୍ବର ୧୬ ମଧ୍ୟରେ ୨୫ହଜାର ଟଙ୍କା ଉଠାଣ କରିପାରିବେ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। ମାତ୍ର ଚିକିତ୍ସା, ଉଚ୍ଚ ଶିକ୍ଷା ଲାଗି ପେମେଣ୍ଟ ଏବଂ ବିବାହ ଭଳି ଖର୍ଚ୍ଚ ଲାଗି ଲୋକମାନେ ରିଜର୍ଭ ବ୍ୟାଙ୍କର ଅନୁମତି ନେଇ ୨୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ଉଠାଇପାରିବେ। ଲକ୍ଷ୍ମୀ ବିଳାସ ବ୍ୟାଙ୍କର ଆର୍ଥିକ ସ୍ଥିତି ଏବେ ଭଲ ନ ଥିବାରୁ ରିଜର୍ଭ ବ୍ୟାଙ୍କର ପରାମର୍ଶ କ୍ରମେ ସରକାର ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଜମାକାରୀଙ୍କ ସ୍ୱାର୍ଥ ଏବଂ ବ୍ୟାଙ୍କର ଆର୍ଥିକ ସ୍ଥିରତା ଲାଗି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି। ଏପରି କି ଲକ୍ଷ୍ମୀ ବିଳାସ ବ୍ୟାଙ୍କକୁ ଡିବିଏସ୍ ବ୍ୟାଙ୍କ ସହ ମିଶ୍ରଣ ନେଇ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ପ୍ରସ୍ତାବ ଦେଇଛି।

ଏହି ବ୍ୟାଙ୍କର ପୁନରୁଦ୍ଧାର ଲାଗି ସରକାରଙ୍କ ନିକଟରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଭରସାଯୋଗ୍ୟ ଯୋଜନା ନାହିଁ। ଏହାକୁ ଧ୍ୟାନରେ ରଖି ଆର୍‌ବିଆଇ ବାଧ୍ୟ ହୋଇ ମୋରାଟୋରିୟମ ଦ୍ୱାରା ଉଠାଣ କଟକଣା ଜାରି କରିଛି। ଆସେଟ କ୍ୱାଲିଟି ବା ସମ୍ପତ୍ତି ଗୁଣବତ୍ତା ଖରାପ ହେବା ଯୋଗୁ ବ୍ୟାଙ୍କ ନିକଟରେ ଆବଶ୍ୟକ ମୁତାବକ ଜରୁରିକାଳୀନ ପୁଞ୍ଜି ନାହିଁ। ବ୍ୟାଙ୍କକୁ ନୂଆ ଅର୍ଥ ଯୋଗାଣ ଏବଂ ମିଶ୍ରଣ ଲାଗି ଏହା କ୍ଲିକ୍ସ କ୍ୟାପିଟାଲ ସହ ଆଲୋଚନା କରିଥିବା ମଧ୍ୟ ଜଣାପଡ଼ିଛି। ଇଣ୍ଡିଆ ବୁଲ୍‌ସ ଫାଇନାନ୍ସ ସହ ମିଶ୍ରଣ ନେଇ ରହିଥିବା ପ୍ରସ୍ତାବକୁ ରିଜର୍ଭ ବ୍ୟାଙ୍କ ଅଗ୍ରାହ୍ୟ କରିବା ପରେ ୨୦୧୯ରେ ଏହି ବ୍ୟାଙ୍କର ସମସ୍ୟା ବଢ଼ିଯାଇଥିଲା। ହେଲେ ବ୍ୟାଙ୍କ କୌଣସି ନଗଦ ସମସ୍ୟା ସାମ୍ନା କରୁନାହିଁ। ନଗଦ ଅନୁପାତ ଆବଶ୍ୟକତା ସୀମାଠାରୁ ଅଧିକ ରହିଛି ବୋଲି ଗତ ମାସରେ ଏହାର ପ୍ରତିଷ୍ଠାତା କେ.ଆର୍. ପ୍ରଦୀପ ଏକ ସ୍ପଷ୍ଟୀକରଣ ଦେଇଥିଲେ। ବ୍ୟାଙ୍କର ସମସ୍ୟା ସମାଧାନ ଲାଗି ସେପ୍ଟେମ୍ବର ମାସରେ ରିଜର୍ଭ ବ୍ୟାଙ୍କ ମିତା ମଖନ୍‌ଙ୍କ ଅଧ୍ୟକ୍ଷତାରେ ୩ ଜଣିଆ କମିଟି ବସାଇଥିଲା। ହେଲେ ସମସ୍ୟାରେ କୌଣସି ସୁଧାର ନ ଆସିବାରୁ ବାଧ୍ୟ ହୋଇ ରିଜର୍ଭ ବ୍ୟାଙ୍କ ଉଠାଣ ଉପରେ କଟକଣା ଲଗାଇଛି। ସୂଚନା ଯୋଗ୍ୟ, ପୂର୍ବରୁ ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର ସମବାୟ(ପିଏମ୍‌ସି) ବ୍ୟାଙ୍କ ଏବଂ ୟେସ୍ ବ୍ୟାଙ୍କରେ ଆର୍ଥିକ ସ୍ଥିତି ବିଗିଡ଼ିବାରୁ ମୋରାଟୋରିୟମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ମୋରାଟୋରିୟମ୍ ଉଠାଇ ଦିଆଯାଇଛି।

# ୪୬୪.୭୨ କୋଟିର ୪ ପ୍ରକଳ୍ପ ଅନୁମୋଦିତ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

- ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ
- ସୃଷ୍ଟିହେବ ୮୭୩ ନିଯୁକ୍ତି ସୁଯୋଗ

ରାଜ୍ୟରେ କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ଶିଳ୍ପ କ୍ଷେତ୍ରକୁ ଅଗ୍ରାଧିକାର ଦେଉଛନ୍ତି ସରକାର। ରାଜ୍ୟରେ ମେଟାଲ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଆଦି ୪ଟି ଶିଳ୍ପ କ୍ଷେତ୍ରରେ ୪୬୪.୭୨ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ଏଥିରେ ୮୭୩ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଅନୁମୋଦନ କରାଯାଇଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଗାଲାକ୍ସ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ ଖୋର୍ଦ୍ଧା ଜିଲାର ମଳିପଡା ଠାରେ ୯୩ କୋଟି ଟଙ୍କା ☞ପୃଷ୍ଠା-୯

# ଜଗା ଦର୍ଶନ ପାଇଁ ପୁଣି ଅପେକ୍ଷା

**ପୁରୀ ଅଫିସ, ୧୭।୧୧**

**ଶ୍ରୀମନ୍ଦିର ଖୋଲିବା ପ୍ରସଙ୍ଗ**

- ଡିସେମ୍ବର ତୃତୀୟ ସପ୍ତାହରେ ନିଷ୍ପତ୍ତି
- ଦର୍ଶନ ପ୍ରସ୍ତୁତି ଓ ରୂପରେଖ ନେଇ କମିଟି ଗଠିତ



କେବେ ଖୋଲିବ ଶ୍ରୀମନ୍ଦିର ଦ୍ୱାର ଏବଂ ସେମାନେ ପୁଣି ମହାପ୍ରଭୁଙ୍କ ଆଖି ସହ ଆଖି ମିଳାଇବେ, ଏମିତି ନାନା ଆଶା ଆଶଙ୍କା ମଧ୍ୟରେ ରହିଛନ୍ତି କୋଟି କୋଟି ଜଗନ୍ନାଥପ୍ରେମୀ। ଭକ୍ତ-ଭଗବାନଙ୍କ ମଧ୍ୟରେ ଲକ୍ଷ୍ମଣରେଖା ଟାଣିଛି କରୋନା ମହାମାରୀ। କଟକଣା ଯୋଗୁ ଦୀର୍ଘ ୮ମାସ ହେଲା ଶ୍ରୀମନ୍ଦିରକୁ ଯାଇପାରୁ ନାହାନ୍ତି ଶ୍ରଦ୍ଧାଳୁ। ତେବେ ମଙ୍ଗଳବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ମନ୍ଦିର ଖୋଲିବା ନେଇ ସହମତି ପାଇବା ପରେ ଶ୍ରଦ୍ଧାଳୁଙ୍କ ମନରେ ଦର୍ଶନ ଆଶା ବଢ଼ିଛି। କିନ୍ତୁ ଏଥିପାଇଁ ଆହୁରି ଏକମାସ ଅପେକ୍ଷା କରିବାକୁ ପଡ଼ିବ। ଅର୍ଥାତ୍ ଡିସେମ୍ବର ତୃତୀୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ | ପୁରୁଣା ମୂଷା**




# ୧୪ ଜିଲାରେ ୩୫ ନକଲି ଶିକ୍ଷକ

**ଯାଜପୁର ଅଫିସ,୧୭।୧୧**

- ଗଞ୍ଜାମ ଜିଲାରେ ସର୍ବାଧିକ ୮ ଜଣ
- ଚିଠିରେ ସୀମିତ କାର୍ଯ୍ୟାନୁଷ୍ଠାନ
- ତାଲିକା ପ୍ରସ୍ତୁତ କରିଛି ଡିଇଇ
- ତୁରନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ରାଜ୍ୟର କୋଣ ଅନୁକୋଣରେ ନକଲି ବିଏଡ୍/ସି.ଟି. ଡିଗ୍ରୀଧାରୀ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ପାଇ ସମସ୍ତ ସରକାରୀ ସୁବିଧାସୁଯୋଗ ହାସଲ କରୁଛନ୍ତି। ଏହାଦ୍ୱାରା ପ୍ରକୃତ ବିଏଡ୍/ସି.ଟି. ଡିଗ୍ରୀଧାରୀ ଛାତ୍ରୀଛାତ୍ର ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇ ବେକାର ଜୀବନ ଅତିବାହିତ କରୁଛନ୍ତି। ୧୪ ଜିଲାର ୩୫ ଜଣ ନକଲି ଶିକ୍ଷୟିତ୍ରୀଶିକ୍ଷକଙ୍କ ନାମରେ ଅଭିଯୋଗ ଦାଖଲ ହୋଇଥିବା ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ତାଲିକା ପ୍ରସ୍ତୁତ ହୋଇଛି। ଏହାର ସବିଶେଷ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଡିଇଇ ପକ୍ଷରୁ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଗତ ବର୍ଷକ ମଧ୍ୟରେ ୪ ଥର ନୋଟିସ ଦିଆଯାଇଛି। ଏହାପୂର୍ବରୁ ମଧ୍ୟ କାର୍ଯ୍ୟରତ ନକଲି ବିଏଡ୍/ସି.ଟି. ତାଲିମପ୍ରାପ୍ତ ଶିକ୍ଷକଙ୍କ ପ୍ରମାଣପତ୍ରଗୁଡ଼ିକର ତନଖି କରି ରିପୋର୍ଟ ଦେବାକୁ ଏକାଧିକବାର ବିଭାଗୀୟ ଜିଲା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି। ଏଭଳି ଭାବେ ପତ୍ର ଆଦାନପ୍ରଦାନରେ ପଦକ୍ଷେପ ସୀମିତ ରହୁଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଣିର ଗାର ହୋଇଛି।

ନକଲି ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରିବାକୁ ୨୦୧୫ ଓ ୨୦୧୬ରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ଡିଇଇ ପକ୍ଷରୁ ୩ଥର ନିର୍ଦ୍ଦେଶ ହୋଇଥିଲା। ସେହିପରି ଗତ ଡିସେମ୍ବରଠାରୁ ଚଳିତବର୍ଷ ଜୁନ ମଧ୍ୟରେ ଡିଇଇ ପକ୍ଷରୁ ୪ ଥର ନିର୍ଦ୍ଦେଶ ଦିଆଯାଇଥିଲା। ଏହିସବୁ ନିର୍ଦ୍ଦେଶ ନାଳିଫିତା ତଳେ ଚାପି ହୋଇରହିଛି। ଯାଞ୍ଚ ସମୟରେ ପ୍ରମାଣପତ୍ରଗୁଡ଼ିକ ନକଲି ପ୍ରମାଣିତ ହେଲେ ଓସିଏସ୍(ସିସିଏ) ନିୟମ-୧୯୬୨ ଧାରା ୧୫ ଅନୁସାରେ ସମ୍ପୃକ୍ତ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ ସ୍ଥାନୀୟ ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଜିଲାସ୍ତରରେ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରିବାରୁ ଡିଇଇ ପକ୍ଷରୁ ଉପନିର୍ଦ୍ଦେଶକ ଓ ନୋଡାଲ ଅଧିକାରୀ ଉଦ୍‌ବେଗ ପ୍ରକାଶ କରି ପୁଣି ଥରେ ତାଙ୍କ ପତ୍ରସଂଖ୍ୟା ୧୯୧୬୬/୨୯।୧୦।୨୦୨୦ରେ ପ୍ରମାଣପତ୍ରଗୁଡ଼ିକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅଭିଯୁକ୍ତ ନକଲି ଶିକ୍ଷକ ତାଲିକାରେ ଯାଜପୁର ଜିଲା ରସୁଲପୁର ବ୍ଲକ, କୋରେଇ ବ୍ଲକ ଓ ଦଶରଥପୁର ବ୍ଲକର ୩ ଜଣ, କଟକ ଜିଲାର ଟାଙ୍ଗୀ ବ୍ଲକର ଜଣେ, ନବରଙ୍ଗପୁର ଜିଲା ☞ପୃଷ୍ଠା-୪

## ଅଳ୍ପକେ ବର୍ତ୍ତିଲେ ୫୨ ବିମାନ ଯାତ୍ରୀ

ଚେନ୍ନାଇ ବିମାନବନ୍ଦରରେ ଏକ ଟ୍ରୁଜେଟ୍ ବିମାନ ଜରୁରୀ ଅବତରଣ କରିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନରେ ଅସୁବିଧା ଦେଖାଦେଇଥିଲା। ବିମାନଟି ବେଲ୍‌ଗାମ୍‌ରୁ ମହୀଶୂର ଅଭିମୁଖେ ଯାଉଥିଲା। କିଛି ଅଘଟଣ ଘଟିବା ପୂର୍ବରୁ ଯାତ୍ରୀମାନେ ସୁରକ୍ଷିତ ଭାବେ ଓହ୍ଲାଇ ଥିଲେ। ପ୍ରାୟ ୫୨ ଯାତ୍ରୀ ଅଳ୍ପକେ ବିମାନ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୁହାଯାଉଛି।



### ସଂକ୍ଷେପରେ

## ବାଣ ନିଆଁରେ ଜଳିଗଲେ ରୀତା ବହୁଗୁଣାଙ୍କ ନାତୁଣୀ

**ପ୍ରୟାଗରାଜ୍, ୧୭।୧୧:** ଭାଜପା ଏମ୍‌ପି ରୀତା ବହୁଗୁଣା ଜୋଷୀଙ୍କ ନାତୁଣୀ କିୟା ଛାତ ଉପରେ ବାଣ ଫୁଟାଉଥିବାବେଳେ ବାଣ ନିଆଁରେ ପୋଡ଼ିହୋଇ ମଙ୍ଗଳବାର ପ୍ରାଣ ହରାଇଛନ୍ତି। କିୟାଙ୍କ ଶରୀରର ୬୦ ଭାଗ ପୋଡ଼ି ଯାଇଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଦିଲ୍ଲୀ ନେବା ଲାଗି ଏୟାର ଆମ୍ବୁଲାନ୍ସ ଡକାଯାଇଥିଲା। ହେଲେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ପ୍ରକାଶଥାଉ କି, କିୟା ରୀତାଙ୍କ ପୁଅ ତଥା ଏମ୍‌ପି ମୟଙ୍କ ଜୋଷୀଙ୍କ ଏକମାତ୍ର ଝିଅ ଥିଲେ। କିଆଙ୍କ ଅକାଳ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି।

## କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କଲା ସିବିଆଇ

### ୧୦ ବର୍ଷରେ ୫୦ ନାବାଳିକାଙ୍କୁ ଯୌନ ଶୋଷଣ

**ନୂଆଦିଲ୍ଲୀ, ୧୭।୧୧:** ଉତ୍ତରପ୍ରଦେଶର ଜଳସେଚନ ବିଭାଗର କନଷ୍ଠ ଯନ୍ତ୍ରୀଙ୍କୁ ସିବିଆଇ ଗିରଫ କରିଛି। ୧୦ ବର୍ଷ ମଧ୍ୟରେ ୧୬ ବର୍ଷରୁ କମ୍ ୫୦ ନାବାଳିକାଙ୍କୁ ସେ ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଛି। କଳା କାରନାମାର ଫଟୋ ଓ ଭିଡିଓକୁ ସେ ବିକ୍ରି କରିଥିବା ଜଣାପଡ଼ିଛି। ଚିତ୍ରକୂଟ, ବନ୍ଦା ଓ ହମିରପୁର ଜିଲାରେ ସେ ଏଭଳି କାଣ୍ଡ ରଚିଛନ୍ତି। ବନ୍ଦାରୁ ତାଙ୍କୁ ଗିରଫ କରାଯିବା ପରେ କୋର୍ଟରେ ହାଜର କରାଯାଇଛି। ସର୍ଚ୍ଚ ଅପରେଶନ ବେଳେ ସିବିଆଇ ୮ ମୋବାଇଲ ଫୋନ୍, ୮ ଲକ୍ଷ ଟଙ୍କା, ସେକ୍ସ ଟୟ,ଲାପ୍‌ଟପ୍ ଓ ଅନ୍ୟ ଡିଜିଟାଲ ତଥ୍ୟ ଜବତ କରାଯାଇଛି। ନାବାଳିକାଙ୍କୁ ଟଙ୍କା ଓ ମୋବାଇଲ ଫୋନ୍‌ର ଲୋଭଦେଖାଇ ସେ ଯୌନ ଶୋଷଣ କରିଆସୁଥିଲେ ବୋଲି ଜଣାପଡ଼ିଛି।

## ୨ ବାଂଲାଦେଶୀ ଗିରଫ

**ଲକ୍ଷ୍ନୌ,୧୭।୧୧:** ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ମଙ୍ଗଳବାର ୨ ଜଣ ବାଂଲାଦେଶୀଙ୍କୁ ଦେଶବିରୋଧୀ କାର୍ଯ୍ୟକଳାପ ପାଇଁ ଗିରଫ କରିଛି। ମହମ୍ମଦ ଇକ୍‌ବାଦ୍ ଓ ମହମ୍ମଦ ଫାରୁକ୍‌ଙ୍କ ସନ୍ଦିଗ୍ଧ ଗତିବିଧି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଦୁହିଁଙ୍କୁ ଧରାଯାଇଥିବା ଏଟିଏସ୍ ପକ୍ଷରୁ କୁହାଯାଇଛି। ଉଭୟେ ସମ୍ପର୍କରେ ଭାଇ ଓ ବେଆଇନ ଭାବେ ୨୦୦୭ରୁ ଭାରତରେ ରହୁଥିଲେ। ଦୁଇଭାଇଙ୍କୁ ୨୦୧୩ରେ ପଶ୍ଚିମବଙ୍ଗରୁ ଗିରଫ କରାଯାଇଥିଲା। ୨ ବର୍ଷ ଜେଲରେ ରହିବା ପରେ ବାଂଲାଦେଶକୁ ଉଭୟଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା। ହେଲେ ଦୁହେଁ ୨୦୧୫ରେ ପୁଣି ଭାରତ ଆସି ରହୁଥିଲେ।




ଚେନ୍ନାଇର ମାରିନା ବିଚ୍‌ରେ ବର୍ଷା ପାଣିରେ ପିଲାମାନେ ଖେଳୁଛନ୍ତି।

# ଗୁପ୍‌କାର ଗ୍ୟାଙ୍ଗ୍ ଅପବିତ୍ର ମେଣ୍ଟ

**ନୂଆଦିଲ୍ଲୀ,୧୭।୧୧(ପି.ଟି.)**

ଜମ୍ମୁ-କଶ୍ମୀରରେ ଜିଲା ବିକାଶ ପରିଷଦ ନିର୍ବାଚନ ପାଇଁ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ବିରୋଧୀଙ୍କୁ ଘେରିଛନ୍ତି। ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ୍ (ପିଏଜିଡି)କୁ ଶାହା ଏକ ଅପବିତ୍ର ମେଣ୍ଟ ଭାବେ ଅଭିହିତ କରିବା ସହ ଏହି ଗୋଷ୍ଠୀ କଂଗ୍ରେସ ସହ ମିଶି ଉପତ୍ୟକାକୁ ଆତଙ୍କ ଓ ଅଚଳାବସ୍ଥା ଭିତରକୁ ଟାଣିନେବା ପାଇଁ ଚାହୁଁଥିବା ସମାଲୋଚନା କରିଛନ୍ତି। ଶାହାଙ୍କ ଏହି ମନ୍ତବ୍ୟକୁ ନେଇ କଂଗ୍ରେସ, ନ୍ୟାଶନାଲ କଂଗ୍ରେସ (ଏନ୍‌ସି), ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ପକ୍ଷରୁ କଡ଼ା ପ୍ରତିକ୍ରିୟା ଆସିଛି।

ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଏକାଧିକ ଟୁଇଟ୍ କରି ନବଗଠିତ ରାଜନୈତିକ ମେଣ୍ଟ ପିଏଜିଡିକୁ 'ଗୁପ୍‌କାର ଗ୍ୟାଙ୍ଗ୍' ବୋଲି କହିଛନ୍ତି। ଶାହାଙ୍କ ମତରେ ଏହି ମେଣ୍ଟ ଏବେ ଗ୍ଲୋବାଲ୍ ହେବାରେ ଲାଗିଛି। ଗୁପ୍‌କାର ଗ୍ୟାଙ୍ଗ୍ ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ବିଦେଶୀ ଶକ୍ତିଗୁଡ଼ିକର ହସ୍ତକ୍ଷେପ ଚାହୁଁଛି। କଂଗ୍ରେସ ଓ ଗୁପ୍‌କାର ଗ୍ୟାଙ୍ଗ୍ ଜମ୍ମୁ-କଶ୍ମୀରକୁ ଆତଙ୍କ ଓ ବରବାଦର ରାସ୍ତାରେ ନେବାକୁ ଚାହୁଁଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଦଳିତ, ମହିଳା ଓ ଆଦିବାସୀମାନଙ୍କୁ ଦିଆଯାଇଥିବା ଅଧିକାରଗୁଡ଼ିକୁ ସେମାନେ ଛଡ଼ାଇନେବା ପାଇଁ ଉଦ୍ୟମ କରୁଛନ୍ତି। ଏହି କାରଣରୁ ସେମାନେ ସାରା ଦେଶର ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବାରେ ଲାଗିଛନ୍ତି। ଗୁପ୍‌କାର ଗ୍ୟାଙ୍ଗ୍ ଜାତୀୟ ଭାବଧାରାରେ ନ ରହିଲେ ଲୋକେ ସେମାନଙ୍କୁ ବୁଡ଼ାଇଦେବେ ବୋଲି ଶାହା କହିଛନ୍ତି। ପିଏଜିଡିକୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀ ସମର୍ଥନ କରୁଛନ୍ତି କି ନାହିଁ ତାହା ସ୍ପଷ୍ଟ କରନ୍ତୁ ବୋଲି ଶାହା ଦାବି କରିଛନ୍ତି।



- ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଚାହୁଁଛି ଗୁପ୍‌କାର ଗ୍ୟାଙ୍ଗ୍: ଶାହା
- ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ କଡ଼ା ଜବାବ ଦେଲେ କଂଗ୍ରେସ, ଏନ୍‌ସି, ପିଡିପି

କଂଗ୍ରେସ ଟୁଇଟରରେ ଦୁଇପୃଷ୍ଠା ସମ୍ବଳିତ ବିବୃତି ଜାରି କରି ଏହାର ଜବାବ ରଖିବା ସହ ଶାହାଙ୍କ ଅଭିଯୋଗକୁ ଭିତ୍ତିହୀନ ବୋଲି ଖଣ୍ଡନ କରିଛି। ଏଥିରେ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, କଶ୍ମୀର ପ୍ରସଙ୍ଗରେ ଅନ୍ତର୍ଜାତୀୟ ହସ୍ତକ୍ଷେପ ସପକ୍ଷରେ କଂଗ୍ରେସ କେବେ ରହିନାହିଁ। ଦେଶର ଅଖଣ୍ଡତା, ସାର୍ବଭୌମତ୍ୱ ଓ ତ୍ରିରଙ୍ଗା ପ୍ରତି ଦଳ ଅଙ୍ଗୀକାରବଦ୍ଧ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଜାତୀୟତାବାଦ ଉପରେ ଏକ ନୂଆ ଶିକ୍ଷା ଆବଶ୍ୟକ ଥାଇପାରେ। କାରଣ ସେମାନଙ୍କ ମୂଳ ସଙ୍ଗଠନ ଆର୍‌ଏସ୍‌ଏସ୍ ସ୍ୱାଧୀନତାର ୫୨ ବର୍ଷ ପର୍ଯ୍ୟନ୍ତ ନିଜ ମୁଖ୍ୟାଳୟରେ ତ୍ରିରଙ୍ଗା ପତାକା ଉଡ଼ାଇ ନ ଥିଲା। ସୁର୍ଜେୱାଲାଙ୍କ ମତରେ ଭାଜପା ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ପିଡିପି ସହ ୨୦୧୪ରେ ମେଣ୍ଟ କରିଥିବାବେଳେ ତାକୁ ଭୁଲିଯାଇ ଏବେ ସମାଲୋଚନା କରୁଛି। ସେହିପରି ଶ୍ରୀନଗରରେ ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ କମିଟି (ଜେକେପିସିସି) ମଧ୍ୟ ଦଳ ପିଏଜିଡିରେ ସାମିଲ ନ ଥିବା କହିଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତି ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଭିଯୋଗକୁ ହତାଶାପୂର୍ଣ୍ଣ ଅଭିଯୋଗ ବୋଲି କହିଛନ୍ତି। ଆମେ ଏକ ଗ୍ୟାଙ୍ଗ୍ ନୋହୁଁ, ବରଂ ଏକ ରାଜନୈତିକ ମେଣ୍ଟ। ଆମେ ପୂର୍ବରୁ ନିର୍ବାଚନ ଲଢ଼ିଛୁ ଓ ଏବେ ମଧ୍ୟ ଲଢ଼ିବାକୁ ଯାଉଛୁ ବୋଲି ଏନ୍‌ସି ଉପାଧ୍ୟକ୍ଷ ଓମାର ଟୁଇଟ୍ କରିଛନ୍ତି। ସେ ଆହୁରି କହିଛନ୍ତି, ପିଏଜିଡି ନିର୍ବାଚନ ବର୍ଜନ କରିବାକୁ ଯାଉଛି ବୋଲି ଶାହା ଶୁଣିଥିଲେ। ଏପରି ହୋଇଥିଲେ ଭାଜପା ଓ ରାଜାଙ୍କ ନୂଆ ଦଳ ଜମ୍ମୁ-କଶ୍ମୀରରେ ଜିତିବା ସୁଯୋଗ ପାଇଥାନ୍ତେ। ତେବେ ସେପରି ହେଉ ନ ଥିବାରୁ ଶାହା ଫ୍ରଷ୍ଟ୍ରେଶନରେ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେହିପରି ମେହବୁବା ମଧ୍ୟ ଏକାଧିକ ଟୁଇଟ୍ କରି କହିଛନ୍ତି, ପୁରୁଣା ଅଭ୍ୟାସ ମୁସ୍କିଲରେ ଶେଷ ହୋଇଥାଏ। ଭାଜପା ପୂର୍ବରୁ ଆମକୁ ଟୁକୁଡେ ଟୁକୁଡେ ଗ୍ୟାଙ୍ଗ୍ କହୁଥିଲା। ଏହି ଗ୍ୟାଙ୍ଗ୍ ଯୋଗୁ ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ସେମାନେ କହୁଥିଲେ। ଏବେ ଗୁପ୍‌କାର ଗ୍ୟାଙ୍ଗ୍ କହି ଆମକୁ ଦେଶବିରୋଧୀ ଦର୍ଶାଉଛନ୍ତି। ଭାଜପା ସମ୍ବିଧାନକୁ ଉଲ୍ଲଂଘନ କରି ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ସାଜିଛି। ଦେଶକୁ ବିଭାଜନ କରିବା ପାଇଁ ଭାଜପାର ଏହା ପୁରୁଣା କୌଶଳ ବୋଲି ମେହବୁବା ଶାହାଙ୍କୁ ଜବାବ ଦେଇଛନ୍ତି। କ୍ଷମତା ଲୋଭୀ ଭାଜପା ଯାହା ସହିତ ଚାହିଁବ ମେଣ୍ଟ କରିପାରିବ। ଆମେ ମେଣ୍ଟ କଲେ କିପରି ଦେଶବିରୋଧୀ ବୋଲି ସେ ପ୍ରଶ୍ନ କରିଛନ୍ତି।

ଜମ୍ମୁ-କଶ୍ମୀରରେ ନଭେମ୍ବର ୨୫ରେ ପ୍ରଥମ ପର୍ଯ୍ୟାୟ ଜିଲା ବିକାଶ ପରିଷଦ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ଶାହା ଏପରି ମନ୍ତବ୍ୟ ଦେଇଛନ୍ତି। ୨୦୧୯ ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ହଟାଯିବା ପରେ ଏହା ହେଉଛି ଉପତ୍ୟକାରେ ପ୍ରଥମ ନିର୍ବାଚନ।

# ଆତଙ୍କବାଦ ସବୁଠୁ ବଡ଼ ସମସ୍ୟା

**ନୂଆଦିଲ୍ଲୀ, ୧୭।୧୧**



- ବ୍ରିକ୍ସ ସମ୍ମିଳନୀରେ ପାକ୍ ଓ ଚାଇନାକୁ ମୋଦିଙ୍କ ସମାଲୋଚନା
- ଆତଙ୍କବାଦୀଙ୍କୁ ସମର୍ଥନ ଦେଉଥିବା ଦେଶ ବିରୋଧରେ ବର୍ଷିଲେ

ଆତଙ୍କବାଦ ବିଶ୍ୱ ଲାଗି ଏବେ ବଡ଼ ବିପଦ ପାଲଟିଛି। ଆତଙ୍କବାଦୀଙ୍କୁ ସମର୍ଥନ ଓ ସହାୟତା ଦେଉଥିବା ଦେଶକୁ ଦୋଷ ଦେବା ସହ ଏହା ବିରୋଧରେ ମିଳିତ ଲଢ଼େଇର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ଏଥିଲାଗି ମିଳିତ ପଦକ୍ଷେପର ଆବଶ୍ୟକତା ରହିଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ୫ ଦେଶୀୟ ବ୍ରିକ୍ସ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୋଦି ପରୋକ୍ଷରେ ପାକିସ୍ତାନ ଓ ଚାଇନାକୁ ସମାଲୋଚନା କରିଛନ୍ତି।

ଦ୍ୱାଦଶତମ ବ୍ରିକ୍ସ ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଅଧ୍ୟକ୍ଷତା କରିଥିବାବେଳେ ଚାଇନା ରାଷ୍ଟ୍ରପତି ଶି. ଜିନ୍‌ପିଙ୍ଗ, ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ ଓ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମଫୋସା ଯୋଗଦେଇଥିଲେ। ଏହି ଅବସରରେ ମୋଦି ଜାତିସଂଘ ସୁରକ୍ଷା ପରିଷଦ, ବିଶ୍ୱ ବାଣିଜ୍ୟ ସଙ୍ଗଠନ, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ସଂସ୍କାର ଜରୁରୀ ବୋଲି ପ୍ରକାଶ କରିଥିଲେ। କରୋନା ମହାମାରୀକୁ ନେଇ ସେ ଭାରତୀୟ ଟିକା ଉତ୍ପାଦନ ଓ ଯୋଗାଣ ମାନବ ଜାତିର ସ୍ୱାର୍ଥ ଲାଗି ଉଦ୍ଦିଷ୍ଟ ବୋଲି ମତ ଦେଇଥିଲେ। ଭାରତ ଏଥିଲାଗି ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ମହାମାରୀ ପରେ ଦେଶ ଦ୍ରୁତ ବିକାଶ ଆଡ଼କୁ ମୁହାଁଇବ ବୋଲି ମୋଦି କହିଥିଲେ।

# ବିହାର ମନ୍ତ୍ରିମଣ୍ଡଳର ବିଭାଗ ବଣ୍ଟନ

**ପାଟନା, ୧୭।୧୧**

### ତାରକିଶୋରଙ୍କୁ ଅର୍ଥ, ରେଣୁ ଦେବୀଙ୍କୁ ପଞ୍ଚାୟତିରାଜ

ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମନ୍ତ୍ରିମଣ୍ଡଳର ବିଭାଗ ବଣ୍ଟନ କରିଛନ୍ତି। ୧୪ ଜଣିଆ ମନ୍ତ୍ରିମଣ୍ଡଳରେ ଭାଜପାର ତାରକିଶୋର ପ୍ରସାଦ ଓ ରେଣୁ ଦେବୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ମଙ୍ଗଳବାର ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗ ମିଳିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ ପାଖରେ ଗୃହ, ସାଧାରଣ ପ୍ରଶାସନ, କ୍ୟାବିନେଟ, ଭିଜିଲାନ୍ସ, ନିର୍ବାଚନ ଓ ଅନ୍ୟ କେତେକ ବିଭାଗ ରଖିଛନ୍ତି। ଉପମୁଖ୍ୟମନ୍ତ୍ରୀ ତାରକିଶୋର ପ୍ରସାଦଙ୍କୁ ଅର୍ଥ, ବାଣିଜ୍ୟ କର, ଜଙ୍ଗଲ ଓ ପରିବେଶ, ସୂଚନା ପ୍ରଯୁକ୍ତି, ବିପର୍ଯ୍ୟୟ ପରିଚାଳନା, ନଗର ଉନ୍ନୟନ ବିଭାଗ ମିଳିଛି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ରେଣୁ ଦେବୀଙ୍କୁ ପଞ୍ଚାୟତିରାଜ, ପଛୁଆବର୍ଗ ବିକାଶ, ଶିଳ୍ପ ବିଭାଗ ପ୍ରଦାନ କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରୁ ବିଜୟ ଚୌଧୁରୀଙ୍କୁ ଗ୍ରାମୀଣ ବିକାଶ, ଜଳ ସମ୍ପଦ, ସୂଚନା ଓ ପ୍ରସାରଣ, ସଂସଦୀୟ ବ୍ୟାପାର ବିଭାଗ ମିଳିଛି। ସେହିଭଳି ବିଜେନ୍ଦ୍ର ଯାଦବଙ୍କୁ ଶକ୍ତି, ଯୋଜନା, ଖାଦ୍ୟ ଓ ଉପଭୋକ୍ତା ବିଭାଗ, ମେୱାଲାଲ୍ ଚୌଧୁରୀଙ୍କୁ ଶିକ୍ଷା, ଶୀଲା କୁମାରୀଙ୍କୁ ପରିବହନ, ସନ୍ତୋଷ ମାଝିଙ୍କୁ କ୍ଷୁଦ୍ର ଜଳସେଚନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ବ୍ୟାପାର, ମୁକେଶ ସାହାଣୀଙ୍କୁ ପଶୁପାଳନ ଓ ମତ୍ସ୍ୟ, ମଙ୍ଗଲ ପାଣ୍ଡେଙ୍କୁ ସ୍ୱାସ୍ଥ୍ୟ, କଳା, ସଂସ୍କୃତି, ଅମରେନ୍ଦ୍ର ସିଂଙ୍କୁ କୃଷି, ସମବାୟ, ରାମ୍‌ପ୍ରୀତ୍ ପାଶ୍ୱାନଙ୍କୁ ପିଏଚ୍‌ଇଡି, ଜୀବେଶ୍ କୁମାରଙ୍କୁ ପର୍ଯ୍ୟଟନ, ଶ୍ରମ ଓ ଖଣି ଏବଂ ରାମ୍ ସୁରତ୍‌ଙ୍କୁ ଆଇନ ଓ ରାଜସ୍ୱ ବିଭାଗ ପ୍ରଦାନ କରାଯାଇଛି।




ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ରାଜନେତାଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଛି।

# ଲଭ୍ ଜିହାଦ୍ ବିରୋଧରେ ହେବ କଡ଼ା ଆଇନ

**ଭୋପାଳ, ୧୭।୧୧**

### ୫ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ



ଲଭ୍ ଜିହାଦ୍ ବିରୋଧରେ ଖୁବ୍‌ଶୀଘ୍ର କଠୋର ଆଇନ ଆସିବ। ଆଗାମୀ ବିଧାନସଭା ଅଧିବେଶନରେ ଏନେଇ ବିଲ୍ ଆସିବ ବୋଲି ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ମଙ୍ଗଳବାର ପ୍ରକାଶ କରିଛନ୍ତି। ଏଥିରେ ୫ ବର୍ଷ ସଶ୍ରମ କାରାଦଣ୍ଡର ବ୍ୟବସ୍ଥା ରହିବ। ସରକାର ଧର୍ମ ସ୍ୱତନ୍ତ୍ର ବିଲ୍ ୨୦୨୦ ବିଧାନସଭାରେ ଆଣିବାକୁ ଯାଉଛନ୍ତି। ଭିନ୍ନ ଧର୍ମର ଯୁବତୀଙ୍କୁ ଧର୍ମାନ୍ତରୀକରଣ କରି ବଳପୂର୍ବକ ବିବାହ କରିବା ଓ ଧୋକାଦେବା ଏଣିକି ଅପରାଧ ଭାବେ ଗଣନା କରାଯିବ। ଏଥିଲାଗି ଅପରାଧୀଙ୍କୁ ଜାମିନ୍ ମିଳିବ ନାହିଁ। ଲଭ୍ ଜିହାଦ୍ ଏବେ ବଢ଼ୁଥିବାରୁ ଏହା ଉପରେ ସରକାର ଲଗାମ୍ ଲଗାଇବାକୁ ଯାଉଥିବା ମିଶ୍ର ପ୍ରକାଶ କରିଛନ୍ତି। ଭିନ୍ନ ଧର୍ମର ଯୁବତୀଙ୍କୁ ଧର୍ମାନ୍ତରୀକରଣ କରି ବଳପୂର୍ବକ ବିବାହ କରିବା ଘଟଣାରେ ପରିବାର ଲୋକେ ମାମଲା ରୁଜୁ କରିବା ବାଧ୍ୟତାମୂଳକ କରାଯିବ।

## ୨ ଭଉଣୀଙ୍କୁ ମାରି ପୋଖରୀରେ ଫିଙ୍ଗିଦେଲେ

**ଫତେହପୁର, ୧୭।୧୧**

### ବଳାତ୍କାର ଉଦ୍ୟମରେ ବିଫଳ ପରେ ହତ୍ୟା ଅଭିଯୋଗ

ଉତ୍ତରପ୍ରଦେଶର ଫତେହପୁରରେ ଦୁଇ ଦଳିତ ଭଉଣୀଙ୍କୁ ମାରି ଏକ ପୋଖରୀରେ ଫିଙ୍ଗିଦିଆଯାଇଛି। ସେମାନଙ୍କ ବୟସ ୮ ଓ ୧୨ ବର୍ଷ ହେବ ବୋଲି ଜଣାପଡ଼ିଛି। ପୋଖରୀରୁ ମୃତଦେହ ଉଦ୍ଧାର କରାଯିବା ପରେ ଆଖି ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ରହିଥିବା ଦେଖାଯାଇଛି। ସେମାନଙ୍କୁ ବଳାତ୍କାର ଉଦ୍ୟମ ପରେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପରିବା ଆଣିବା ଲାଗି ଦୁଇ ଭଉଣୀ କ୍ଷେତକୁ ଯାଇ ଆଉ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ମୃତଦେହକୁ ପୋଷ୍ଟମର୍ଟମ ଲାଗି ପଠାଯାଇଥିବା ପ୍ରକାଶ। ଏହି ଘଟଣାରେ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ।

# ଶିଶୁକନ୍ୟାଙ୍କୁ ଗଣବଳାତ୍କାର ପରେ ହତ୍ୟା

**କାନ୍‌ପୁର, ୧୭।୧୧**

### ଗୁଣିଗାରେଡ଼ି ଲାଗି ମୃତଦେହରୁ ଫୁସ୍‌ଫୁସ୍ କାଢ଼ିନେଲେ

ଉତ୍ତରପ୍ରଦେଶର କାନ୍‌ପୁର ଅନ୍ତର୍ଗତ ଭଦ୍ରାସ୍ ଗ୍ରାମରେ ଜଣେ ଶିଶୁକନ୍ୟା(୬)ଙ୍କୁ ଦୀପାବଳି ରାତିରେ ଗଣବଳାତ୍କାର କରି ହତ୍ୟା କରାଯାଇଛି। ବାଣ କିଣିବା ଲାଗି ଯାଇଥିବାବେଳେ ଘଟମ୍ପୁରରୁ ସେ ନିଖୋଜ ହୋଇଯାଇଥିଲେ। ଗତ ୧୫ ତାରିଖରେ ତାଙ୍କ ମୃତଦେହ ମିଳିଥିଲା। ଅପହରଣକାରୀମାନେ ଶିଶୁକନ୍ୟାଙ୍କୁ ଏକ ଜଙ୍ଗଲରେ ଗଣବଳାତ୍କାର ପରେ ହତ୍ୟା କରିଥିଲେ। ଗୁଣିଗାରେଡ଼ି ଲାଗି ମୃତଦେହରୁ ଫୁସ୍‌ଫୁସ୍ କଢ଼ାଯାଇଥିବା ପୋଲିସ କହିଛି। ସନ୍ତାନ ପ୍ରସବ ଲାଗି ଏହି ଗୁଣିଗାରେଡି ମହିଳାଙ୍କୁ ସହାୟ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ପୋଲିସ ମୃତଦେହ ନିକଟରୁ ଶିଶୁକନ୍ୟାଙ୍କ ଚପଲ, ବସ୍ତ୍ରାଦି ଜବତ କରି ତଦନ୍ତ ଚଳାଇଛି। ପର୍ଶୁରାମ କୁରିଲ୍‌ଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ସ୍ତ୍ରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପୂର୍ବରୁ ଅଙ୍କୁଲ୍ କୁରିଲ (୨୦) ଓ ବୀରନ୍ (୩୧)ଙ୍କୁ ଗିରଫ କରାଯାଇଥିଲା। ୧୯୯୯ରେ ପର୍ଶୁରାମ ବିବାହ କରିଥିବାବେଳେ ତାଙ୍କର ସନ୍ତାନସନ୍ତତି ନ ହେବାରୁ ଅଙ୍କୁଲ୍ ଓ ବୀରନ୍‌ଙ୍କ ଦ୍ୱାରା ଶିଶୁକନ୍ୟାଙ୍କୁ ଅପହରଣ କରିଥିବା ସେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।




ଦିଲ୍ଲୀରେ ଦୁଇଜଣ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ ହୋଇଛନ୍ତି। ସେମାନେ ହେଲେ ଅବ୍‌ଦୁଲ୍ ଲତିଫ ଓ ଅଶ୍ରଫ୍ ଖଟାନା। ଉଭୟଙ୍କୁ ସୋମବାର ରାତିରେ ଧରାଯିବା ପରେ ନୂଆଦିଲ୍ଲୀର ଜନକପୁରୀସ୍ଥିତ ଆତଙ୍କବାଦ ନିରୋଧୀ ସେଲ୍ ଅଫିସ୍‌କୁ ନିଆଯାଉଛି।

# ରାହୁଲଙ୍କ ସୁବିଧା ଲାଗି ମନମୋହନ ପ୍ରଧାନମନ୍ତ୍ରୀ ହୋଇଥିଲେ

**ୱାଶିଂଟନ, ୧୭।୧୧**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ନିଜ ଆତ୍ମଜୀବନୀ 'ଏ ପ୍ରୋମିସ୍‌ଡ ଲ୍ୟାଣ୍ଡ'ରେ ଭାରତୀୟ ରାଜନୀତି ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ, ହଠାତ୍ ମନମୋହନ ସିଂଙ୍କୁ ସୋନିଆ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ କରିବା ପଛରେ ସ୍ୱତନ୍ତ୍ର କାରଣ ରହିଛି। ଆଗକୁ ରାହୁଲଙ୍କ ପ୍ରତି ଯେପରି କୌଣସି ଅସୁବିଧା ନ ହେଉ, ସେଥିଲାଗି ଏହି ବୟସ୍କ ଶିଖ୍‌ନେତାଙ୍କୁ ସୋନିଆ ପ୍ରଧାନମନ୍ତ୍ରୀ କରିଥିଲେ। ମନମୋହନଙ୍କ ଭାରତୀୟ ଜାତୀୟ ରାଜନୀତିରେ ସେଭଳି ଦଖଲ ନ ଥିଲା ଓ ସେ ବେଶିଦିନ ସକ୍ରିୟ ରହିପାରିବେ ନାହିଁ ବୋଲି ସୋନିଆ ଜାଣିଥିଲେ। ରାହୁଲଙ୍କୁ ଅଭିଜ୍ଞ କରିବା ସହ କଂଗ୍ରେସର ମଙ୍ଗ ଧରାଇ ଦେଶ ଶାସନର ଭାର ଦେବା ଲାଗି ସୋନିଆ ଏଭଳି ଚାଲ୍ ଖେଳିଥିଲେ ବୋଲି ଓବାମା ପ୍ରକାଶ କରିଛନ୍ତି। ମନମୋହନଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଦେଶ ବିକାଶ ଆଡ଼କୁ ଯାଇଥିଲେ ହେଁ ସେ ପ୍ରଧାନମନ୍ତ୍ରୀ ହେବା ଏକ ମ୍ୟାଜିକ୍ ଥିଲା। ରାହୁଲଙ୍କ ସୁବିଧା ଲାଗି ସୋନିଆ ଏଭଳି ଗୋଟିଚାଳନା କରିଥିବା ଓବାମା ଉଲ୍ଲେଖ କରିଛନ୍ତି। ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବାବେଳେ ତାଙ୍କ ବାସଭବନରେ ଅନୁଷ୍ଠିତ ଏକ ନୈଶଭୋଜିରେ ଓବାମା ଉପସ୍ଥିତ ଥିଲେ। ଏହି ନୈଶ ଭୋଜିରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ମଧ୍ୟ ଉପସ୍ଥିତ ଥିଲେ। ସୋନିଆ ଅଧିକ ଶୁଣିବା ସହ କମ୍ କଥା କହିଥାନ୍ତି ଓ ବିଭିନ୍ନ କଥାରେ ପୁଅ ରାହୁଲଙ୍କୁ ସମର୍ଥନ କରୁଥାନ୍ତି। ଏମିତିକି ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମନମୋହନଙ୍କୁ ଗୁରୁତ୍ୱ ନ ଦେଇ ରାହୁଲଙ୍କ ସହ ସେ କଥା ହୋଇଥାନ୍ତି। ଭବିଷ୍ୟତରେ ରାହୁଲଙ୍କୁ ଦକ୍ଷକରିବା ଓ ସକ୍ରିୟ ରାଜନୀତିରେ ପ୍ରବେଶ କରାଇବା ସୋନିଆଙ୍କ ଉଦ୍ଦେଶ୍ୟ ଥିଲା ବୋଲି ଓବାମା କହିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୫୬,୦୯,୮୦୧ | ୧୩,୩୬,୭୫୯ | ୩,୮୭,୮୫,୨୯୧ |
| ଭାରତ | ୮୯,୦୦,୦୦୮ | ୧,୩୦,୭୯୭ | ୮୩,୧୮,୭୭୮ |
| ଓଡ଼ିଶା | ୩,୧୦,୦୫୨ | ୧୫୬୦(+୫୩) | ୩,୦୦,୪୭୪ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସ୍ୱାଭିମାନ ଅଞ୍ଚଳର ସବୁ ପରିବାରକୁ ସ୍ମାର୍ଟଫୋନ୍

## ବଣ୍ଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ସ୍ୱାଭିମାନ ଅଞ୍ଚଳର ସ୍ମାର୍ଟଫୋନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

- ୩ ନୂଆ ମୋବାଇଲ ଟାୱାର ନିର୍ମାଣ ହେବ
- ସ୍ୱାଭିମାନ ଅଞ୍ଚଳ ମୋ ହୃଦୟରେ ରହିଛି: ମୁଖ୍ୟମନ୍ତ୍ରୀ
- ହିଂସା ଛାଡ଼ି ମୁଖ୍ୟ ସ୍ରୋତକୁ ଫେରିବାକୁ ମାଓବାଦୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର/ ମାଲକାନଗିରି/ ଚିତ୍ରକୋଣ୍ଡା, ୧୭।୧୧ (ବ୍ୟୁରୋ)

ସ୍ୱାଭିମାନ ଅଞ୍ଚଳର ସବୁ ପରିବାରକୁ ରାଜ୍ୟ ସରକାର ମାଗଣାରେ ମୋବାଇଲ ଫୋନ୍ ଯୋଗାଇଦେବେ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିବା ସହ ସ୍ମାର୍ଟଫୋନ୍ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋବାଇଲ ଫୋନ୍ ଦ୍ୱାରା ସ୍ୱାଭିମାନ ଅଞ୍ଚଳ ପିଲାଙ୍କ ଅନ୍‌ଲାଇନ ଶିକ୍ଷାରେ ସୁବିଧା ହେବ। ଏଥିସହ ସେହି ଅଞ୍ଚଳର ଜନସାଧାରଣଙ୍କୁ ଅନ୍ୟ ଅଞ୍ଚଳ ସହ ଯୋଡ଼ିବାରେ ସହାୟକ ହେବ। ସ୍ୱାଭିମାନ ଅଞ୍ଚଳ ସବୁବେଳେ ମୋ ହୃଦୟରେ ରହିଛି। ଏହାକୁ ରାଜ୍ୟର ଏକ ଆଗୁଆ ଅଞ୍ଚଳ ଭାବେ ଗଢ଼ିବା ପାଇଁ ଉଦ୍ୟମ ଜାରିରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାଭିମାନ ଅଞ୍ଚଳରେ ୪ଟି ମୋବାଇଲ ଫୋନ୍ ଟାୱାର ଥିବାବେଳେ ୪-ଜି ସୁବିଧା ସହ ଆହୁରି ୩ ଟାୱାର ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୮ରେ ସେ ଅଞ୍ଚଳକୁ ଯାଇ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ କରିଥିଲେ। ସେତେବେଳେ ୧୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଥିଲେ। ପରେ ଏହାକୁ ୨୨୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ପରିବର୍ଦ୍ଧିତ ପ୍ୟାକେଜରେ ଶିକ୍ଷାଠାରୁ ଆରମ୍ଭକରି ଜୀବିକା ସ୍ୱାସ୍ଥ୍ୟ ସେବା, ଯୋଗାଯୋଗ, ପିଇବା ପାଣି, ଜଳସେଚନ, ଘର, ବ୍ୟାଙ୍କ ସେବା ଆଦି ବିଷୟରେ ଗୁରୁତ୍ୱ ଦିଆଯାଇଛି। ମିଶନ୍ ଶକ୍ତିର ମା'ମାନଙ୍କ ପାଇଁ ଏକ୍ସପୋଜର ଭିଜିଟ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାଭିମାନ ଅଞ୍ଚଳରେ ଚାଲିଥିବା ବିକାଶ କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି,ଏହି ଅଞ୍ଚଳରେ ହଳଦୀ ଚାଷ ପ୍ରତି ଲୋକଙ୍କର ଆଗ୍ରହ ଦେଖି ସେଠାରେ ଅଧିକ ହଳଦୀ ଚାଷ ପାଇଁ ବ୍ୟବସ୍ଥା ସହିତ ପ୍ରକ୍ରିୟାକରଣ ଏବଂ ବଜାର ସୁବିଧା ସୃଷ୍ଟି କରାଯାଉଛି।

ବିଜୁଳି ସେବା ପାଇଁ ୩୩ / ୧୧ କେ.ଭି. ବିଦ୍ୟୁତ୍ ସବ୍‌ଷ୍ଟେଶନ କାମ ଖୁବ୍‌ଶୀଘ୍ର ଶେଷ ହେବ। ୧୧ କେ.ଭି. ୩ ଫେଜ୍ ଲାଇନ ସଂଯୋଗ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗାଁ ଗାଁରେ କଂକ୍ରିଟ ରାସ୍ତାଠାରୁ ଆରମ୍ଭକରି ୭୮ କି.ମି. ପିଚୁ ରାସ୍ତା ଓ ୭ଟି ସେତୁ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହିତ ଭଲ ପିଇବା ପାଣି ପାଇଁ ୨୦ କୋଟି ଟଙ୍କାରେ ଗୋଟିଏ ବୃହତ୍ ପାଇପ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ୨୫୦ନଳକୂପ କାମ ଶେଷ ହୋଇଛି ବୋଲି ସେ କହିଛନ୍ତି।

ସ୍ୱାଭିମାନ ଅଞ୍ଚଳରେ ଜଳସେଚନ ପାଇଁ ୩୨ କୋଟି ଟଙ୍କା ଖର୍ଚ୍ଚରେ ୪୩ ଉଠା ଜଳସେଚନ ପ୍ରକଳ୍ପ ଏବଂ ୪୧୯ ଗଭୀର ନଳକୂପ କରାଯିବ। ଏହାଦ୍ୱାରା ୧୭୦୦ ହେକ୍ଟର ଜମିକୁ ପାଣି ମିଳିପାରିବ। ସ୍ୱାଭିମାନ ଅଞ୍ଚଳରେ ୮୨ ଅଙ୍ଗନୱାଡି କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ଏହା ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ହିଂସା ଛାଡ଼ି ମୁଖ୍ୟ ଧାରାକୁ ଫେରିବା ସହିତ ବିକାଶ କାମକୁ ଆଗେଇ ନେବାରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ମାଓବାଦୀ ନେତାମାନଙ୍କୁ ଅନୁରୋଧ କରିଛନ୍ତି ।

ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସ୍ଥିର ଓ ସ୍ୱଚ୍ଛ ଶାସନ ଯୋଗୁ ଓଡ଼ିଶା ବିକାଶ କ୍ଷେତ୍ରରେ ବିଶ୍ୱ ଦରବାରରେ ସୁନାମ ଅର୍ଜନ କରିଛି। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଞ୍ଚଳର ବିକାଶରେ ବୈପ୍ଳବିକ ପରିବର୍ତ୍ତନ ଆସିଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ମାଝି ଏବଂ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ୱାଭିମାନ ଅଞ୍ଚଳର କେତେକ ଜନସାଧାରଣଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସେମାନେ ସମସ୍ତେ କହିଥିଲେ, ଗୁରୁପ୍ରିୟା ସେତୁର ନିର୍ମାଣ ସହିତ ଅଞ୍ଚଳର ବିକାଶ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ନିଷ୍ଠା ଓ ଉଦ୍ୟମ ଯୋଗୁ ସେମାନେ ଆଜି ସବୁ ପ୍ରକାର ସୁବିଧା ପାଇ ପାରୁଛନ୍ତି । ଗମନାଗମନର ସୁବିଧା ସହ ଘର, ଜମି, ଚାଉଳ, ମୋବାଇଲ ସବୁ ସୁବିଧା ପାଉଛନ୍ତି। ମା'ବାପା ଜନ୍ମଦାତା ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ସେମାନଙ୍କ କର୍ମଦାତା ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ପ୍ରମୁଖ ସଚିବ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସଚିବ, ଭାରତ ଇନ୍‌ଫ୍ରାଟେଲର ରାଜ୍ୟ ମୁଖ୍ୟ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ୬୪୪ ଆକ୍ରାନ୍ତ ଚିହ୍ନଟ, ୧୭ ମୃତ

ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

ରାଜ୍ୟରେ କ୍ରମାଗତ ଭାବେ ଦୈନିକ ସଂକ୍ରମଣ ସଂଖ୍ୟା କମିବାରେ ଲାଗିଛି। କିନ୍ତୁ ମୃତ୍ୟୁ ସଂଖ୍ୟା ଏବେ ବି ଉପରମୁହାଁ ହୋଇ ରହିଛି। ପ୍ରତିଦିନ ମୃତ୍ୟୁ ସଂଖ୍ୟା ୧୦ ଉପରେ ରହୁଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୧୭ଜଣଙ୍କର କରୋନାରେ ଜୀବନ ଯାଇଛି। ଏମାନଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ୪ଜଣ ଥିବାବେଳେ ସମ୍ବଲପୁରରୁ ୩ଜଣ, ସୁବର୍ଣ୍ଣପୁର ଓ ଜଗତ୍‌ସିଂହପୁରରୁ ୨ଜଣ ଲେଖାଏ, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କଟକ, ଭଦ୍ରକ ଓ ବରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ସୁନ୍ଦରଗଡ଼ ଜିଲାରେ ମୃତ୍ୟୁ ସଂଖ୍ୟା ୧୦୦ ଟପିଛି। ଏଥିସହ ରାଜ୍ୟରେ ଏବେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୫୬୦କୁ ବୃଦ୍ଧି ପାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୬୪୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୩୭୧ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟର ଓ ୨୭୩ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୩ ଜଣ ଥିବାବେଳେ କୋରାପୁଟ ଓ ରାୟଗଡ଼ା ଜିଲାରେ ସର୍ବନିମ୍ନ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୧୦,୦୫୨ରେ ପହଞ୍ଚିଛି। ଅନ୍ୟପକ୍ଷରେ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୩ଲକ୍ଷ ଟପିଛି। ମଙ୍ଗଳବାର ୧,୩୧୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୩,୦୦,୪୭୪କୁ ବୃଦ୍ଧି ପାଇଛି।

## ସଂକ୍ଷେପରେ

### 'କ୍ୟୁଆର୍‌ଏସ୍‌ଏମ୍'ର ପରୀକ୍ଷଣ ସଫଳ



ବାଲେଶ୍ୱର ଅଫିସ, ୧୭।୧୧: ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର୍ (ସମନ୍ୱିତ ପରୀକ୍ଷଣ କେନ୍ଦ୍ର ପରିସର) ୩ନଂ. ଲଞ୍ଚପ୍ୟାଡ୍‌ରୁ ମଙ୍ଗଳବାର 'କ୍ୟୁଆର୍‌ଏସ୍‌ଏମ୍' (କୁଇକ୍ ରିଆକ୍ସନ୍ ସର୍ଫେସ୍ ଟୁ ଏୟାର) କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହୋଇଛି। ଏହା ପାଇଲଟ ବିହୀନ ଟାର୍ଗେଟ୍ ଏୟାରକ୍ରାଫ୍ଟ 'ବଂଶୀ'କୁ ଭେଦ କରିଛି। ପ୍ରଥମଥର ପାଇଁ ଏଥିରେ ଜୀବନ୍ତ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇଛି। କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୩୦ କି.ମି.। ସ୍ଥଳଭାଗରୁ ଆକାଶକୁ ଲକ୍ଷ୍ୟଭେଦ ସହ ଶତ୍ରୁପକ୍ଷର ଏୟାରକ୍ରାଫ୍ଟକୁ ଏହି କ୍ୟୁଆର୍‌ଏସଏମ୍‌ରେ ଧ୍ୱଂସ କରିହେବ। ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ଏହି କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି।

### ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ପାଇବେ ଜୋତା, ଶୀତବସ୍ତ୍ର

ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

ଅଙ୍ଗନୱାଡ଼ି ଯାଉଥିବା ୩ରୁ ୬ବର୍ଷ ବୟସର ଶିଶୁଙ୍କୁ ଜୋତା, ମୋଜା ଏବଂ ସ୍ୱେଟର ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଆନୁକୂଲ୍ୟରେ ଚଳିତ ବର୍ଷଠାରୁ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଏହିସବୁ ସାମଗ୍ରୀ ପ୍ରଦାନ କରାଯିବ। ନଭେମ୍ବର ୧୪ ଶିଶୁ ଦିବସରୁ ବିଧିବଦ୍ଧ ଭାବେ ଏହାର ଆରମ୍ଭ ହୋଇଛି। ନଭେମ୍ବର ୧୭ ସୁଦ୍ଧା ରାଜ୍ୟରେ ଥିବା ୭୨,୫୮୭ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୫୨,୪୮୫ଟିରେ ପ୍ରତ୍ୟେକ ଶିଶୁଙ୍କୁ ହଳେ ଲେଖାଏ ଜୋତା, ମୋଜା ଏବଂ ଗୋଟିଏ ସ୍ୱେଟର ପ୍ରଦାନ କରାଯାଇଛି। ନଭେମ୍ବର ୨୫ ସୁଦ୍ଧା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁଙ୍କୁ ସ୍ୱେଟର ପ୍ରଦାନ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

### ବିଧାନସଭାରେ ସରିଲା ପ୍ରଥମ ଦିନ ଟେଷ୍ଟିଂ

ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ): ବିଧାନସଭା ଶୀତ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଏଥିଲାଗି ମଙ୍ଗଳବାରରୁ ମନ୍ତ୍ରୀ, ବିଧାୟକ ଓ ବିଧାନସଭା କର୍ମଚାରୀଙ୍କ କରୋନା ଟେଷ୍ଟ ଆରମ୍ଭ ହୋଇଛି। ପ୍ରଥମେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ପରୀକ୍ଷା କରାଯାଇଛି। ଏହି ଟେଷ୍ଟ ୩ ଦିନ ଧରି ଚାଲିବ। ଯେଉଁମାନଙ୍କ ରିପୋର୍ଟ ନେଗେଟିଭ ଆସିବ ସେମାନଙ୍କୁ ଅଧିବେଶନରେ ବସିବାକୁ ସୁଯୋଗ ମିଳିବ। ଗତ ଅଧିବେଶନ ଭଳି ଏଥର ମଧ କରୋନା କଟକଣା ମଧ୍ୟରେ ବିଧାନସଭା ହେଉଛି। ଏହି ଅଧିବେଶନ ଲାଗି ବିଧାନସଭାକୁ ଦୁଇ ଥର ଦିନରେ ବିଶୋଧନ କରାଯିବ। ଅଧିବେଶନ ପୂର୍ବରୁ କରୋନା ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ଭିଡକୁ ଦୃଷ୍ଟିରେ ରଖି ବିଧାୟକ ଏବଂ ମନ୍ତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟେଷ୍ଟିଂ କାଉଣ୍ଟର କରାଯାଇଛି। ବୟସ୍କ କିମ୍ବା ଅସୁସ୍ଥ ଅନୁଭବ କରୁଥିବା ମନ୍ତ୍ରୀ କିମ୍ବା ବିଧାୟକଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି।

# ୬ ଜିଲାରେ ଭାଜପାର ନୂଆ କାର୍ଯ୍ୟାଳୟ

ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

ଭାଜପା କାର୍ଯ୍ୟାଳୟ ଏକ କୋଠା ନୁହେଁ ବରଂ ଏହା ଏକ ସଂସ୍କାର କେନ୍ଦ୍ର। ଏହି ଭବନ ମାଧ୍ୟମରେ ଆମେ ଦଳ ସହ ଯୋଡ଼ି ହୋଇ ରହିଥାଉ। ଦଳର ସଂସ୍କାର କାର୍ଯ୍ୟାଳୟରୁ ହିଁ ମିଳିଥାଏ। ବିଶ୍ୱର ସର୍ବବୃହତ ଦଳର ଏହି କାର୍ଯ୍ୟାଳୟଗୁଡ଼ିକ କାର୍ଯ୍ୟକର୍ତ୍ତାଙ୍କ ବିକାଶରେ ଭାଗିଦାର ହେବ। କେବଳ ସେତିକି ନୁହେଁ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାଙ୍କ ସମସ୍ୟା ସମାଧାନ କରାଯାଏ। କିନ୍ତୁ କିଛି ଲୋକଙ୍କ କାର୍ଯ୍ୟାଳୟ ନିଜ ଘରୁ ଚାଲିଥାଏ। ଯେଉଁଠି କର୍ଯ୍ୟାଳୟ ଘରୁ ଚାଲେ ତାକୁ ପାରିବାରିକ ଦଳ କୁହାଯାଏ ବୋଲି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା କହିଛନ୍ତି। ଦିଲ୍ଲୀଠାରେ ଭିଡିଓ କନଫରେନ୍ସ ଜରିଆରେ ଉପସ୍ଥିତ ରହି ନଡ୍ଡା ଓଡ଼ିଶାର ୬ ଜିଲା ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ବାରିପଦା, ସୁନ୍ଦରଗଡ଼ ଏବଂ ବରଗଡ଼ଠାରେ ଦଳର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଏହି ସଭାରେ ନଡ୍ଡା ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ରାଜ୍ୟ ଭାଜପା ଲାଗି ଆଜି ଖୁସିର ଦିନ। ୨୦୧୪ରେ ଦେଶର ପ୍ରତ୍ୟେକ ଜିଲାରେ ଦଳୀୟ କାର୍ଯ୍ୟାଳୟ ନିର୍ମାଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳ୍ପନା କରିଥିଲେ। ଓଡିଶାରେ ଆଗାମୀ ଦିନରେ ଆଉ ୬ଟି କାର୍ଯ୍ୟାଳୟ ନିର୍ମାଣ ହେବ ବୋଲି ନଡ୍ଡା କହିଛନ୍ତି। ଦିଲ୍ଲୀଠାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ, ଏମ୍‌ପି ଅରୁଣ ସିଂ ଏବଂ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଉପସ୍ଥିତ ଥିବାବେଳେ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତି ଉପସ୍ଥିତ ଥିଲେ।




ଭିଡିଓ କନ୍‌ଫରେନ୍ସ ଜରିଆରେ ଭାଜପାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଦଳୀୟ ନେତା।

# ଓଡ଼ିଶାରେ ଭାଜପାର ୫୦% ଭୋଟ ଲକ୍ଷ୍ୟ

ନୂଆଦିଲ୍ଲୀ, ୧୭।୧୧

୨୦୨୪ ବିଧାନସଭା ନିର୍ବାଚନରେ ଓଡ଼ିଶାରେ ଭାଜପା ୫୦%ଭୋଟ ହାତେଇବା ଲକ୍ଷ୍ୟ ରଖିଛି। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ସଭା ସଦସ୍ୟ ବିଜୟ ପାଲ୍ ସିଂ ତୋମାର। ଭାଜପାର ଓଡ଼ିଶା ଦାୟିତ୍ୱରେ ଥିବା ରାଜ୍ୟ ସଭା ସଦସ୍ୟ ତଥା ସହପ୍ରଭାରୀ ବିଜୟ କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମଧ୍ୟ ଘୋଷଣା କରାଯିବ। ଓଡ଼ିଶାରେ ବହୁ ଭଲ ନେତା ଅଛନ୍ତି, ଯେଉଁମାନେ କି ଆଗାମୀ ନିର୍ବାଚନରେ ଦଳର ନେତୃତ୍ୱ ନେବାର କ୍ଷମତା ରଖିଛନ୍ତି। ୫୦% ଭୋଟ ହାତେଇବା ଲକ୍ଷ୍ୟ ପୂରଣ ପାଇଁ ଦଳ ଚାଷୀ ପ୍ରସଙ୍ଗକୁ ଗୁରୁତ୍ୱ ଦେବ। ରାଜ୍ୟରେ ବର୍ଷା ଠିକ୍‌ଭାବେ ହେଉଥିବାବେଳେ ସରକାର ଜଳସେଚନକୁ ବ୍ୟବସ୍ଥିତ କରିପାରୁ ନାହାନ୍ତି। ଏପରି କି ଜଳ ସଂରକ୍ଷଣର ଉଚିତ୍ ବ୍ୟବସ୍ଥା ନ ଥିବାରୁ ଅଧିକାଂଶ ବର୍ଷାଜଳ ସମୁଦ୍ରରେ ମିଶୁଛି। ଯଦି ବର୍ଷାଜଳକୁ ସଂରକ୍ଷଣ କରାଯାଇ ପ୍ରକୃତ ଚ୍ୟାନେଲ ମାଧ୍ୟମରେ ସେଚନ କରାଯାଇପାରନ୍ତା, ତେବେ ଅଣ ମୌସୁମୀ ସମୟରେ ଚାଷୀ ବିଲକୁ ପାଣି ଠିକ୍‌ଭାବେ ପାଇପାରନ୍ତା। ସେହିପରି ପ୍ରଧାନମନ୍ତ୍ରୀଙ୍କ 'ଲୋକାଲ ଫର୍ ଭୋକାଲ' କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ରାଜ୍ୟରେ ଅଧିକରୁ ଅଧିକ କର୍ମନିଯୁକ୍ତି ସୃଷ୍ଟି କରାଯିବ ବୋଲି ବିଜୟ କହିଛନ୍ତି।

## ଫରେଷ୍ଟର, ଗାର୍ଡ ନିଲମ୍ବିତ

ପାଟଣା, ୧୭।୧୧ (ସ୍ୱ.ପ୍ର.): କେନ୍ଦୁଝରଜିଲା ପାଟଣା ରେଞ୍ଜ ପୋଇପାଣି ବିଟ୍‌ରେ ବନୀକରଣ ନାମରେ ବ୍ୟାପକ ଅନିୟମିତତା ଅଭିଯୋଗରେ ପାଟଣା ଫରେଷ୍ଟର ଜ୍ୟୋତ୍ସ୍ନାରାଣୀ ବେହେରା ଓ ପୋଇପାଣି ଫରେଷ୍ଟଗାର୍ଡ ମଧୁସ୍ମିତା ଡୋରାଙ୍କୁ ମଙ୍ଗଳବାର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ନିଲମ୍ବିତ କରିଛନ୍ତି। ସୂଚନା ଅନୁଯାୟୀ, ପାଟଣା ରେଞ୍ଜ ପୋଇପାଣି ବିଟ୍‌ରେ କାମ୍ପା ଫଣ୍ଡରେ ୧୦ ହଜାର ଗଛ ବନୀକରଣ ପାଇଁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା। ବନୀକରଣ ନାମରେ ଅର୍ଥ ବାଟମାରଣା ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯାଇ ପ୍ରାଥମିକସ୍ତରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।




# ଭୋଟର ତାଲିକା ସଂଶୋଧନ ଆରମ୍ଭ

ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

- ନଭେମ୍ବର ୨୮, ୨୯, ଡିସେମ୍ବର ୫, ୬ରେ ପାଳନ ହେବ ସଚେତନତା ଦିବସ

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ନିମନ୍ତେ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି। ରାଜ୍ୟର ସମସ୍ତ ଭୋଟଗ୍ରହଣ କେନ୍ଦ୍ର, ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ସମସ୍ତ ତହସିଲ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନଭେମ୍ବର ୧୬ ତାରିଖରେ ଭୋଟର ତାଲିକା ପ୍ରକାଶ ପାଇଛି। ୨୦୨୧ ଜାନୁୟାରୀ ପହିଲା ସୁଦ୍ଧା ଯେଉଁମାନଙ୍କୁ ୧୮ ବର୍ଷ ବୟସ ହୋଇଥିବ ସେମାନେ ଭୋଟର ତାଲିକାରେ ନିଜର ନାମ ପଞ୍ଜୀକରଣ ନିମନ୍ତେ ବୁଥ୍ ଲେଭଲ ଅଧିକାରୀ(ବିଏଲ୍‌ଓ)ଙ୍କ ଠାରେ ଫର୍ମ-୬ ମାଧ୍ୟମରେ ଆବେଦନ କରି ପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହାଛଡ଼ା ଚିଠା ଭୋଟର ତାଲିକାରେ କିମ୍ବା ଭୋଟର ପରିଚୟ ପତ୍ରରେ ଯେ କୌଣସି ପ୍ରକାର ତ୍ରୁଟି ଥିଲେ ଫର୍ମ-୮ ଓ ଭୋଟର ତାଲିକାରୁ ନାମ ବାଦ ଦେବା ପାଇଁ ଫର୍ମ ନଂ-୭ରେ ଆବେଦନ କରିପାରିବେ। ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ନିମନ୍ତେ ରାଜ୍ୟର ସମସ୍ତ ଭୋଟରମାନଙ୍କ ମଧ୍ୟରେ ବିଶେଷକରି ନୂତନ ଭୋଟରଙ୍କ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ସକାଶେ ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ଲୋହାନୀ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ନିମନ୍ତେ ଚଳିତ ମାସ ୨୮ ଓ ୨୯ ଏବଂ ଡିସେମ୍ବର ୫ ଓ ୬ ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ପାଳନ କରାଯିବ। ଉକ୍ତ ଦିବସଗୁଡିକରେ ଭୋଟଗ୍ରହଣ କେନ୍ଦ୍ରରେ ବୁଥ୍‌ସ୍ତରୀୟ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ। ଭୋଟର ତାଲିକା ସଂଶୋଧନ ନିମନ୍ତେ ଭୋଟରମାନେ ମଧ୍ୟ ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ www.nvsp.in କିମ୍ବା voter helpline କୁ ଲଗ୍‌ଇନ କରି ନିଜର ନାମ ତନଖି କରିପାରିବେ। ଆସନ୍ତା ଜାନୁୟାରୀ ୫ ତାରିଖ ସୁଦ୍ଧା ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇ ତାହାର ସମାଧାନ କରାଯିବ। ୨୦୨୧ ଜାନୁୟାରୀ ୧୫ରେ ସଂଶୋଧିତ ଭୋଟର ତାଲିକା ସମସ୍ତ ଭୋଟଗ୍ରହଣ କେନ୍ଦ୍ର, ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ସମସ୍ତ ତହସିଲ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇବ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଭୋଟର ସଂଶୋଧନ କାର୍ଯ୍ୟକ୍ରମରେ ନିୟୋଜିତ ଅଧିକାରୀଙ୍କ ବଦଳି ହୋଇପାରିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ପ୍ରକାଶ କରିଛନ୍ତି। ଏହି ବୈଠକରେ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ ଓ ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଆନ୍ଧ୍ରକୁ ଇଞ୍ଚେ ଜମି ଛଡ଼ାଯିବନି: ମନ୍ତ୍ରୀ

ପଟ୍ଟାଙ୍ଗୀ, ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

ପୂର୍ବରୁ କୋଟିଆ ଅଞ୍ଚଳକୁ ନିଜର ବୋଲି ଦାବି କରୁଥିବା ଆନ୍ଧ୍ର ଏବେ ପୁଣି ପଟାଙ୍ଗୀର ସମ୍ପାଇ ପଞ୍ଚାୟତକୁ ନିଜ ଅକ୍ତିଆରକୁ ନେବା ଲାଗି ଚକ୍ରାନ୍ତ କରୁଛି। ଏହି ବିବାଦର ସମାଧାନ ନ ହେଉଣୁ କୋଟିଆ ପଞ୍ଚାୟତର ବିଭିନ୍ନ ଗାଁରେ ଆନ୍ଧ୍ର ପୋଖରୀ ଖୋଳୁଥିବା ନେଇ ଅଭିଯୋଗ ଆସିଛି। ଏହାକୁ ଗୁରୁତର ସହ ନେଇ ଆନ୍ଧ୍ର ସରକାରଙ୍କ ଏଭଳି ଦାଦାଗିରିକୁ ବରଦାସ୍ତ କରାଯିବ ନାହିଁ ବୋଲି କୋରାପୁଟ ଜିଲାପାଳ କହିଥିଲେ। ଏବେ ଖୋଦ ମନ୍ତ୍ରୀ ମଧ୍ୟ ଆନ୍ଧ୍ରକୁ ଇଞ୍ଚେ ଜମି ଯିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି, ଆନ୍ଧ୍ରକୁ ଇଞ୍ଚେ ବି ଜାଗା ଛଡା ଯିବନାହିଁ। କୋଟିଆ କିମ୍ବା ସମ୍ପାଇ କେଉଁଠାରେ ମଧ୍ୟ ଅନୁପ୍ରବେଶ କରିବାକୁ ଦିଆଯିବ ନାହିଁ। ଓଡିଶା ସୀମାରେ ଆନ୍ଧ୍ରର ଦାଦାଗିରି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏଭଳି ପ୍ରତିକ୍ରିୟା ରଖିଛନ୍ତି। ସୀମାରେ ଥିବା ସମସ୍ୟାକୁ ଆଲୋଚନା ମାଧ୍ୟମରେ ସମାଧାନ କରିହେବ। ସୀମାବର୍ତ୍ତୀ ଲୋକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ସହଯୋଗ ଦିଆଯାଉଛି ବୋଲି ମାରାଣ୍ଡି କହିଛନ୍ତି। ସୂଚନାଯୋଗ୍ୟ, କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତ ସମ୍ପାଇ ପଞ୍ଚାୟତର ସୁନାବେଡା ଓ ଜାମୁଗୁଡା ଗ୍ରାମବାସୀଙ୍କ ସହ ଆନ୍ଧ୍ରର ବିଶାଖାପାଟଣା ଜିଲା ଡୁମ୍ବୁରିଗୁଡା ବ୍ଲକର ବିଚ୍ଚୁଗାଣ୍ଡା, କର୍ଲାପୁଟ, ଡେକାପାର, ବଡଲାମ୍ବଗୁଡା ଓ ନିଟାଆମ୍ବ ଆଦି ଗ୍ରାମବାସୀଙ୍କ ଚାଷଜମିକୁ ନେଇ ଲାଗି ରହିଥିବା ବିବାଦ ଥମିବାର ନାଁ ଧରୁନାହିଁ। ମଙ୍ଗଳବାର ଉକ୍ତ ଗ୍ରାମବାସୀଙ୍କ ନିକଟରେ କଂଗ୍ରେସ ଓ ଭାଜପା ନେତାମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉଭୟ ରାଜ୍ୟର ଗ୍ରାମବାସୀଙ୍କୁ ବୁଝାଶୁଝା କରି ଫେରିଛନ୍ତି। ଆନ୍ଧ୍ରର ଉପରୋକ୍ତ ଗ୍ରାମବାସୀ ଓଡିଶାର ସୁନାବେଡା ଗ୍ରାମବାସୀଙ୍କ ଚାଷ ଜମିକୁ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଏନେଇ ସମାଧାନର କୌଣସି ବାଟ ବାହାରିପାରିନାହିଁ। ଉଭୟ ରାଜ୍ୟ ସରକାରଙ୍କ ପକ୍ଷରୁ ଯେପର୍ଯ୍ୟନ୍ତ କୌଣସି ସମାଧାନର ସୂତ୍ର ନ ବାହାରିଛି ସେ ପର୍ଯ୍ୟନ୍ତ ସୀମାନ୍ତ ଗ୍ରାମବାସୀ ନିଜ ନିଜ ମଧ୍ୟରେ ଗଣ୍ଡଗୋଳ ନ କରିବାକୁ ପରାମର୍ଶ ଦେଇଛନ୍ତି। ତେବେ ଏପରି ବୁଝାମଣାକୁ ଆନ୍ଧ୍ରର ବଡଲାମ୍ବଗୁଡା, ଡେକାପାର ଓ କର୍ଲାପୁଟ ଗ୍ରାମବାସୀ ସ୍ୱୀକାର ନ କରି ଯୁକ୍ତିତର୍କ କରିଥିଲେ। ଅନ୍ୟପକ୍ଷରେ ଏହି ବିବାଦ ସମ୍ପର୍କରେ କୋରାପୁଟ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି କହି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଛନ୍ତି। ଅନ୍ୟପଟେ ସୁନାବେଡା ଗ୍ରାମବାସୀ କିନ୍ତୁ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। କଂଗ୍ରେସର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ଶୁକ୍ର ଖରା, ଗୋବିନ୍ଦ ଖରା ପ୍ରମୁଖ ସୀମାନ୍ତ ଅଞ୍ଚଳ ଗସ୍ତ କରିଥିଲେ।

# ସମ୍ବିତଙ୍କ ଯୋଗୁ ପୁରୀ ପରିଚିତ କହି ଲେଖାଶ୍ରୀ ସମାଲୋଚିତ

## କ୍ଷମା ମାଗନ୍ତୁ ବୋଲି ଦାବି କଲେ ସବୁ ଦଳ

ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

ପୁରୀ ଓଡିଶାର ବୋଲି ବାହାରେ କେହି ଜାଣି ନ ଥିଲେ। ଏହା କଲିକତାର ବୋଲି ସମସ୍ତେ ଭାବୁଥିଲେ। ପୁରୀ ଲୋକ ସଭା ଆସନରେ ସମ୍ବିତ ପାତ୍ର ନିର୍ବାଚନ ଲଢ଼ିବା ପରେ ଯାଇ ସମସ୍ତେ ଏହା ଓଡିଶାର ବୋଲି ଜାଣିପାରିଥିବା ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଲେଖାଶ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ରାଜ୍ୟ ରାଜନୀତିରେ ଝଡ ସୃଷ୍ଟି ହୋଇଛି। ସବୁ ମହଲରେ ଲେଖାଶ୍ରୀଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି। ବିଜେଡି ଏହାକୁ ଏକ ସୁଯୋଗଭାବେ ଗ୍ରହଣ କରି ଜୋରଦାର ଆକ୍ରମଣ ଆରମ୍ଭ କରିଦେଇଛି। ଅନ୍ୟପଟେ ଭାଜପା ନେତାମାନେ ମଧ୍ୟ ଏହି ମନ୍ତବ୍ୟକୁ ନେଇ ଲେଖାଶ୍ରୀଙ୍କ ସପକ୍ଷରେ ବାହାରି ନାହାନ୍ତି। କଂଗ୍ରେସ ମଧ ସମାନଭାବେ ଏଭଳି ବୟାନକୁ କଡା ଭାଷାରେ ନିନ୍ଦା କରିଛି। ଲେଖାଶ୍ରୀଙ୍କ ନାଁ ନ ନେଇ ବିଜେଡି ନେତା ଅରୁପ ପଟ୍ଟନାୟକ କହିଛନ୍ତି, ଜଗନ୍ନାଥଙ୍କୁ ଧ୍ୱଂସ କରିବା ଲାଗି କଳାପାହାଡ ଆସିଥିଲେ। ତାଙ୍କ ଭଉଣି ଭଳି ଇଏ ବର୍ତ୍ତମାନ ଆଚରଣ କରୁଛନ୍ତି। ଜଗନ୍ନାଥ ମନ୍ଦିର ଏବଂ ପୁରୀ ବିନା ଓଡିଶାର ଅସ୍ତିତ୍ୱ ନାହିଁ। ହେଲେ ପୁରୀ ପରିଚୟ କଥା କହି ସେ ନିଜର ନିର୍ବୋଧଭାବ, ବାଚାଳାମୀ, ଅହଙ୍କାରୀର ପରିଚୟ ଦେଇଛନ୍ତି। ତାଙ୍କ ମନ୍ତବ୍ୟ ଉପରେ ଭାଜପାର ସମର୍ଥନ ଥିବା ଭଳି ଲାଗୁ ନ ଥିବା ଅରୁପ କହିଛନ୍ତି। ଭାଜପା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି, ଏଭଳି ମନ୍ତବ୍ୟ ନିନ୍ଦନୀୟ। ତାଙ୍କ ବୟାନ ହାସ୍ୟାସ୍ପଦ ଓ ସେ ଦୁଃଖ ପ୍ରକାଶ କରିବା କଥା। ପୁରୀ ଧାମ ଜଗନ୍ନାଥଙ୍କ ପାଇଁ ବିଶ୍ୱରେ ପରିଚିତ ସମ୍ବିତଙ୍କ ପାଇଁ ନୁହେଁ ବୋଲି ପ୍ରଦୀପ କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଲେଖାଶ୍ରଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେବଳ ଓଡ଼ିଆ ଜାତି ନୁହେଁ ଏହା ବିଶ୍ୱର ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଅପମାନ। ଭାଜପା ଜଗନ୍ନାଥଙ୍କୁ କେଉଁ ଦୃଷ୍ଟିରେ ଦେଖେ ତାହା ଲେଖାଶ୍ରୀଙ୍କ ମନ୍ତବ୍ୟରୁ ଜଣାପଡୁଛି। ଭାଜପା ଏଭଳି ଗର୍ବ ଏବଂ ଅହଂକାର ପରିତ୍ୟାଗ କରୁ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜଗନ୍ନାଥଙ୍କୁ ସମସ୍ତେ ଭକ୍ତି କରିଥାଆନ୍ତି। ରଥଯାତ୍ରା ଆମେରିକା, ଇଂଲଣ୍ଡ, ଜାପାନ, ଫ୍ରାନ୍ସ ପ୍ରଭୃତି ସାରା ବିଶ୍ୱରେ ପାଳିତ ହେଉଛି। ବିଶ୍ୱର ବହୁଦେଶରୁ ଲୋକ ପୁରୀ ଆସି ଜଗନ୍ନାଥଙ୍କ ସମ୍ପର୍କରେ ଜାଣନ୍ତି। ଆମେରିକା ଓ ଇଂଲଣ୍ଡ ପ୍ରଭୃତି ଦେଶର ଲୋକ ଜାଣନ୍ତି ଜଗନ୍ନାଥ ମନ୍ଦିର ପୁରୀରେ। ପଶ୍ଚିମବଙ୍ଗର ଲକ୍ଷ ଲକ୍ଷ ଭକ୍ତ ପୁରୀ ଆସନ୍ତି। ଲେଖାଶ୍ରୀ ସମ୍ବିତ ପାତ୍ରଙ୍କୁ ଖୁସି କରିବାକୁ ଯାଇ ଜଗନ୍ନାଥଙ୍କୁ ନ୍ୟୁନ କରିଦେଇଛନ୍ତି। ନିଜର ଅବିବେକୀ ମନ୍ତବ୍ୟ ପାଇଁ ଲେଖାଶ୍ରୀ କ୍ଷମା ମାଗନ୍ତୁ ବୋଲି ସୁର କହିଛନ୍ତି।

**ଆଜିର ମନ୍ତବ୍ୟ**
“ଶିକ୍ଷା କ୍ଷେତ୍ରରେ ଭାରତ ଆଉ ଥରେ ବିଶ୍ୱର ସୁପରପାୱାର ହେବା ଉଚିତ।
– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଲିକି
ପରିବାରବର୍ଗ


ପିୟୂଷ କୁମାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ତଦନ୍ତ ନ ସରିଲେ...

ଏଥିରେ ବିଚ୍ୟୁତି ଘଟିଲେ ଅଭିଯୁକ୍ତଙ୍କୁ ଆଉ ଅଧିକ ସମୟ ଅଟକ ରଖାଯାଇ ପାରିବ ନାହିଁ। ଉପରୋକ୍ତ ଧାରା ଅନୁସାରେ ମୃତ୍ୟୁ ଦଣ୍ଡ, ଆଜୀବନ କିମ୍ବା ୧୦ ବର୍ଷରୁ ଅଧିକ ଅବଧିର ଜେଲ୍ ଦଣ୍ଡାଦେଶ ହେଉଥିବା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ସର୍ବାଧିକ ୯୦ ଦିନ ହାଜତରେ ରଖାଯାଇ ପାରିବ। ଅନ୍ୟ ଅପରାଧ ସହିତ ତଦନ୍ତ ସମ୍ପର୍କିତ ଥିଲେ ଅଭିଯୁକ୍ତଙ୍କୁ ୬୦ ଦିନ ହାଜତରେ ରଖାଯାଇ ପାରିବ। ତେବେ ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ (ଏନ୍‌ଡିପିଏସ୍) ଆଇନ ଭଳି କେତେକ ବିଧି ବଳରେ ଅଭିଯୁକ୍ତଙ୍କ ଅଟକ ମିଆଦକୁ ୧୮୦ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଏହି ସମୟ ସୀମା ଭିତରେ ତଦନ୍ତ ଶେଷ ହୋଇ ନ ପାରିଲେ ଗିରଫ ବ୍ୟକ୍ତି ଡିଫଲ୍ଟ ବେଲ୍ ପାଇବାକୁ ହକ୍‌ଦାର ବୋଲି ଅକ୍ଟୋବର ୨୬ରେ ଖଣ୍ଡପୀଠ ରାୟ ଦେଇଥିଲେ। ୨୦୧୮ ଅଗଷ୍ଟରେ ଏନ୍‌ଡିପିଏସ୍ ଆଇନ, ୧୯୮୫ ବଳରେ ଏମ୍. ରବୀନ୍ଦ୍ରନଙ୍କୁ ଗିରଫ କରାଯାଇଥିଲା। ଗିରଫ ପରେ ତାଙ୍କୁ ରିମାଣ୍ଡରେ ନ୍ୟାୟିକ ହାଜତକୁ ନିଆଯାଇଥିଲା। ରବୀନ୍ଦ୍ରନ ଜାମିନ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୮୦ ଦିନ ମଧ୍ୟରେ ତଦନ୍ତ ଶେଷ ହୋଇ ନ ଥିବାବେଳେ ଚାର୍ଜଶିଟ୍ ମଧ୍ୟ ଦାଖଲ କରାଯାଇ ନ ଥିବା ଦର୍ଶାଇ ସେ ଡିଫଲ୍ଟ ବେଲ୍ ଆବେଦନ କରିଥିଲେ। ତଳ କୋର୍ଟ ତାଙ୍କୁ ଜାମିନ ଦେଇଥିଲେ। କିନ୍ତୁ ଅଭିଯୋଜନକାରୀ ପକ୍ଷ ଅଭିଯୁକ୍ତଙ୍କ ବିରୋଧରେ ଅତିରିକ୍ତ ଅଭିଯୋଗ ଦାଖଲ କରିଥିବା ଦର୍ଶାଇ ୨୦୧୯ ନଭେମ୍ବରରେ ମାଡ୍ରାସ୍ ହାଇକୋର୍ଟ ଉକ୍ତ ଜାମିନକୁ ଖାରଜ କରିଦେଇଥିଲେ। ଫଳରେ ରବୀନ୍ଦ୍ରନ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

ସର୍ବୋଚ୍ଚ ଅଦାଲତ ୫୬ ପୃଷ୍ଠା ସମ୍ବଳିତ ରାୟରେ ଆହୁରି କହିଥିଲେ, ଏହି ଡିଫଲ୍ଟ ବେଲ୍ ଯୋଗୁ ତଦନ୍ତକାରୀ ଅଧିକାରୀମାନେ ସୁରୁଖୁରୁରେ ଓ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବେ, ଯଦ୍ୱାରା ଅଧିକ ସମୟ ରିମାଣ୍ଡକୁ ଦୁରୁପଯୋଗ କରାଯାଇ ପାରିବ ନାହିଁ। ସେହିପରି କୋର୍ଟ ମଧ୍ୟ ଅପରାଧ ସମ୍ପର୍କିତ ତଥ୍ୟ ପ୍ରଦାନ ତାରିଖଠାରୁ ଅଧିକ ବିଳମ୍ବ ନ କରି ମାମଲାକୁ ସଜ୍ଞାନକୁ ନେବେ। ଏପରି କରାଗଲେ ଆପରାଧିକ ନ୍ୟାୟ ବ୍ୟବସ୍ଥା ପ୍ରତି ସମାଜ ଆସ୍ଥା ହରାଇବ ନାହିଁ ଓ ନୈରାଶ୍ୟଭାବ ସୃଷ୍ଟି ହେବ ନାହିଁ। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଅନେକ ପୂର୍ବ ମାମଲାର ରାୟ ଓ ଭାରତର ଆଇନ କମିଶନଙ୍କ ରିପୋର୍ଟକୁ ଅନୁଧ୍ୟାନ କରି ଉପରୋକ୍ତ ରାୟ ଦେଇଥିଲେ। ୨୦୦୧ରେ ମଧ୍ୟ ସୁପ୍ରିମକୋର୍ଟ ଅନ୍ୟ ଏକ ମାମଲାରେ ଡିଫଲ୍ଟ ବେଲ୍‌କୁ ‘ଅପରିହାର୍ଯ୍ୟ ଅଧିକାର’ ବୋଲି ଅଭିହିତ କରିଥିଲେ, ଯାହାର ଅବତାରଣା ସଦ୍ୟ ମାମଲାରେ ଖଣ୍ଡପୀଠ କରିଛନ୍ତି। ଅଦାଲତ କହିଛନ୍ତି, ଅଭିଯୁକ୍ତ ଏହି ଅଧିକାର ପାଇବାକୁ ଯୋଗ୍ୟ ହୋଇଥିଲେ ତାଙ୍କ ଓକିଲ ଓ ମାଜିଷ୍ଟ୍ରେଟ୍ ତାଙ୍କୁ ଏନେଇ ଅବଗତ କରାଇବେ। ବିଶେଷକରି ଅଭିଯୁକ୍ତ ଜଣକ ସମାଜର ବଞ୍ଚିତ ବର୍ଗର ହୋଇଥିଲେ ଏବଂ ନିଜ ଆଇନଗତ ଅଧିକାରଗୁଡ଼ିକ ସମ୍ପର୍କରେ ସୂଚନା ପାଉ ନ ଥିଲେ ତାଙ୍କୁ ଏ ସମ୍ପର୍କରେ ଜଣାଇବା ଜରୁରୀ। ଡିଫଲ୍ଟ ବେଲ୍ ପାଇଁ ଅଭିଯୁକ୍ତ ଆବେଦନ କରିବା ପରେ ସେ ଏହି ଧରଣର ଜାମିନ ପାଇ ମୁକୁଳିବା ଲାଗି ଅଧିକାର ପ୍ରାପ୍ତ ବୋଲି ବିଚାର କରିବାକୁ ପଡ଼ିବ। ଏପରି କି ଜାମିନ ଆବେଦନ ବିଚାରାଧୀନ ଥିଲେ, ଚାର୍ଜଶିଟ୍ କିମ୍ବା କୌଣସି ଆପ୍ଲିକେଶନ ଦାଖଲ ପାଇଁ ସମୟ ସୀମା ବୃଦ୍ଧି ସକାଶେ ପିଟିଶନ ଦାଏର ହୋଇଥିଲେ ମଧ୍ୟ ଅଭିଯୁକ୍ତ ଏହି ଅଧିକାର ପାଇପାରିବେ। କିନ୍ତୁ ହାଜତରୁ ଅଭିଯୁକ୍ତଙ୍କ ମୁକ୍ତି ଜାମିନ ପ୍ରଦାନ ବେଳେ କୋର୍ଟଙ୍କ ରାୟ ଉପରେ ନିର୍ଭର କରେ। ଅଭିଯୁକ୍ତ ଜାମିନଦାରଙ୍କ ଉପସ୍ଥିତ କିମ୍ବା ଜାମିନର ସର୍ତ୍ତ ପୂରଣ କରାଇ ନ ପାରିଲେ ତାଙ୍କୁ ଅଟକ ରଖାଯାଇ ପାରିବ। ଯଦି ଅଭିଯୁକ୍ତ ଉପଯୁକ୍ତ ସମୟରେ ଜାମିନ ଆବେଦନ ନ କରନ୍ତି ଏବଂ ଏହା ପରେ ଏକ ଚାର୍ଜଶିଟ୍ କିମ୍ବା ଆକ୍ସଟେନ୍‌ଶନ ରିପୋର୍ଟ ଦାଖଲ କରାଯାଏ ତେବେ ଡିଫଲ୍ଟ ବେଲ୍ ପାଇଁ ଅଧିକାର ଶେଷ ହୋଇଯିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

### ଅନୁଚ୍ଛେଦ...

ବୈଶ୍ୱିକ ଅଧିକାରଗୁଡ଼ିକର ପ୍ରବର୍ତ୍ତନ ପାଇଁ ତ୍ୱରିତ ଉପାୟ ପ୍ରଦାନ କରିବା, ଯଦ୍ୱାରା ଉକ୍ତ ଅଧିକାର ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ହସ୍ତକ୍ଷେପରୁ ମୁକ୍ତ ହୋଇପାରିବ।
୧. ଏହି ଭାଗ ଦ୍ୱାରା ପ୍ରଦତ୍ତ ଅଧିକାରଗୁଡ଼ିକୁ ପ୍ରବର୍ତ୍ତନ କରିବା ପାଇଁ ସୁପ୍ରିମକୋର୍ଟରେ ସମାବେଦନ କରିବା ଅଧିକାର ମିଳିଥାଏ।
୨. ଏହି ଭାଗ ଦ୍ୱାରା ପ୍ରଦତ୍ତ ଅଧିକାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବନ୍ଦୀ ପ୍ରତ୍ୟକ୍ଷୀକରଣ, ପରମାଦେଶ, ନିଷେଧାଦେଶ, ଅଧିକାର ପ୍ରଶ୍ନ ଓ ଉତ୍‌ପ୍ରେଷଣ ମଧ୍ୟରୁ ଯେଉଁଟା ଉପଯୁକ୍ତ ହୋଇଥିବ ସେନେଇ ନିର୍ଦ୍ଦେଶନାମା ଜାରି କରିବାକୁ ସୁପ୍ରିମକୋର୍ଟ କ୍ଷମତାପ୍ରାପ୍ତ। ୩. ଭାଗ (୧) ଓ (୨) ଦ୍ୱାରା ସୁପ୍ରିମକୋର୍ଟଙ୍କୁ ପ୍ରଦତ୍ତ କ୍ଷମତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ପାର୍ଲାମେଣ୍ଟ ଅନ୍ୟ କୋର୍ଟକୁ ନିଜ ଅଧିକାରର ସ୍ଥାନୀୟ ସୀମା ଭିତରେ ପ୍ରୟୋଗ କରିବା ଲାଗି ଆଇନାନୁସାରେ ସଶକ୍ତ କରି ପାରିବ। ୪.ଏହି ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଅନ୍ୟ ବ୍ୟତିକ୍ରମକୁ ଛାଡ଼ିଦେଲେ ଧାରା ୩୨ ଅଧୀନରେ ଉକ୍ତ ଅଧିକାରକୁ ଉଚ୍ଛେଦ କରାଯାଇପାରିବ ନାହିଁ।

### ୧୪ ଜିଲାରେ...

ଉମରକୋଟ ଓ ରାଇଘର ବ୍ଲକର ୩, ଖୋର୍ଦ୍ଧା ଜିଲା ଭୁବନେଶ୍ୱର ବିଇଓ ଅଧୀନରେ ୨, କନ୍ଧମାଳ ଜିଲାର ଦାରିଙ୍ଗିବାଡି ବ୍ଲକର ଜଣେ, ଢେଙ୍କାନାଳ ବ୍ଲକର ଜଣେ, ମାଲକାନଗିରି ବ୍ଲକର ଜଣେ, ନୟାଗଡ ଜିଲା ଓଡଗାଁ ଓ ଭାପୁର ବ୍ଲକର ୨, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା ଓ ଗରଦପୁର ବ୍ଲକର ୩, ଭଦ୍ରକ ଜିଲା ବାସୁଦେବପୁର ଓ ଭଦ୍ରକର ୪, ନୂଆପଡା ଜିଲା କୋମନା ବ୍ଲକର ଜଣେ, ବାଲେଶ୍ୱର ବ୍ଲକର ଜଣେ, ଗଞ୍ଜାମ ଜିଲା ବେଗୁନିଆପଡ଼ା, ଧରାକୋଟ, ପୋଲସରା, ପୁରୁଷୋତ୍ତମପୁର, ସୋରଡ଼ା, କବିସୂର୍ଯ୍ୟନଗର, ଛତ୍ରପୁର ଓ ଖଲ୍ଲିକୋଟ ବ୍ଲକର ୮, ଗଜପତି ଜିଲା ରାୟଗଡ଼ ବ୍ଲକର ଜଣେ, କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ଜଣେ, ସୁନ୍ଦରଗଡ ଜିଲା ଲହଣିପଡା ବ୍ଲକର ଜଣେ, ରାୟଗଡା ଜିଲା ରାୟଗଡା ବ୍ଲକର ଜଣେ ରହିଛନ୍ତି। ନକଲି ପ୍ରମାଣପତ୍ର ବଳରେ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଥିବାରୁ ଏହାକୁ ଗୁରୁତ୍ୱର ବିଷୟ ଭାବେ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପତ୍ରରେ ଦର୍ଶାଯାଇଛି। ଏହି ବିଷୟ ତୁରନ୍ତ ବନ୍ଦ ହେବା ଆବଶ୍ୟକ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଜିଲା ମଙ୍ଗଳ ଅଧିକାରୀ (ପତ୍ରସଂଖ୍ୟା ୧୬୪୬/୨୯।୮।୨୦୧୩ ଓ ୨୧୫୦/୨୯।୧୦।୨୦୧୩) ମଙ୍ଗଳପୁର ଥାନାରେ ଜାଲ୍ ଜାତିଗତ ପ୍ରମାଣପତ୍ର ଦାଖଲ କରି ସରକାରୀ ନିଯୁକ୍ତି ପାଇଥିବା ୭ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ହେଲେ ଏହି ମାମଲାକୁ ୭ ବର୍ଷ ବିତିଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପ୍ରଶାସନର ଏଭଳି ମନୋଭାବ ଯୋଗୁ ଜିଲାରେ ଜାଲ୍ ପ୍ରମାଣପତ୍ରଧାରୀଙ୍କ ସଂଖ୍ୟା ବୃଦ୍ଧି ଘଟିଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାଏକଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୁକ୍ତ ନକଲି ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଛି। କୋରେଇ ବ୍ଲକର ଅଭିଯୁକ୍ତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇ ଶିକ୍ଷା ନିର୍ଦ୍ଦେଶାଳୟକୁ ପଠାଯାଇଛି। ବାକି ଶିକ୍ଷକଙ୍କ ବାବଦରେ ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ରିପୋର୍ଟ ଆସିଲା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

### ଜଗା ଦର୍ଶନ...

ସପ୍ତାହରେ ମନ୍ଦିର ଖୋଲିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅପରପକ୍ଷରେ କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଠିକ୍ ସମୟରେ ମନ୍ଦିର ଖୋଲାଯିବା ନେଇ ସରକାର ନିଷ୍ପତ୍ତି ନେବେ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ସାଧାରଣ ଦର୍ଶନ ବ୍ୟବସ୍ଥା ଆରମ୍ଭ କରିବା ଲାଗି ବୈଠକରେ ଆଲୋଚନା ହୋଇଛି। ଶ୍ରୀମନ୍ଦିରକୁ ଆମେ ଅନ୍ୟ ମନ୍ଦିର ସହ ତୁଳନା କରିପାରିବା ନାହିଁ। ଏହା ସବୁଠାରୁ ସ୍ୱତନ୍ତ୍ର। ମହାପ୍ରଭୁଙ୍କ ଦର୍ଶନ ଲାଗି ଲକ୍ଷ ଲକ୍ଷ ଭକ୍ତ ଚାହିଁ ରହିଛନ୍ତି। ୮ ମାସ ବନ୍ଦ ରହିଥିବା ଦର୍ଶନ ବ୍ୟବସ୍ଥା ଆରମ୍ଭ କରିବାକୁ ହେଲେ ଆମକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେବାକୁ ପଡ଼ିବ। ଦର୍ଶନ ପ୍ରସ୍ତୁତି ଏବଂ ଏହାର ରୂପରେଖ କେମିତି ରହିବ ସେ ନେଇ ଏକ କମିଟି ଗଠନ କରାଯାଇଛି। କମିଟିରେ ସେ ନିଜେ ଥିବାବେଳେ ଜିଲାପାଳ ଏବଂ ଏସ୍‌ପି ରହିଛନ୍ତି। କେବେ, କାହାକୁ, କେମିତି ଦର୍ଶନ ପାଇଁ ଅନୁମତି ଦିଆଯିବ ସେ ନେଇ କମିଟି ନିଷ୍ପତ୍ତି ନେବ। ଏ ସଂକ୍ରାନ୍ତରେ ଛତିଶା ନିଯୋଗ ସହ ମଧ୍ୟ ଆଲୋଚନା କରାଯିବ। ଏହି ସମସ୍ତ ପ୍ରକାର ପ୍ରସ୍ତୁତି ଲାଗି ପ୍ରାୟ ୧ ମାସ ସମୟ ଲାଗିବ। ପାଖାପାଖି ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ଆମେ ପ୍ରସ୍ତୁତ ହୋଇଯିବୁ। ସବୁ ପ୍ରସ୍ତୁତି ସରିଲେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯେବେ ଅନୁମତି ଦେବେ ସେବେଠାରୁ ଦର୍ଶନ ଆରମ୍ଭ ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ମୁଖ୍ୟ ପ୍ରଶାସକଙ୍କ ଏଭଳି ସଙ୍କେତ ପରେ ଡିସେମ୍ବର ଶେଷ ସପ୍ତାହ କିମ୍ବା ନୂଆବର୍ଷରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନରେ ବି ଦର୍ଶନ ଆଶା ସଞ୍ଚରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କୌଣସି ନୂଆ କାମଟିଏ ଆରମ୍ଭ କରିବା ସକାଶେ ବ୍ୟୟ ଅଟକଳ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ସୁଫଳ ମିଳିବ। ଅଫିସ୍ କାମରେ ବୁଝାମଣା ନେଇ ସହମତି ଦେଖାଦେବ। ପ୍ରକାଶନ, ପ୍ରଶାସନ, ସଂଗଠନ ଓ ରାଜନୈତିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ**
ଅନ୍ୟମାନଙ୍କୁ ପ୍ରଭାବିତ କରି କାମ ହାସଲରେ ସମର୍ଥ ହୋଇପାରନ୍ତି। ସଭାସମିତି, କଚେରି ମାମଲା, ଚୁକ୍ତିପତ୍ର ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ଆନୁଷ୍ଠାନିକ କାମରେ ମତାନ୍ତରଜନିତ ମୃଗଶିରା ବ୍ୟସ୍ତତା ପ୍ରକାଶ କରିବେ।

**ମିଥୁନ**
ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର ଓ ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିବା କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡିବ। ଯାତ୍ରା ସମୟରେ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ନୂଆ ପଦକ୍ଷେପ ଗ୍ରହଣ ପାଇଁ ମନ ବଳାଇବେ।

**କର୍କଟ**
ଭୁଲ୍ ବୁଝାମଣାବଶତଃ ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ବିଭିନ୍ନ ଉପାୟରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ବନ୍ଧୁଙ୍କ ପରାମର୍ଶରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାର୍ଯ୍ୟ ସିଦ୍ଧି ପାଇଁ ଚେଷ୍ଟା କରିବେ।

**ସିଂହ**
ଆଜି ଯେତିକି ପାଇବେ ତାହାଠାରୁ ବହୁ ଗୁଣରେ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କଠାରୁ କିଛି ବିବାଦୀୟ ମନ୍ତବ୍ୟ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ। ଆଜିର ପରିବହନରେ ଲାଭ ସେତେଟା ସନ୍ତୋଷଜନକ ହେବନାହିଁ। ଅପରାହ୍ଣରେ ବନ୍ଧୁ ମିଳନରୁ ଖୁସୀ ହେବେ।

**କନ୍ୟା**
ଆଜି ଦିନଟିରେ ମନଲାଖି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। ରପ୍ତାନି ବାଣିଜ୍ୟ, ଜମିଜମା ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପ୍ରୁ ଖୁସି ରହିବେ। କର୍ମକ୍ଷେତ୍ରରୁ ଅଚାନକ ଶୁଭ ଖବର ଶୁଣି ପାରନ୍ତି। ସାମାଜିକ ସ୍ତରରେ ଅନ୍ୟାୟ ବିରୋଧରେ ଲଢିଲେ ସମର୍ଥନ ପାଇବେ ନାହିଁ।

**ତୁଳା**
ଘରୋଇ ସମସ୍ୟା ସମାଧାନ ନ ହୋଇପାରିବା କାରଣରୁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ କିଛି ନୂତନ କାମ ସୃଷ୍ଟି କରିବା ସକାଶେ ଚିନ୍ତା କରିପାରନ୍ତି। ଦୀର୍ଘ ଦିନରୁ ରହିଆସିଥିବା ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ ଏବଂ କଳା, ସାହିତ୍ୟ, ସଭାସମିତିରେ ସୁନାମ ମିଳିବ।

**ବିଛା**
ଖର୍ଚ୍ଚ ପରିମାଣ ବୃଦ୍ଧି ପାଇଲେ ମଧ୍ୟ ବିଭିନ୍ନ ଦିଗରୁ ରୋଜଗାର କିଛି କମ୍ ହେବନି। ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଖୁସି ହେବେ। କାମରେ ଅବହେଳା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟି ହେବ ଓ କଟୁକ୍ତି ଶୁଣିବାକୁ ପଡିପାରେ। ଭୁଲ୍ ବୁଝାମଣା ପାରିବାରିକ ଅଶାନ୍ତିର କାରଣ ହୋଇପାରେ।

**ଧନୁ**
ଆଜି ସବୁ ପ୍ରକାର ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି ହେବ। ଦୀର୍ଘ ଦିନର ଅପୂରଣୀୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ମାତ୍ର ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇପାରିବ।


**ମକର**
ସକାଳୁ ସକାଳୁ କୌଣସି କାମ ସକାଶେ ଯାତ୍ରା କରିବାକୁ ପଡିପାରେ। ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇପାରନ୍ତି। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦିତ ହେବେ। ନିର୍ମାଣ, କଳା, ସାହିତ୍ୟ, ପ୍ରଶାସନ, ଶିଳ୍ପ, ବାଣିଜ୍ୟ, ପରିବହନ ଓ ଏଜେନ୍ସିପ୍ରୁ ଖୁସି ରହିବେ।

**କୁମ୍ଭ**
ଆଜିର ସମୟ ବନ୍ଧୁମାନଙ୍କ ସହ ଆଲୋଚନାରେ ବିତିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଶିଥିଳତା ଦେଖାଦେବ। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବା ସହ ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିର୍ମାଣ କାମ ଧିମେଇ ଯିବ ଓ ଆବଶ୍ୟକତା ପୂରଣ ପାଇଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

**ମୀନ**
ଆଜି ଯାହାକୁ ଯାହା କହିବେ କିମ୍ବା କରିବେ ତାହା ସମସ୍ତଙ୍କର ମନକୁ ପାଇବ। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ସହ ଆଲୋଚନା ପରେ ଆଶ୍ୱସ୍ତି ଲାଭ କରିବେ। ରାଜନୀତି, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଛୋଟ ଛୋଟ କଥାରେ କଳହ ଲାଗିବାର ସମ୍ଭାବନା ରହିଛି।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ନାଗଚତୁର୍ଥୀ ବୁଧବାର, ଛଟ୍‌ବ୍ରତ ଆରମ୍ଭ, ନଭେମ୍ବର ୧୮ ତାରିଖ, ରାଶିନକ୍ଷତ୍ର-ଦିବା, ଘ.୧୦/୪୧, ଗତେ, ପୂର୍ବାଷାଢା/ଧନୁ, କର୍କଟରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା, ଘ.୦୬.୦୦ମି. ଗତେ ଘ.୦୬.୪୪ମି. ମଧ୍ୟେ, ଘ.୦୭.୨୯ମି. ଗତେ ଘ.୦୮.୧୩ମି. ମଧ୍ୟେ, ଘ.୧୦.୨୫ମି. ଗତେ ଘ.୧୨.୩୭ମି. ମଧ୍ୟେ ଅମୃତବେଳା। ଦିବା ଘ.୦୬.୪୪ମି. ଗତେ ଘ.୦୭.୨୯ମି. ମଧ୍ୟେ, ଘ.୦୧.୨୨ମି. ଗତେ ଘ.୦୩.୩୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୩୧ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

Muslim Bride wanted for well settled man, age-32, fair, good character. Cuttack preferred. Contact:- 9937245979, 9861156786. D-18893

Handsome Gopal boy 30 B-Tech IGIT Rly Engineer BBSR. 7377203805. D-18919

ଉଚ୍ଚ ମଧ୍ୟବିତ୍ତ ବ୍ରାହ୍ମଣ ପୁଅ ୩୪ବର୍ଷ ପାଇଁ ପାତ୍ରୀ ଆବଶ୍ୟକ । ଯୋଗାଯୋଗ: 9437518002 (ସଂଧ୍ୟା ୭ଟା ପରେ) D-69455

ଡିଜାଇନିଂ ଇଂଜିନିୟର (M.Tech, IIT Delhi) ଉଚ୍ଚ ଦରମାରେ ଅବସ୍ଥାପିତ ପାତ୍ର ପାଇଁ ଗୌରବର୍ଣ୍ଣା, ସୁନ୍ଦର, ଶିକ୍ଷିତା, ଚାକିରି କରିଥିବା ପାତ୍ରୀ ଆବଶ୍ୟକ। Contact No.- 7735580114. D-18894

Karan boy, 1986, B-Tech NIIT Rly Engineer in Odisha. 9437555525. D-18890

ଭୁବନେଶ୍ୱରର ବିଶ୍ୱକର୍ମା ପୁଅ (B.Tech, Software Engineer Ex. Capgimini, 5'9", 27+) ପାଇଁ ମେଧାବୀ, B.Sc/ B.Tech, 5'3"+, ସୁନ୍ଦର ଝିଅ ଦରକାର, Cashless simple marriage.- 9237023852. D-68394

Wanted bride for Karan 44 well-settled, Bapujinagar, Bhubaneswar. 7683912628, 9556700943. D-68395

## GROOM WANTED

43ବୟସ୍କା widow Government ଚାକିରିଆ ବ୍ରାହ୍ମଣ ଝିଅଙ୍କୁ Any caste ଘରଜ୍ୱାଇଁ ଦରକାର। 7381366103. D-67962

**Age-36, Bankରେ Accountant ଥିବା widow କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର । Contact: 7327033930.** D-69456

47ବର୍ଷର ବିଧବା ମହିଳା Govt. Collegeରେ clerk ଭାବେ କାର୍ଯ୍ୟରତ ଯେକୌଣସି ଜାତିର ଉପଯୁକ୍ତ ବ୍ୟକ୍ତି ଯୋଗାଯୋଗ- 9078166327. D-70107

Girl age 30 B. Tech NIT Rourkela work in Govt. Civil Service O.A.S cast-no-bar 8144589551. D-18959




## HIRE

ବଡ଼ବିଲ୍ ମାଇନସ୍ ପାଇଁ ଲିଜ୍‌ରେ ହାଇୱା ଆବଶ୍ୟକ। ଯୋଗାଯୋଗ: **A-102, Balianta Chowk, Hanspal, Bhubaneswar-01, 8249638057, 9337731351.** D-18876




## SALE

2BHK Simplex 28,00,000/- finishing Hanspal, Gharabari boundary plot Bhingarpur- 9668194157. D-69644

**1630sqft. 4BHK duplex constructed on 1100sqft. land with 30feet wide road with in a gated community available for immediate sale at Patharagadia, Bhubaneswar. Contact: 7008023914.** D-70104

Sundarpada କୁହା ମୌଜାରେ (Bhubaneswar) ଘରବାରି ପ୍ଲଟ୍ ୨୦୦୦ବର୍ଗଫୁଟକୁ ୧୯,୦୦,୦୦୦/- କିଣି ଆଜି ଘର କରନ୍ତୁ ଓ Alkaline water machine ମାଗଣାରେ ପାଆନ୍ତୁ। 9938016295. D-70105

**Saivihar fully developed, ready for housing residential gharabari boundary plot, 30'road, electricity near Sai Temple BJEM-2 Rangabazar Sqft.450/- 9438400633.** D-70103

ଭୁବନେଶ୍ୱର ସୁନ୍ଦରପଦା Xavier University/ Adityabirla ପଛପଟେ ସୁଲଭ ମୂଲ୍ୟରେ ପ୍ଲଟ ମିଳୁଛି। 8917543041. D-69198

**1200sqft. 3BHK simplex constructed on 2200sqft. land with 20feet wide road available for immediate sale at lane R-3, Jagmohan Nagar, Jagamara. Contact: 8328899099, 7978074243.** D-70102

NH side gharabari plot Hanspal, Pahal, Balianta. Bank loan available. 9337259012 D-18755

ଘରବାଡ଼ି ପ୍ଲଟ ପିଚୁରୋଡ଼କୁ ଲାଗି ସାଇମନ୍ଦିର ପାଖରେ **50%** ଦେଇ **Registration** ନେଇ ବାକି କିସ୍ତିରେ ଦିଅନ୍ତୁ। **9556794241** D-69196

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft Road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948 D-18856

**10 Acer land for immediate sale Puri Town at Puri. Interested buyers please contact Deepak-9937329999.** D-69933

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

**Plot sale near AIIMS Hospital, Bhubaneswar with 30' Road. 8456850883.** D-69199

ଭୁବନେଶ୍ୱର ସୁନ୍ଦରପଦା **Indus Engineering College backside** ସ୍ଥିତିବାନ ପ୍ଲଟ **Sqft.299/-** ମିଳୁଅଛି। **7848882166.** D-70101

Gharabari plot measuring 9000sqft. with one storied house for sale, Oldtown. Price 3.5 cr. Genuine buyers call Jyostna- 7894413311. D-18955

**Flat Sale: 2BHK, 2Bath, dinning, drawing, 2 balcony, 1100 sqft. 1st floor at Panchagaon, infront of Aryan College, 9km from Airfield P.S. Price- 23 lakhs. Contact- 8093304569, 7008713032.** D-69646

CV Raman ପାଖରେ 100ft. Roadକୁ ଲାଗି 27,500 sqft. plot ବିକ୍ରିହେବ। Contact: 9778928492. D-68396

1500 sqft. yellowzone residential plot for sale near Palasuni, Bhubaneswar. Near to NH, Price- 58.5 lakhs. Contact- 8260595320 (no brokers). D-70023

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3BHK flat at N3/18 IRC Village, BBSR (Ranjita Residency) infront of N3 BDA Park for family/ office for rent. Contact- 9937371760. D-67764

2 Bedroom & 1 Bedroom units for rent Near Mausima Temple Old Town Bhubaneswar. Contact- 9437025112, 9178514945. D-18896




Refreshing your mind & body with best therapy at Lotus Spa. 8018234866 D-69581

Newly open full body massage SPA in Bhubaneswar. Contact: 7205058838. D-70019

Rejuvenate and Ayurvedic full body massage by smart therapist. 9348123330. D-70020

Thailand massage refreshment Bhubaneswar, Cuttack smart therapist. 9853999966, 9853999966. Homeservices9853999966@gmail.com D-18864

Get refreshment body massage by expert therapist contact for 7205084157. D-70018

Newly open relaxing massage male/ female therapist. Contact- 9861193818, 8018656899 D-59970

Swarna SPA newly open positively health benefits with expert therapist. 9556978408. D-70017

Newly open Spa Centre smart therapist full body massage: 8114970372. D-59971

Available all types of health service and home service. 9583808247. D-18878

Now Matrimonial ads. only on Wednesday & Sunday Book 1 Get 1 FREE

Panchakarma, Acupressure, Magneto all therapy start @ 749/- Bhubaneswar. 8763725072. D-18953

Full body massage both ladies & gents by expert lady therapist. Contact- 9556923378. D-69647

## AFFIDAVIT

I, Dr. Kanti Prava Pati, hereby notify that, through an affidavit before the Notary, Bhubaneswar, I restored my parental surname 'Pati' instead of husband's surname 'Satapathy'. Henceforth, I shall be known as 'Kanti Prava Pati' for all purposes. D-67765

By an affidavit before the Notary Public, Puri, I, Sankarsan Padhi, S/o- Abhiram Padhi, Bhantigram, Taradapada, Nimapara, Puri, have changed my name from Sankar Padhy to Sankarsan Padhi. Henceforth, I shall be known as Sankarsan Padhi for all purpose. Sankarsan Padhi. D-68847

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ତାଲାଭାଙ୍ଗି ୭ଲକ୍ଷ ଟଙ୍କା, ଗହଣା ଲୁଟ୍

କାଶୀନଗର,(ଡି.ଏନ୍.ଏ.)– କାଶୀନଗର ଏନ୍ଏସି ୧୨ନଂ. ୱାର୍ଡ କାଶୀନଗର–ଗୁଣୁପୁର ରୋଡ୍ ଫରେଷ୍ଟ ଛକରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ସୋମବାର ରାତିରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ଏନେଇ ଘର ମାଲିକ ପୀତାମ୍ବର ଭେଙ୍କେଟିଙ୍କ ଏତଲାକ୍ରମେ ପୋଲିସ ନଂ. ୧୦୭/୨୦ରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ ପୀତାମ୍ବର ଏକ ଭୋଜି କାର୍ଯ୍ୟକ୍ରମରେ ସପରିବାର ବାହାରକୁ ଯାଇଥିବାବେଳେ ଦୁର୍ବୃତ୍ତ ତାଲାଭାଙ୍ଗି ଘରେ ପଶି ୧୩ ତୋଳା ସୁନା ଓ ୭ ଲକ୍ଷ ଟଙ୍କା ଚୋରି କରିନେଇଛନ୍ତି। କାଶୀନଗର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

### ସଂକ୍ଷେପରେ

## ଗିରଫ ଛାତ୍ର କୋର୍ଟ ଚାଲାଣ

### ମୋବାଇଲ ଚୋରି ଘଟଣା

**ବ୍ରହ୍ମପୁର ଅଫିସ,୧୭।୧୧**- ଏକ ଦୋକାନରୁ ମୋବାଇଲ ଫୋନ ଚୋରି ଘଟଣାରେ ଟାଉନ ଥାନା ପୋଲିସ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଗୋଳନ୍ଥରା ଥାନା କ୍ଷୋଲବନ୍ଧର ଟି.ବିବେକ ରାଓ (୧୯) ଓ ସେ ଜଣେ ଆଇଟିଆଇ ଛାତ୍ର ବୋଲି ପୋଲିସ କହିଛି। ପୋଲିସ ତାଙ୍କ ନିକଟରୁ ଚୋରି ମୋବାଇଲ ଫୋନ ଜବତ କରିଛି। ମଙ୍ଗଳବାର ମାମଲା ନଂ.୨୨୪/୨୦ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସ୍ଥାନୀୟ ସାଇ କମ୍ପ୍ଲେକ୍ସ ରୁମ ନଂ.୭ରେ ଲୋଚାପଡାର ଗୌତମ ପାତ୍ର ଏକ ମୋବାଇଲ ଦୋକାନ କରିଛନ୍ତି। ସୋମବାର ରାତି ପ୍ରାୟ ୮ଟାରେ ଜଣେ ଯୁବକ ମୋବାଇଲ କିଣିବା ବାହାନରେ ଏକ ଦାମୀ ମୋବାଇଲ ଧରି ଖସି ପଳାଉଥିବାବେଳେ ଗୌତମ ପାଟି କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

## ଶ୍ରୀମାଙ୍କ ମହାପ୍ରୟାଣ ଦିବସ ପାଳିତ

**ଭଞ୍ଜନଗର,୧୭।୧୧(ଡି.ଏନ.ଏ)**- ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠରେ ମଙ୍ଗଳବାର ଶ୍ରୀମା'ଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଦିନ ତମାମ ନାମଜପ ପରେ ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ଅନ୍‌ଲାଇନରେ ସ୍ୱତନ୍ତ୍ର ପାଠଚକ୍ର ହୋଇଥିଲା। ରଞ୍ଜିତା ପାଣିଗ୍ରାହୀ ଦୁର୍ଗାସ୍ତୋତ୍ର ପଠନ କରିଥିବା ବେଳେ ମାତୃପ୍ରସାଦ ପଣ୍ଡା ସାବିତ୍ରୀ ବହି ପଠନ କରିଥିଲେ। ସାବୁଲିଆର ବେଦମତି ଅପା ମାତୃ ବନ୍ଦନା ଗାନ କରିଥିଲେ। ରାଉରକେଲା ଯୋଗ ମନ୍ଦିରର ଭବେଶ ଚନ୍ଦ୍ର ସାହୁ ନିତ୍ୟ ବର୍ତ୍ତମାନ ଶ୍ରୀମାଙ୍କ ଉପରେ ଆଲୋଚନା କରିଥିଲେ। ଭଞ୍ଜନଗର ଆଶ୍ରମର ରତ୍ନମଞ୍ଜରୀ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଭଞ୍ଜନଗର ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା, ମ୍ୟାନ୍‌ଜିଂ ଟ୍ରଷ୍ଟି ନିରଦା ବାସିନି ପଟ୍ଟନାୟକ, ସୀମାଞ୍ଚଳ ମହାରଣା, ରାଜେଶ ବିଶ୍ୱାଳ, ସୁପ୍ରଭା ବେହେରା,ରମେଶ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଡକାୟତି ମାମଲା, ୫ କୋର୍ଟଚାଲାଣ

**ଗୋପାଳପୁର,୧୭।୧୧**-ଏକ ମାଲବାହୀ ଟ୍ରକରୁ ଡକାୟତି ଅଭିଯୋଗରେ ମଙ୍ଗଳବାର ଗୋଳନ୍ଥରା ପୋଲିସ ୫ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ଇଚ୍ଛାପୁର ଥାନା ପୁସ୍ତପୁର ଗ୍ରାମର ନରେଶ ସାହୁ, ଡି. ରାମସ୍ୱାମୀ, ପି. ଆଞ୍ଜି, ଆର୍. ସୁବାନି ଗ୍ରାମର ପାଇକେଶ ରେଡ୍ଡୀ ଓ ଗିରିସୋଲା ଗ୍ରାମର ଜେଜା ରାଓ। ପ୍ରକାଶ ଯେ, ଟ୍ରକଟି ଗତ ୧୫ ତାରିଖରେ କୋରାପୁଟ ପଟାଙ୍ଗିରୁ କନ୍ଧମୂଳ ନେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ଅଭିଯୁକ୍ତମାନେ ପିଛାକରି ଆନ୍ଧ୍ର-ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରେ ଅଟକାଇ ଚାଳକଙ୍କୁ ଗାଡି କାଗଜପତ୍ର ମାଗିଥିଲେ। ସେ ନ ଦେଇ ପଳାଇବାରୁ ତାଙ୍କୁ ପିଛା କରିଥିଲେ। ଗୋଳନ୍ଥରା ଗ୍ରାମ ନିକଟରେ ଟ୍ରକକୁ ଅଟକାଇ ଚାଳକଙ୍କୁ ଧମକଚମକ ଦେବା ସହ ତାଙ୍କଠାରୁ ୩ହଜାର ଟଙ୍କା ଛଡାଇ ନେଇଥିଲେ। ଏ ନେଇ ଚାଳକ କ୍ରିଷ୍ଣା ରାଓ ଗୋଳନ୍ଥରା ଥାନାରେ ଅଭିଯୋଗ କରିବାରୁ ନଂ. ୩୩୪/୨୦ ମାମଲା ରୁଜୁ କରି ପୋଲିସ ହରିପୁର ନିକଟରୁ ଅଭିଯୁକ୍ତମାନଙ୍କୁ ଧରିଥିଲା। ସେମାନଙ୍କ ଠାରୁ ଲୁଟ୍ ହୋଇଥିବା ୩ ହଜାର ଟଙ୍କା ମଧ ଜବତ ହୋଇଛି।

# ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍, ୨ ଗିରଫ

**ଛତ୍ରପୁର,୧୭।୧୧(ଡି.ଏନ୍.ଏ.)**



ଅଭିଯୁକ୍ତଙ୍କ ସମ୍ପର୍କରେ ଅତିରିକ୍ତ ଏସ୍‌ପି ସୂଚନା ଦେଉଛନ୍ତି ।

- ସହାୟତା ବାହାନାରେ ବୟସ୍କଙ୍କୁ ଟାର୍ଗେଟ କରୁଥିଲେ
- ୬ ପୋଲିସ ଜିଲାର ୧୯ ମାମଲାରେ ସମ୍ପୃକ୍ତ
- ୨.୭୦ ଲକ୍ଷ ଟଙ୍କା, ୧୦ ଏଟିଏମ୍ କାର୍ଡ ଜବତ

ବିଭିନ୍ନ ଏଟିଏମ୍ କାଉଣ୍ଟରରେ ବରିଷ୍ଠ ନାଗରିକଙ୍କୁ ସହାୟତା କରିବା ଆଳରେ ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍ କରୁଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ସୀମାଞ୍ଚଳ ସାହୁ ଓରଫ ଚେରୁ (୨୮) ଓ ତାଙ୍କ ସହଯୋଗୀ ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ ଗ୍ରାମର ଗୋବର୍ଦ୍ଧନ ପାତ୍ର (୩୫)। ଗୋବର୍ଦ୍ଧନ ଭୁବନେଶ୍ୱରର ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମ୍‌ଡୁମା ଫେଜ-୨ରେ ରହୁଥିଲେ। ଅଭିଯୁକ୍ତଦ୍ୱୟଙ୍କ ନାଁରେ ୬ ପୋଲିସ ଜିଲା ଯଥା ଗଞ୍ଜାମ, ନୟାଗଡ, ମାଲକାନଗିରି, ବ୍ରହ୍ମପୁର, ଖୋର୍ଦ୍ଧା ଓ ନୂଆପଡ଼ାରେ ୧୯ ମାମଲା ରହିଛି। ୨୪ଟି ଏଟିଏମ୍ ଠକେଇ ଓ ଅନ୍ୟ ମାମଲାରେ ଏମାନେ ସମ୍ପୃକ୍ତ ଥିବା ଜେରା ବେଳେ ଜଣାପଡ଼ିଛି। ସୀମାଞ୍ଚଳ ଓ ଗୋବର୍ଦ୍ଧନଙ୍କ ନିକଟରୁ ୨ ଲକ୍ଷ ୭୦ ହଜାର ଟଙ୍କା ଓ ଗୋଟିଏ ସୁନା ମୁଦି, ବିଭିନ୍ନ ବ୍ୟକ୍ତିଙ୍କ ନାମରେ ଥିବା ୧୦ ଏଟିଏମ୍ କାର୍ଡ, ଗୋଟିଏ ବାଇକ୍, ଗୋଟିଏ ସ୍କୁଟି ଏବଂ ୨ ମୋବାଇଲ ଫୋନ୍ ଜବତ କରାଯାଇଛି। ମଙ୍ଗଳବାର ଛତ୍ରପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର ଏହି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସୀମାଞ୍ଚଳ ଓ ଗୋବର୍ଦ୍ଧନ ପୂର୍ବରୁ ମେରାଇନ ଥାନା ଅଞ୍ଚଳର ଗୋଟିଏ ଓ ଚମାଖଣ୍ଡି ଥାନା ଅଞ୍ଚଳର ୪ ମାମଲାରେ ଗିରଫ ହୋଇ ଜାମିନରେ ମୁକୁଳିଥିଲେ। ଏଟିଏମ୍‌ରେ କୌଣସି ବରିଷ୍ଠ ନାଗରିକ ଟଙ୍କା ଉଠାଇ ପାରୁ ନ ଥିଲେ ଚଞ୍ଚକତା କରି ତାଙ୍କ ପିନ୍‌କୋଡ୍ ଜାଣିବା ପରେ ଏଟିଏମ୍ କାର୍ଡ ବଦଳାଇ ନେଇ ଯାଉଥିଲେ। ଗତ ସେପ୍ଟେମ୍ବର ୨୫ରେ ଛତ୍ରପୁର ଥାନା ହଂସପୁର ଗ୍ରାମର ନିତାଇ ଏଭଳି ଠକାମିର ଶିକାର ହୋଇଥିଲେ। ଏଟିଏମ୍‌ରେ ସୀମାଞ୍ଚଳଙ୍କ ସହାୟତାରେ ନିତାଇ ୪୦ ହଜାର ଟଙ୍କା ଉଠାଇଥିଲେ। ପରେ ସୀମାଞ୍ଚଳ ଚଞ୍ଚକତା କରି ନିତାଇଙ୍କ ଏଟିଏମ୍ କାର୍ଡ ବଦଳାଇ ଦେଇଥିଲେ । ଅକ୍ଟୋବର ୭ରେ ନିତାଇ ପୁଣି ଏଟିଏମ୍‌କୁ ଯାଇଥିବା ବେଳେ ଆକାଉଣ୍ଟରେ ଟଙ୍କା ନ ଥିବା ଜାଣିଥିଲେ। ସେ ଛତ୍ରପୁରସ୍ଥିତ ଷ୍ଟେଟ ବ୍ୟାଙ୍କକୁ ଯାଇ ବୁଝାବୁଝି କରିବାରେ ତାଙ୍କ ଏଟିଏମ୍ କାର୍ଡ ବଦଳିଥିବା ଏବଂ ଆକାଉଣ୍ଟରୁ ବିଭିନ୍ନ ସମୟରେ ୬ ଲକ୍ଷ ୪ ହଜାର ୮୦୦ ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ନିତାଇ ଅକ୍ଟୋବର ୧୦ରେ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ନଂ.୩୦୧/୨୦ରେ ପୋଲିସ ମାମଲା ରୁଜୁ ହୋଇଥିଲା । ଏସ୍‌ପି ବ୍ରିଜେଶ କୁମାର ରାଏଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଥାନା ଅଧିକାରୀ ପ୍ରିୟସରଞ୍ଜନ ଛୋଟରାୟ ଓ ଚମାଖଣ୍ଡି ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତାଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ଏହାର ତଦନ୍ତ କରିଥିଲା । ସାଇବର ସେଲର ସହାୟତାରେ ପୋଲିସ ସୀମାଞ୍ଚଳକୁ ଠାବ କରିବା ପରେ ତାଙ୍କ ସହଯୋଗୀ ଗୋବର୍ଦ୍ଧନଙ୍କୁ ଡୁମ୍‌ଡୁମା ଫେଜ-୨ସ୍ଥିତ ଘରୁ ଗିରଫ କରିଥିଲା। ଅଭିଯୁକ୍ତଦ୍ୱୟ ଅନ୍ୟ ପୋଲିସ ଜିଲାରେ ଅପରାଧରେ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଖୋଜା ଚାଲିଥିଲା। ନୟାଗଡ଼ ଥାନା ପୋଲିସ ଛତ୍ରପୁର ଆସି ଉଭୟଙ୍କୁ ଜେରା କରଥିବା ବେଳେ ରିମାଣ୍ଡରେ ନେବ ବୋଲି ସୂଚନା ମିଳିଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସତ୍ୟଙ୍କ କ୍ଷୁଦ୍ରତମ ଦୁର୍ଗାମୂର୍ତ୍ତି

**ବ୍ରହ୍ମପୁର ଅଫିସ,୧୭।୧୧**



ଶିଳ୍ପୀ ସତ୍ୟ ନାରାୟଣ ମହାରଣା

ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ନିଜର କ୍ଷୁଦ୍ର କଳାକୃତି ପାଇଁ ପୁଣି ଥରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସତ୍ୟ ଗତ ଦଶହରାରେ ଚକ୍, କାଠ ଓ ପଥରରେ ଦୁର୍ଗାଙ୍କର କ୍ଷୁଦ୍ରତମ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ସେ ନିର୍ମାଣ କରିଥିବା ଚକ୍ ମୂର୍ତ୍ତିର ଉଚ୍ଚତା ୧ ସେଣ୍ଟିମିଟର ରହିଥିବା ବେଳେ କାଠରେ ନିର୍ମିତ ମୂର୍ତ୍ତିର ଉଚ୍ଚତା ୧.୩ ସେଣ୍ଟିମିଟର ଓ ପଥର ମୂର୍ତ୍ତିର ଉଚ୍ଚତା ୧.୩ ସେଣ୍ଟି ମିଟର ଥିଲା, ଯାହାକୁ ସେ ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ମୂର୍ତ୍ତି ବୋଲି କହିଥିଲେ। ଏହାକୁ ନେଇ ସେ ରେକର୍ଡ଼ ଆଶା ମଧ ରଖିଥିଲେ। ଏଥିପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଆବେଦନ ମଧ କରିଥିଲେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ କର୍ମକର୍ତ୍ତା ଓ ବିଚାରକମଣ୍ଡଳୀ ସତ୍ୟଙ୍କ କ୍ଷୁଦ୍ର କଳାକୃତିକୁ ପରଖି ସହମତି ଦେବା ପରେ ଏହା ରେକର୍ଡ଼ ହାସଲ କରିବାରେ ସକ୍ଷମ ହୋଇପାରିଛି। ସତ୍ୟଙ୍କ ଏଭଳି ରେକର୍ଡ଼କୁ ନେଇ ତାଙ୍କର ବହୁ ଶୁଭେଚ୍ଛୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଏଭଳି କଳାକୃତି ମାଧ୍ୟମରେ ରେକର୍ଡ଼ ହାସଲ କରିବାର ପ୍ରଚେଷ୍ଟା ଜାରି ରହିବ ବୋଲି ଶିଳ୍ପୀ ସତ୍ୟ କହିଛନ୍ତି।

## ୩ ଉପଖଣ୍ଡରେ ହେବ ଏସ୍ଏଚ୍‌ଜି ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ

**ଛତ୍ରପୁର,୧୭।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପ୍ରଶାସନ ଦ୍ୱାରା ଓର୍‌ମାସ, ପଞ୍ଚାୟତିରାଜ ବିଭାଗ ଓ ପାନୀୟ ଜଳ ଯୋଗାଣ ବିଭାଗର ମିଳିତ ଆନୁକୁଲ୍ୟରେ ଜିଲାର ୩ ଉପଖଣ୍ଡରେ ମିନି ପ୍ରଦର୍ଶନୀ ଆୟୋଜିତ ହେବ। ଏଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ହସ୍ତଶିଳ୍ପ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରିବଟା କରାଯିବ। ଆସନ୍ତା ୨୦ରୁ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁର ଖଲ୍ଲିକୋଟ କଲେଜ ପଡିଆରେ, ନଭେମ୍ବର ୨୩ରୁ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଛତ୍ରପୁର ଖେଳପଡିଆରେ ଏବଂ ନଭେମ୍ବର ୨୬ରୁ ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଭଞ୍ଜନଗରସ୍ଥିତ ପୋଲିସ ପଡିଆଠାରେ ଏହି ମିନି ପ୍ରଦର୍ଶନୀ ହେବ । ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଲୋକପ୍ରିୟ ସାମଗ୍ରୀ ଗୁଡିକ ପ୍ରଦର୍ଶନ ସହିତ ବିକ୍ରି କରାଯିବ । ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ , ମାଟିର ଘରକରଣା ଓ ଘର ସାଜସଜ୍ଜା ସାମଗ୍ରୀ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିପାରିବ । ଲୋକେ ମଧ ଏହାକୁ କିଣିପାରିବେ ବୋଲି ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସକ) ଜ୍ୟୋତି ଶଙ୍କର ରାୟ ସୂଚନା ଦେଇଛନ୍ତି।

# 'ଚାଇଲ୍ଡ ଲାଇନ୍ ସେ ଦୋସ୍ତି ସପ୍ତାହ' କାର୍ଯ୍ୟକ୍ରମ




ଆଇଏସ୍‌ଆର୍‌ଡ଼ି ଦ୍ୱାରା 'ଚାଇଲ୍ଡ ଲାଇନ୍ ସେ ଦୋସ୍ତି ସପ୍ତାହ' କାର୍ଯ୍ୟକ୍ରମ।

**ବ୍ରହ୍ମପୁର ଅଫିସ୍,୧୭।୧୧**

ଆଇଏସ୍‌ଆର୍‌ଡ଼ି ଦ୍ୱାରା ପରିଚାଳିତ ରେଳବାଇ ଚାଇଲ୍‌ଡ ହେଲ୍ପ ଡେସ୍କ ପକ୍ଷରୁ ବ୍ରହ୍ମପୁର ଝାନ୍‌ସି ରାଣୀ ଶିଶୁ ସଂଘ ଦ୍ୱାରା 'ଚାଇଲ୍‌ଡ ଲାଇନ୍ ସେ ଦୋସ୍ତି ସପ୍ତାହ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସପ୍ତାହ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମର ଚତୁର୍ଥ ଦିନରେ ବ୍ରହ୍ମପୁର ରେଳ ଷ୍ଟେଶନ୍ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମା, ରେଳବାଇ ସୁରକ୍ଷା ବଳ ଏସ୍‌ଆଇ ବି.ଏନ୍. ରାଓ ଓ ରେଳବାଇ ଥାନା ଭାରପ୍ରାପ୍ତ ଅଧିକାରୀ ଜ୍ୟୋତି ପ୍ରକାଶ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁଙ୍କର ବଞ୍ଚିବାର ଅଧିକାର, ନିରାପତ୍ତା ଅଧିକାର, ଶିକ୍ଷା ଅଧିକାର ଓ ନିଜର ମତ ପ୍ରକାଶ କରିବାରେ ଚାଇଲ୍‌ଡ ଲାଇନ୍ କିଭଳି ନିଜର ଭୂମିକା ନିର୍ବାହ କରୁଛି ସେ ସମ୍ପର୍କରେ ଶିଶୁମାନେ ମତ ପ୍ରକାଶ କରିଥିଲେ। ଏହି ଏକ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଆରଡ଼ି ଉପନିର୍ଦ୍ଦେଶକ ପ୍ରଭୁ ପ୍ରସାଦ ପାତ୍ର, ରେଳବାଇ ଚାଇଲ୍‌ଡ ହେଲ୍‌ପ ଡେସ୍କ ସଂଯୋଜକ କଲ୍ୟାଣ କୁମାର ସିଂହ ଓ ଅନସୂୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଖେମୁଣ୍ଡି ଓକିଲ ସଂଘର ଆଲୋଚନା ସଭା

**ଦିଗପହଣ୍ଡି,୧୭।୧୧(ଡି.ଏନ୍.ଏ.)**

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ମଙ୍ଗଳବାର ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଅନ୍ତରୀଣ କମିଟି ଅଧ୍ୟକ୍ଷ ପରେଶ ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ବାର୍ କାଉନସିଲର ନିର୍ଦ୍ଦେଶକ୍ରମେ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘର କର୍ମକର୍ତ୍ତା ନିର୍ବାଚନ ପରିବର୍ତ୍ତେ ମନୋନୟନ ପାଇଁ ବରିଷ୍ଠ ସଦସ୍ୟ ତଥା ଓକିଲ ସଂଘ ପୂର୍ବତନ ସଭାପତି ରସାନନ୍ଦ ରାଉତଙ୍କ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ସମ୍ପାଦକ ଅଶେଷ ନାଥ ମିଶ୍ର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଓକିଲ ସଂଘ ନିର୍ବାଚନ ଅଧିକାରୀ ପ୍ରଭାକର ରାଉତ, ଅନ୍ତରୀଣ କମିଟି ସଦସ୍ୟ ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ଆଇନଜୀବୀ ରତ୍ନାକର ମେକାପ, ସତ୍ୟନାରାୟଣ ରଥ, ସୁକାନ୍ତ ପ୍ରଧାନ, ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ରାସ୍ତା ନିର୍ମାଣ ପାଇଁ ଭୂମିପୂଜା



ଭୂମିପୂଜନ ଅବସରରେ ବିଧାୟକ ଓ ଅନ୍ୟମାନେ

**ପାରଳାଖେମୁଣ୍ଡି,୧୭।୧୧(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ପୌର ପରିଷଦର ରେଲି ପାପିଡି ସାହିରେ ସିସି ରୋଡ ଓ ଡ୍ରେନ୍ ନିର୍ମାଣ ପାଇଁ ପାରଳା ବିଧାୟକ କେ. ନାରାୟଣ ରାଓଙ୍କ ଦ୍ୱାରା ମଙ୍ଗଳବାର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପାଣ୍ଠିରୁ ଏହି ରାସ୍ତା ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଏହି ରାସ୍ତା ନିର୍ମାର ପାଇଁ ବହୁଦିନ ହେଲା ଅଞ୍ଚଳବାସୀ ଦାବି କରିଆସୁଥିଲେ। କାର୍ଯ୍ୟକ୍ରମରେ କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ୍.ସିମାଦ୍ରୀ, ପୂର୍ବତନ ପାରଳା ପୌରାଧକ୍ଷ ନୃସିଂହ ଚରଣ ପଟ୍ଟନାୟକ, ପୂର୍ବତନ ବିଜେପି କାଉନ୍‌ସିଲର କୋଟାଲ ପୁଣ୍ୟବତୀ, ବିଜେପି ପାରଳାଖେମୁଣ୍ଡି ନଗର ସଭାପତି ଜମାଦାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ମୃତ ଖବରଦାତାଙ୍କ ପରିବାରକୁ ସହାୟତା ଦାବି

**ପାରଳାଖେମୁଣ୍ଡି,୧୭।୧୧ (ଡି.ଏନ୍.ଏ.)**

କରୋନା ଆକ୍ରାନ୍ତ ଗଜପତି ଜିଲାର ଖବରଦାତା ନବୀନାନନ୍ଦ ଗନ୍ତାୟତଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ରବିବାର ତାଙ୍କ ସ୍ମୃତିରେ ଏକ ଶୋକସଭା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପରିବାରକୁ କରୋନା ସହାୟତା ପାଇଁ ସଭାପତି ବିଧାନ ଚୌଧୁରୀ ଦାବି କରିଛନ୍ତି।

# ସହର ମୁଖ୍ୟ ଗଳି ରାସ୍ତା ମରଣଯନ୍ତା

**ଗଞ୍ଜାମ,୧୭।୧୧(ଡି.ଏନ.ଏ.)**



ମରଣଯନ୍ତା ପାଲଟିଥିବା ରାସ୍ତା।

ଗଞ୍ଜାମ ସହର ସୌନ୍ଦର୍ଯ୍ୟକରଣ ପାଇଁ ଜାତୀୟ ରାଜପଥ ୧୬ ବିଞ୍ଝଣାପଲ୍ଲୀ ଛକ ଠାରୁ ଦାମୋଦରପୁର ପର୍ଯ୍ୟନ୍ତ ଉଭୟ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ପୂର୍ତ୍ତ ବିଭାଗ ଏହାର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ପାଇପ ଲାଇନ କାମ ହେଉଛି। ତ୍ରିବେଣୀ ମଠ ଛକଠାରୁ ସାନ ବଜାର ମାଛ ମାର୍କେଟ ପର୍ଯ୍ୟନ୍ତ ୩୬୦୦ ମିଟର ଉଭୟ ପାର୍ଶ୍ୱ ରାସ୍ତାରେ ନୂତନ ପାଇପ ସଂଯୋଗ ପାଇଁ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ପିଏଚଡି ସହକାରୀ ଯନ୍ତ୍ରୀ ଡମ୍ବୁରୁ ନାୟକ କହିଛନ୍ତି। ଜେସିବି ଦ୍ୱାରା ମାଟି ଖୋଳି ପାଇପ ପକାଯାଉଛି। କିନ୍ତୁ ପାଇପ ପଡିବା ପରେ ଠିକ ଭାବେ ମାଟି ପୋତା ଯାଉନାହିଁ। ଫଳରେ ସହରର ମୁଖ୍ୟ ଗଳି ରାସ୍ତା ମରଣଯନ୍ତା ପାଲଟିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ବିଶେଷ କରି ମେଡିକାଲ ଗଳି ରାସ୍ତା ଏପରି ଭାବେ ଖାଲଖମା ରହିଛି ଯେ ସେହି ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବେ ଲୋକେ ଯାତାୟାତ କରିବାକୁ ବାଧ ହେଉଛନ୍ତି। କାର୍ଯ୍ୟ କରୁଥିବା ସଂସ୍ଥା ଏହାକୁ କର୍ଣ୍ଣପାତ କରୁନଥିବା ଅଞ୍ଚଳବାସୀ କହିଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

**WANTED**
**RECEPTIONIST** (Female) & **ACCOUNTANT** (Male) for a UNISEX Beauty Saloon At: Paradip. Experienced candidate may contact:
Mob. No.: 9937399588

**URGENTLY REQUIRED**
Urgently required 2 Nos. of experienced **MARKETING MANAGER** for C/F and SP of Nuvoco Vistas Corp. Ltd. **(LAFARGE CEMENT)** for BBSR area.
E-mail:logisticsaikrupa@gmail.com
Mob.-7205181661, 9040096740

**REQUIRED**
Depot Manager, Godown Incharge, Godown Supervisor, Transport/Maintenance Incharge, SAP Operator, Senior and Junior Accountant in a Logistics Firm of MNC Company. Candidates having experience in the respective field will be preferred.
**Walk in Interview: 21.11.20 & 22.11.20 (11 A.M. to 3 P.M.)**
For details Contact : 8420011056 / 9861439980

**REQUIRED**
A reputed Shopping Mall in Dhenkanal District requires: • Mall Manager with 5 years experience • Accountant with Tally experience • Cashier/Billing Assistant - Female only having Computer knowledge • Tele-Caller - Female only • Sales Boys & Girls for Garments Division • Home Delivery Boy with valid Driving Licences.
Contact Immediately: 7008042668, 9090848325
E-mail: cmpl.gk@gmail.com

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

Various types of High Grade Mines available to give Sublease or Sharing Partner. High Return. Term and Condition applied. Investment Capacity 4 Cr. to 41 Cr.
Contact:
9658805048

**MUDRA FINANCE**
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 1% ସୁଧ ଓ 60% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
7453832600

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି ।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ । ଘରେବସି କାମକରିଥିବା କଥାଗୁପ୍ତ ରହିବ ।

**JANODAYA Finance**
ପର୍ସନାଲ୍,ପ୍ରପୋର୍ଟି,ଗ୍ରୁପ୍, ମାର୍କସିଟ୍,ବ୍ୟବସାୟ,କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ପୁରୁଣା ମୂଷା

ବିହାର ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଶୋଚନୀୟ ହୋଇଛି। ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ଏହା ମାତ୍ର ୧୯ଟି ଆସନ ପାଇଛି। ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ମହାଗଠବନ୍ଧନରେ କଂଗ୍ରେସକୁ ୭୦ ସିଟ୍ ଲଢ଼ିବା ପାଇଁ ଦିଆଯାଇଥିଲା। ହେଲେ କଂଗ୍ରେସ ଫଳାଫଳ ମହାଗଠବନ୍ଧନକୁ କ୍ଷମତାଠାରୁ ଦୂରେଇ ରଖିଲା ବୋଲି ଆର୍‌ଜେଡି ନେତା ଶିବାନନ୍ଦ ତିୱାରୀ ଖୋଲାଖୋଲି ଅଭିଯୋଗ କରିଛନ୍ତି। କିନ୍ତୁ ସବୁଠାରୁ ଅସ୍ୱସ୍ତିକର ସ୍ଥିତି କଂଗ୍ରେସ ନେତାମାନେ ନିଜ ଦଳ ବିରୋଧରେ ଆଣିଥିବାରୁ ଏହା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି। କଂଗ୍ରେସ ନେତା ତଥା ବରିଷ୍ଠ ଓକିଲ କପିଲ ଶିବଲ କହିଛନ୍ତି ଯେ, ଦଳ ତଳକୁ ତଳକୁ ଗଲାଣି। ଆତ୍ମସମୀକ୍ଷାର ସମୟ ଅତିକ୍ରାନ୍ତ ହୋଇଗଲାଣି ବୋଲି ଏହି ନେତାଙ୍କ ତୁଣ୍ଡରୁ ଶୁଣିବାକୁ ମିଳିବା ପରେ ଆଉ କିଛି ତାଙ୍କୁ ସମର୍ଥନ କରୁଛନ୍ତି। ହେଲେ କେଉଁ କାରଣ ଯୋଗୁ ଦଳର ସ୍ଥିତି ଦୁର୍ବଳ ହେଉଛି ତାହା ଉପରେ ସୁଚିନ୍ତିତ ମତ ରଖୁନାହାନ୍ତି। କେବଳ ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଦୋଷ ଦିଆଯାଉଛି। ଏକ ରାଜନୈତିକ ପାର୍ଟିରେ ଜଣେ ବ୍ୟକ୍ତିଙ୍କ ଗୁରୁତ୍ୱ ରହିଥିଲେ ହେଁ ସେ ଏକାକୀ ସବୁକିଛି କରିପାରିବେ ନାହିଁ ବୋଲି ଅଭିଯୋଗ ଆଣୁଥିବା ନେତାମାନେ ବୁଝିବା ଦରକାର। ଯେଉଁମାନେ ଏବେ ରାହୁଲଙ୍କୁ ନିନ୍ଦା କରୁଛନ୍ତି, କଂଗ୍ରେସ କ୍ଷମତାରେ ଥିଲାବେଳେ ସେମାନେ ପାଇଥିବା ସୁଯୋଗ ଓ ସୁବିଧା ପାସୋରି ଯିବା ପରିତାପର ବିଷୟ। ବିଶେଷକରି କପିଲଙ୍କ ଭଳି ବ୍ୟକ୍ତି ଉପା ସରକାର ସମୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ବେଳେ କୌଣସି ଆଖିଦୃଶିଆ କାମ କରି ନ ଥିଲେ। ଭଲ ସମୟରେ ସାଥୀ ହୋଇଥିବା ବେଳେ ଦୁର୍ଦ୍ଦିନରେ ହାତ ଛାଡ଼ିଦେବା କେଉଁ ଦିଗରୁ ଶୋଭା ପାଉଛି ବୋଲି ଏଭଳି ବ୍ୟକ୍ତି ନିଜେ ଉପଲବ୍ଧି କରିବା କଥା। କପିଲଙ୍କ ଭଳି ନେତାମାନେ ଯୁବ ନେତୃତ୍ୱକୁ ଅଗ୍ରପ୍ରାଧାନ୍ୟ ଦେଇ ଦଳର ଉପଦେଷ୍ଟା ସ୍ତରକୁ ଉନ୍ନୀତ ହେବାକୁ ଚିନ୍ତା କରୁନାହାନ୍ତି। ବୟସ ଯେତେ ବଢ଼ିଲେ ମଧ୍ୟ କ୍ଷମତା ଲୋଭ ସେମାନଙ୍କୁ ଛାଡୁ ନାହିଁ। ଯିଏ ନିଜେ କ୍ଷମତା ଛାଡ଼ିବାକୁ ଅମଙ୍ଗ, ସିଏ ଅନ୍ୟର ଦୁର୍ବଳତା ଦେଖାଇ ସମାଲୋଚନା କରିବା ଗ୍ରହଣଯୋଗ୍ୟ ହେଉନାହିଁ।

ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିମାନେ ଜାଣିଛନ୍ତି ଯେ, ରାହୁଲଙ୍କ ଅନେକ ନିଷ୍ପତ୍ତି ପାକଳ ହେଉ ନ ଥିବାରୁ ତାଙ୍କୁ ଝୁଣ୍ଟିବାକୁ ପଡୁଛି। ବିହାର ନିର୍ବାଚନ କଥା ଦେଖିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡିଏ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଗୋଟିଏ ଗୋଟିଏ ଦିନରେ ୪ଟି ନିର୍ବାଚନ ସଭାରେ ଯୋଗ ଦେଉଥିଲେ। ହେଲେ ରାହୁଲ ସମୁଦାୟ ୩ ଦିନ ଯାଇ ୬ ନିର୍ବାଚନୀ ଭାଷଣ ରଖିଥିଲେ। ଯେତେବେଳେ ପାର୍ଟି ଅସୁବିଧାରେ ପଡ଼ିଛି ସେତେବେଳେ ତାଙ୍କୁ ମରିପଡ଼ି ଦୌଡ଼ିବା ଦରକାର ଥିଲା। ଏଥିସହ ବିହାର ନିର୍ବାଚନକୁ ନିଘା ନ ଦେବାରୁ ତାଙ୍କୁ ସମାଲୋଚନା କରାଯାଇପାରେ। କିନ୍ତୁ କଂଗ୍ରେସର ଅନ୍ୟ ନେତାମାନେ ଦିଲ୍ଲୀରେ ବସି ସମାଲୋଚନା କରିବାକୁ ପଛାଉ ନ ଥିଲା ଭଳି ମନେହୁଏ। କେବଳ ଅଧ୍ୟକ୍ଷ କିମ୍ବା ବଡ଼ ପଦବୀ ମିଳିଲେ କାମ କରିବେ, ନ ହେଲେ ଦଳ ଯୁଆଡ଼େ ଯାଉଛି ଯାଉ ଚିନ୍ତା ରଖିଲେ ଉଭୟ ପାର୍ଟି ଓ ବ୍ୟକ୍ତିବିଶେଷ ସେମାନଙ୍କ ସ୍ଥିତି ହରାଇବେ। ଆଜିର ସମୟରେ ପୁରୁଣା ମୂଷାକୁ ଖାଦ୍ୟ ପାଇଁ ଦୌଡ଼ିବାକୁ ପଡ଼ିଲାଣି।

# ଓବାମା କହିଲେ

ଭାରତୀୟ ରାଜନୀତିରେ ଆମେରିକା ଭଳି ମୁଖ୍ୟତଃ ଦୁଇ ଦଳିଆଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇ ନ ଥାଏ। ଜନସଂଖ୍ୟାବହୁଳ ରାଷ୍ଟ୍ର ଭାରତରେ ଅନେକ ପାର୍ଟି ଓ ଅସଂଖ୍ୟ ନେତା ରହିଛନ୍ତି। ଏ ବିଷୟ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଜାଣିଛନ୍ତି। ଜଣେ ଅନ୍ତର୍ଜାତୀୟ ସ୍ତରର ନେତା ହୋଇଥିବାରୁ ତାଙ୍କ ମନ୍ତବ୍ୟକୁ ଗୁରୁତ୍ୱ ଦିଆଯାଇଥାଏ। ଓବାମା ୨୦୦୯ରୁ ୨୦୧୭ ଯାଏ ଆମେରିକା ରାଷ୍ଟ୍ରପତି ଥିବା ସମୟର ସ୍ମୃତିକୁ ନେଇ ଆତ୍ମଜୀବନୀ 'ଏ ପ୍ରୋମିଜ୍‌ଡ ଲାଣ୍ଡ୍'ରେ ଯୋଜନା କରିଥିବା ଦୁଇ ଖଣ୍ଡ ପୁସ୍ତକ ମଧ୍ୟରୁ ପ୍ରଥମ ଭାଗ ୧୭ ନଭେମ୍ବର ୨୦୨୦ରେ ପ୍ରକାଶ ପାଇଛି। ସେଥିରେ ସେ ଭାରତୀୟ ରାଜନୀତି ସମ୍ପର୍କରେ କେତେକ ଟିପ୍ପଣୀ ରଖିଛନ୍ତି। କଂଗ୍ରେସ ନେତା ରାହୁଲଙ୍କୁ ଜଣେ ନର୍ଭସ ବା ଅଧୀର ଛାତ୍ର ଭାବେ ସେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ରାହୁଲ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିଥିଲେ ଓ ଶିକ୍ଷକଙ୍କୁ ନିଜ ସପକ୍ଷରେ ଭଲ ବୋଲି କହିବାକୁ ଚେଷ୍ଟା କରିଥିଲେ। ହେଲେ ପ୍ରବୃତ୍ତିଗତ କାରଣ ହେଉ ବା ଆବେଗିକ ଦୃଷ୍ଟିକୋଣରୁ ବିଷୟବସ୍ତୁ ଉପରେ ପାରଙ୍ଗମ ନ ଥିବାରୁ ଉତ୍ତମ ପ୍ରଦର୍ଶନ କରିପାରୁ ନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗୋଟିଏ ନୈଶ ଭୋଜିରେ ଓବାମା ଓ ତାଙ୍କ ପତ୍ନୀ ମିଶେଲ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲଙ୍କୁ ଭେଟିଥିଲେ। ସେତିକି ସମୟର କଥାବାର୍ତ୍ତାରେ ଓବାମା ପାଇଥିବା ଧାରଣା ତାଙ୍କ ବହିରେ ଉଲ୍ଲେଖ କରିଛନ୍ତି। ତେବେ ଓବାମାଙ୍କ ମନ୍ତବ୍ୟ ପରେ ରାହୁଲଙ୍କୁ ବିରୋଧୀ ଆହୁରି ସମାଲୋଚନା କରିବାରେ ଲାଗିପଡ଼ିଲେ। ଗଣମାଧ୍ୟମରେ ମଧ୍ୟ ତାଙ୍କୁ ଉପହାସ କରାଗଲା। ଅପରପକ୍ଷରେ ବିରୋଧୀ ଜାଣି ନ ଥିଲେ ଯେ ଓବାମା ଆଉ ଗୋଟିଏ ବୋମା ସେମାନଙ୍କ ପାଇଁ ରଖିଥିଲେ। ଭାଜପା ବିଭାଜନ ରାଜନୀତି କରି ଦେଶର ଜାତୀୟତାକୁ ବିଭାଜିତ କରୁଛି ବୋଲି ସେ ଉକ୍ତ ପୁସ୍ତକରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ମାତ୍ର ଏହି ଦିଗରେ ଏଠାରେ ବେଶି ଆଲୋଚନା କରାଯାଉ ନାହିଁ।

ସାଧାରଣତଃ ଯେଉଁମାନେ ଆତ୍ମଜୀବନୀ ଲେଖିଥାଆନ୍ତି, ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ଉଚ୍ଚସ୍ତରରେ ରଖିବାକୁ ଚେଷ୍ଟା କରିଥାଆନ୍ତି। ୧୭ ନଭେମ୍ବରରେ ବିକ୍ରି ଆରମ୍ଭ ହୋଇଥିବା ଏହି ପୁସ୍ତକର ଯେତିକି ଅଂଶ ପୂର୍ବରୁ ପ୍ରକାଶ ପାଇଛି, ସେଥିରୁ ସେହିଭଳି ଧାରଣା ଦୃଢ଼ୀଭୂତ ହୋଇଛି। ଓବାମାଙ୍କ ଆତ୍ମଜୀବନୀର ଦ୍ୱିତୀୟ ଖଣ୍ଡ ପ୍ରକାଶ ପାଇବା ପରେ ଆହୁରିଅନେକ ଚାଞ୍ଚଲ୍ୟକର ବିଷୟ ସେଥିରେ ଉଲ୍ଲେଖ ଥାଇପାରେ। କହିହେବ ଯେ, ସମ୍ପୂର୍ଣ୍ଣ ସତ୍ୟ କାହାରି ପାଖରେ ନାହିଁ। ସେଥିପାଇଁ ଓବାମାଙ୍କ ବହି ନିଶ୍ଚିତ ଭାବେ ପଢ଼ିବାଯୋଗ୍ୟ ହୋଇଥିଲେ ମଧ୍ୟ ଆହୁରି ଅନେକ ଦିଗ ଅନାଲୋଚିତ ରହିବାର ସମ୍ଭାବନା ରହିଛି।

# କାର୍ଯ୍ୟ ସମ୍ପାଦନ ଯାଞ୍ଚ ହେଉନାହିଁ କାହିଁକି



ସହଦେବ ସାହୁ

ପାଠ କହେ ଯେ ଲୋକଙ୍କ ଉପରେ ଟିକସ ବସାଇ ସେହି ପଇସାରେ ସରକାର ଦେଶରେ ଶାନ୍ତିଶୃଙ୍ଖଳା ରକ୍ଷା ସହିତ ଉନ୍ନତିମୂଳକ କାମ କରିଥାନ୍ତି, କିନ୍ତୁ ଟିକସ ବଢାଇଲେ ବା ନୂଆ ଟିକସ ବସାଇଲେ ଲୋକେ ସରକାରଙ୍କୁ ଅର୍ଥାତ୍ ଗଣତନ୍ତ୍ରରେ ଶାସକଦଳକୁ ନାପସନ୍ଦ କରିବେ, ଆଗାମୀ ନିର୍ବାଚନରେ ଶାସକଦଳକୁ ହଟାଇଦେବେ। ଏଭଳି ଆଶଙ୍କା ଥିବାରୁ ପୁଞ୍ଜିବାଦ ଓ ଗଣତନ୍ତ୍ରର କ୍ରୀଡ଼ାଭୂମି ୟୁଏସ୍‌ଏରେ ସେ ଦେଶର ରାଜନୈତିକ ଚିନ୍ତକମାନେ ଉଦାର ପୁଞ୍ଜିବାଦ(ଲିବେରାଲ କାପିଟାଲିଜମ୍) ଏବଂ ଉଦାର ଗଣତନ୍ତ୍ରର ବୟାନ କଲେ; ବ୍ୟକ୍ତିଗତ ଲାଭ ତୁଳନାରେ ସାମାଜିକ ଲାଭ ଅର୍ଥାତ୍ ଦେଶର ବିକାଶ ଉପରେ ଅଧିକରୁ ଅଧିକ ଜୋର୍ ଦିଆଯାଉ ବୋଲି ପରାମର୍ଶ ଦେଲେ। ସରକାରୀ ପ୍ରୋତ୍ସାହନ ଓ ଆମନ୍ତ୍ରଣ 'ସ୍ଥାନଭେଦରେ ବ୍ୟବସାୟ'କୁ 'ସ୍ଥାନ ନିର୍ବିଶେଷରେ ବ୍ୟବସାୟ'ରେ ପରିବର୍ତ୍ତିତ କରିପାରିବ। ଏହା ଭିତରେ ମାର୍କିନ୍ ରାଜନେତାମାନେ କ୍ରମବର୍ଦ୍ଧିଷ୍ଣୁ ନିର୍ବାଚନୀ ଖର୍ଚ୍ଚ ତୁଲାଇବା ଲାଗି ଚାନ୍ଦା ସଂଗ୍ରହର ଏକ ସହଜ ଉପାୟ ଦେଖିପାରିଲେ, ପ୍ରଭାବର ମୂଲ୍ୟ ବା ରେଣ୍ଟିଂ ଅର୍ଥଶାସ୍ତ୍ରର ଏକ ନୂଆ ଶବ୍ଦ ହୋଇଗଲା। ଯେଉଁ ନେତାଙ୍କ ପ୍ରଭାବରେ ବା ଅନୁକମ୍ପାରେ କମ୍ପାନୀ ବା ଶିଳ୍ପ ବସାଇବାରେ ସଫଳ ହୋଇଥିବା ବ୍ୟକ୍ତି ସମ୍ପୃକ୍ତ ନେତାଙ୍କ (ଶାସକ) ଦଳକୁ ବେଶ୍ କିଛି ଦାନ କଲା। ଏ ନୂଆ ମାର୍କିନ ବ୍ୟବସ୍ଥା ଚାରିଆଡ଼େ ବ୍ୟାପିଲା, କେବଳ ଗଣତାନ୍ତ୍ରିକ ଦେଶରେ ନୁହେଁ, କମୁନିଷ୍ଟ ଦେଶଗୁଡ଼ିକରେ ବି। ସାଧାରଣତଃ କ୍ଷତି ହେଉଥିବା ସ୍ଥାନରେ ବି ପୁଞ୍ଜିପତିମାନେ ବ୍ୟବସାୟ ଆରମ୍ଭ କରିପାରିବେ, ଫଳରେ ଆଞ୍ଚଳିକ ବୈଷମ୍ୟ ଦୂର ହୋଇପାରିବ।

ସରକାରମାନେ ଶସ୍ତାରେ ଭୂମି, ଜଳ, ବିଜୁଳି, ରାସ୍ତା ଆଦି ଯୋଗାଇବା ସହିତ କିଛି କିଛି ଟିକସ ଛାଡ଼ ଦେଇ ପୁଞ୍ଜିନିବେଶକାରୀଙ୍କୁ ଆମନ୍ତ୍ରଣ କରୁଛନ୍ତି। ୨୦୦୦ ଦଶକରୁ ଏଭଳି ଆମନ୍ତ୍ରଣ ଏକ ଉତ୍ସବର ରୂପ ନେଇଛି, ଯଥା ଭାଇବ୍ରାଣ୍ଟ ଗୁଜରାଟ, ବେଙ୍ଗଲ୍ ବିଜ୍‌ନେସ୍ କନ୍‌କ୍ଲେଭ୍ ଓ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଆଦି। କେତେ ପରିମାଣର ପୁଞ୍ଜିନିବେଶ ପ୍ରସ୍ତାବ ପାଉଛନ୍ତି ତାହାକୁ ବିଭିନ୍ନ ମିଡିଆରେ ପ୍ରଚାର କରି ବାହାବା ନିଅନ୍ତି। ଏହା ଭୋଟର-ପ୍ରିୟ ହେବାର ଏକ ଚେଷ୍ଟା- ଆଗାମୀ ନିର୍ବାଚନରେ ଶାସକ ଦଳ ପାଇଁ ସମର୍ଥନ ବଢିବ ବୋଲି ଆଶା ରହେ। ଜଳ, ବାୟୁ, ଭୂଇଁ, ବିଜୁଳିଶକ୍ତି, ରାସ୍ତାଘାଟ ଆଦି ଜାତୀୟ ସମ୍ପଦକୁ 'ଶାଗ ମାଛ ଦର'ରେ ଟେକିଦେବାର ଆବହାୱା ୨ଜି-ସ୍କାମ୍ ଓ କୋଇଲା ଆବଣ୍ଟନ କେଳେଙ୍କାରି ପରେ ବହୁ ପରିମାଣରେ କମିଯାଇଛି ସିନା, କିନ୍ତୁ ପ୍ରାଦେଶିକ ସରକାରଗୁଡ଼ିକ ଏବେ ବି ଜମି, ଜଳ ଏବଂ ବିଜୁଳିକୁ ଶସ୍ତା ଓ ସୁବିଧାରେ ଯୋଗାଇ ଦେଉଛନ୍ତି, କାରଖାନା-ସ୍ଥଳକୁ ୪-୬ ଲେନ୍‌ଯୁକ୍ତ ସଡ଼କ କରିଦେଉଛନ୍ତି, ନିକଟବର୍ତ୍ତୀ ସ୍ଥାନରେ ବିମାନବନ୍ଦର ତିଆରି କରୁଛନ୍ତି ବା ନିକଟରେ ଥିବା ବନ୍ଦରର ମାନ ଉନ୍ନତ କରୁଛନ୍ତି। ନିବେଶକାରୀର ଖର୍ଚ୍ଚ କମାଇବା ପାଇଁ କଳକାରଖାନାର ବିଭିନ୍ନ ଅଂଶ ଉପରେ ଆମଦାନୀ ଶୁଳ୍କ କମାଉଛନ୍ତି, କିଛି ବର୍ଷ ପାଇଁ ଉତ୍ପାଦନ ଶୁଳ୍କ ଛାଡ଼ କରୁଛନ୍ତି, କିଛି ବର୍ଷ ପାଇଁ ଉତ୍ପାଦ ଉପରେ ଜିଏସ୍‌ଟି ଛାଡ଼ ବା ହ୍ରାସ କରୁଛନ୍ତି। ପୁଞ୍ଜିନିବେଶ ମେଳାରେ ଓଡ଼ିଶା ଦେଖାଏ କେତେ କ'ଣ ସୁବିଧା ଦେଉଛି। ବଦଳରେ ସରକାର ଚାହାନ୍ତି କେତେ ଲୋକଙ୍କୁ ଚାକିରି ମିଳିବ। ଏ କଥା ନିବେଶକାରୀ ସହ ହୋଇଥିବା ବୁଝାମଣାପତ୍ର ବା ମେମୋରାଣ୍ଡମ୍ ଅଫ୍ ଅଣ୍ଡରଷ୍ଟାଣ୍ଡିଂରେ ଲେଖାରହେ। ଯେତେବେଳେ ବିତାଡିତ ଓ ବାସଚ୍ୟୁତ ଲୋକମାନଙ୍କର ପ୍ରତିବାଦ-ଶୋଭାଯାତ୍ରା ବାହାରେ ଆମେ ଜାଣୁ ଯେ କିଛି ଗଡବଡ ହୋଇଛି। ଲେଡିଗୁଡ କହୁଣିକୁ ବୋହିଯିବା ପୂର୍ବରୁ ସରକାର ଯଦି ପ୍ରତି ପୁଞ୍ଜିନିବେଶ ପ୍ରକଳ୍ପର ପର୍ଫର୍ମାନ୍ସ ଅଡିଟ୍ (କାର୍ଯ୍ୟ ସମ୍ପାଦନ ଯାଞ୍ଚ) କରନ୍ତେ ବୁଝାମଣା-ପତ୍ରର ଖିଲାପ ହୋଇଛି କି ନାହିଁ ଜଣାପଡନ୍ତା। ପରୋକ୍ଷରେ ସରକାରଙ୍କ ଅପାରଗତା ବି ଜଣାପଡନ୍ତା। ଆଉ ପ୍ରଭାବୀ ରାଜନେତାମାନେ ସେମାନଙ୍କ ପ୍ରଭାବ ପକାଇ ନିଜ ଲୋକଙ୍କୁ ନିଯୁକ୍ତ କରାଉଛନ୍ତି କି ନାହିଁ ଜଣାପଡନ୍ତା। ଯେମିତି ରାଜନେତାମାନଙ୍କର ଉଚ୍ଚାରଣ ଓ ଆଚରଣ ଭିତରେ ଫରକ ଥାଏ ସେମିତି କାଗଜପତ୍ର ଏବଂ ସରଜମିନ ଭିତରେ ଫରକ ରହୁଛି କି? ଯଦି ସମାଜକୁ ଯଥାର୍ଥ ଫଳ ମିଳୁନାହିଁ କ'ଣ କ'ଣ ସଂଶୋଧନ କଲେ ତାହା ମିଳିବ ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ପର୍ଫର୍ମାନ୍ସ ଅଡିଟ୍ କରାହେବା ଦରକାର। ପର୍ଫର୍ମାନ୍ସ ଅଡିଟ୍ ସବୁବେଳେ ସରକାରଙ୍କ କଣ୍ଟ୍ରୋଲ ବାହାରେ କାମ କରେ। ସେ ଅଡିଟ୍ ଯାହା ପରାମର୍ଶ ଦିଏ ବା ସଂଶୋଧନ ବ୍ୟବସ୍ଥା ଗ୍ରହଣ କରିବାକୁ ମତ ଦିଏ, ପୁଞ୍ଜିନିବେଶକାରୀ ତାହା ମାନିବାକୁ ବାଧ୍ୟ ହୁଏ, ନଚେତ୍ ଦଣ୍ଡ ପାଏ। ତାହା ହେଉ ନ ଥିବାର କାରଣ ନିଜର ଦୋଷ ଦୁର୍ବଳତା ଘୋଡାଇବା ପାଇଁ ପର୍ଫର୍ମାନ୍ସ ଅଡିଟ୍ କରାଉନାହାନ୍ତି।

ଇନ୍‌ଭେଷ୍ଟମେଣ୍ଟ ବଢ଼ିଲେ ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ (ଜିଡିପି- ସ୍ଥୂଳ ଆଭ୍ୟନ୍ତରୀଣ ଉତ୍ପାଦ) ବଢିବ ସତ, କିନ୍ତୁ ତାହା ଯଦି ଲୋକଙ୍କ ଆୟ ବଢ଼ିବାରେ ସାହାଯ୍ୟ ନ କଲା, ସେ ପ୍ରକାରର ଇନ୍‌ଭେଷ୍ଟମେଣ୍ଟ 'ଜନହିତରେ ଜାରି' ବୋଲି କହିହେବ ନାହିଁ। ନୂଆ କଳକାରଖାନା ବସାଇବାରେ ତ ରାଜ୍ୟ ବାହାରର ଲୋକଙ୍କୁ ଅଗ୍ରାଧିକାର ଦେଉଛନ୍ତି, ଭିତ୍ତିଭୂମିମୂଳକ-ନିର୍ମାଣ-କାର୍ଯ୍ୟରେ ବି ରାଜ୍ୟ ବାହାରର ଠିକାଦାରମାନଙ୍କୁ ଶ୍ରେୟ ମନେକରୁଛନ୍ତି। ସେମାନେ ନିଜର ଅନୁଗାମୀ ନିଜ ପ୍ରଦେଶର ପିଲାଙ୍କୁ କାମ ଯୋଗାଉଛନ୍ତି। ଏହାର ଗୋଟିଏ ବଡ କାରଣ ଆମ ପିଲାଏ ଆବଶ୍ୟକ ଶିକ୍ଷା ବା ତାଲିମ୍ ପାଇନାହାନ୍ତି। ଆମେ ପିଲାଙ୍କୁ ପଢାଉଛୁ ମାନେ ଆମେ ପିଲା ଉପରେ ଇନ୍‌ଭେଷ୍ଟମେଣ୍ଟ କରୁଛୁ; ସେ ଇନ୍‌ଭେଷ୍ଟମେଣ୍ଟର ଲାଭ (ରିଟର୍ନ) ହେବ ପିଲାଟି ଯଦି ପଢାସ୍ତର ଅନୁଯାୟୀ କାମକରିବାର ସୁବିଧା ପାଇବ। ପିଲା କାମରେ ଲାଗିଗଲେ ଦେଶର ବିକାଶ-ହାର (ଜିଡିପି ଅଭିବୃଦ୍ଧି ହାର)ରେ ସେ ଗୋଟିଏ ଖିଅ ହୋଇଯାଆନ୍ତା।

ଫେବୃୟାରୀ ୨୦୨୦ରୁ ଆଜି ମଧ୍ୟରେ ଉଚ୍ଚସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ କମିଟି ଏବଂ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହାଇଲେଭଲ୍ ମଞ୍ଜୁରି କମିଟି ୧.୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମଞ୍ଜୁର କରିଛନ୍ତି ଏବଂ ୩୧,୯୭୯ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସରକାରଙ୍କ ପ୍ରେସ୍-ବିବୃତି କହୁଛି। ଷ୍ଟେନ୍‌ଲେସ୍ ଷ୍ଟିଲ୍, ସ୍ଲାଗ୍ ଓ ଫ୍ଲାଏ ଆଶ୍, ପେଲେଟ୍ସ ମାନୁଫାକ୍ଚରିଂ, ସ୍ଲରି ପରିବହନକାରୀ ପାଇପ୍ ଭଳି ଉଦ୍ୟୋଗ ଲୌହ, ଆଲୁମିନିୟମ୍ ଓ କୋଇଲା ଭଳି ଓଡିଶାର କଞ୍ଚାମାଲ ବ୍ୟବହାର କରିବ ସିନା, ସେସବୁ ପ୍ରାୟ ସ୍ୱୟଂଚାଳିତ ହୋଇପଡିଥିବାରୁ ମେଶିନ୍ ସବୁ କାମ କରିବ। କେବଳ ମେଶିନ୍ ଚଳାଇବା ପାଇଁ ଲୋକ ଦରକାର ହେବ। ସେଭଳି ଇଞ୍ଜିନିୟର ଓ ଟେକ୍ନିସିଆନ୍ ହେବାର ଶିକ୍ଷା ଓ ତାଲିମ ବ୍ୟବସ୍ଥା ରାଜ୍ୟରେ ନାହିଁ, ଯାହା ଅଛି ତାହା ସାର୍ଟିଫିକେଟ୍-ବିକ୍ରୟକାରୀ ଅନୁଷ୍ଠାନ ହୋଇଯାଇଛି। ସେଗୁଡିକରୁ ଉତ୍ତୀର୍ଣ୍ଣ ହେଉଥିବା ପିଲାମାନଙ୍କ ଭିତରୁ ୭୫ପ୍ରତିଶତ ପାଖାପାଖି ପିଲା ନିଯୁକ୍ତି-ଅଯୋଗ୍ୟ ବୋଲି ଭିନ୍ନ ଭିନ୍ନ ସର୍ଭେ କହୁଛି। ଆଗେ ଶିକ୍ଷା ବ୍ୟବସ୍ଥାକୁ ନ ସଜାଡି ପ୍ରଯୁକ୍ତି ବିଦ୍ୟା ଦରକାର କରୁଥିବା ଶିଳ୍ପ ବସାଇ ଲୋକହସା ହେବା ସାର ହେବ ସିନା!

ଆଉ ଗୋଟିଏ ଲକ୍ଷ୍ୟ କରିବାର କଥା- ନେତାଙ୍କ ସହ ଲେଭରେଜ୍ (ମାନେ ଓଜନ) ବଢାଇବା ପାଇଁ ସେମାନଙ୍କ ସମ୍ପର୍କୀୟଙ୍କୁ ଚାକିରି ଦିଆଯାଉଛି – ଏହା ଏକ ପ୍ରକାରର ଲାଞ୍ଚ, ଯାହାକୁ ଅର୍ଥନୀତିଜ୍ଞମାନେ କହନ୍ତି ରେଣ୍ଟିଂ ବା ପ୍ରଭାବର ଭଡା। ଉଚ୍ଚ ପଦାଧିକାରୀମାନଙ୍କୁ ଧରିପାରିଲେ ଯାବତୀୟ ଧନ୍ଦା କରିହେବ, ପୁଞ୍ଜିନିବେଶର ଫଳ ଲୋକଙ୍କୁ ଲାଭ ଦେଉ କି ନ ଦେଉ ପୁଞ୍ଜିନିବେଶକାରୀ ସବୁ ପ୍ରକାର ସୁବିଧା ପାଇଯିବ। ସ୍ୱଳ୍ପ ପୁଞ୍ଜିର ଲୋକ କିପରି ଅଳ୍ପ ଦିନରେ ଅର୍ବୁଦପତି ହେବା ସମ୍ଭବ ହୋଇଛି ତାହା ବିଭିନ୍ନ ପତ୍ରପତ୍ରିକାରେ ମଧ୍ୟ ପ୍ରକାଶ ପାଇଛି।

ଇମେଲ୍: sahadevas@yahoo.mail

# ପିଲାଏ ପଢ଼ିବେ କେମିତି



ଦ୍ୟୁତୀ ଚନ୍ଦ୍ର ସାହୁ

ଟିଭି ପର୍ଦ୍ଦାରେ ଦେଖାଗଲା ବ୍ରେକିଂ ନ୍ୟୁଜ୍, ଲେଖାଥିଲା ରାଜ୍ୟରେ ନୂଆବର୍ଷରେ ଖୋଲିବ ବିଦ୍ୟାଳୟ। ଘରେ ଥିବା ପିଲାମାନେ ମୁହଁ ଶୁଖେଇଦେଲେ ତୁରନ୍ତ। ନିରସ କରିଦେଲା ଏମିତି ଖବର। ଦୀପାବଳି ପରେ ବିଦ୍ୟାଳୟ ଖୋଲିବ ବୋଲି ସେମାନେ ଗୋଟେ ଆଶା ବାନ୍ଧିଥିଲେ। ସାଙ୍ଗସାଥୀଙ୍କ ମଧ୍ୟରେ ବି ଏକପ୍ରକାର ଆଲୋଚନା ଚାଲିଥିଲା ବିଦ୍ୟାଳୟ ଖୋଲିବା ନେଇ। ଦୀର୍ଘଦିନ ଧରି ବିଦ୍ୟାଳୟରେ ତାଲା ଝୁଲିବା ପରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୋଟେ ଉଦ୍‌ବେଳନ କେବେ ଖୋଲିବ ବିଦ୍ୟାଳୟ ? ଅବଶ୍ୟ ଅନେକ ଅଭିଭାବକ ନିଜ ପିଲାଙ୍କୁ ଏବେ ବି ବିଦ୍ୟାଳୟ ଛାଡ଼ିବାକୁ ଉଚିତ ମଣୁନାହାନ୍ତି। ସେମିତି ଚିନ୍ତା କରିବା ବି ସ୍ୱାଭାବିକ କଥା। କିଛି ରାଜ୍ୟ ଦୁଃସାହସିକ ଭାବେ ବିଦ୍ୟାଳୟ ଖୋଲିବା ପରେ ଯେଉଁ ପରିସ୍ଥିତି ସୃଷ୍ଟି ହେଲା ତାକୁ ଆଖି ଆଗରେ ରଖି ଆମ ରାଜ୍ୟ ସରକାର ଛୁଟି ପରିବର୍ଦ୍ଧିତ କରିବାକୁ ନିଷ୍ପତ୍ତି ନେଲେ। ସାମ୍ପ୍ରତିକ ପରିସ୍ଥିତି ଦୃଷ୍ଟିରୁ ଠିକ୍ ବୋଲି ଶିକ୍ଷାବିତ୍‌ମାନେ ସ୍ୱୀକାର କରିଛନ୍ତି। ସମୟର ଆହ୍ୱାନ ଦୃଷ୍ଟିରୁ ଏହା ନିଶ୍ଚିତ ଠିକ୍। କିନ୍ତୁ ଆବେଗିକ ଦୃଷ୍ଟିକୋଣରୁ ପିଲା ଓ ଶିକ୍ଷକ ଭିତରେ ଏକପ୍ରକାର ନୈରାଶ୍ୟ ଆଣିଦେଲା। ଅଦ୍ୟାବଧି ତିରିଶ ପ୍ରତିଶତ ପାଠ୍ୟକ୍ରମକୁ ଶିକ୍ଷା ବିଭାଗ କାଟ୍ କରିଦେଇ ନୂଆ ପାଠ୍ୟଖସଡ଼ା ପ୍ରସ୍ତୁତ କରିଥିଲେ। କିନ୍ତୁ ନୂଆବର୍ଷକୁ ବିଦ୍ୟାଳୟ ଖୋଲିଲା ବେଳକୁ ଚଳିତ ଶିକ୍ଷାବର୍ଷର ସମୟ ବହୁତ ଅତିକ୍ରାନ୍ତ ହୋଇସାରିଥିବ। ଏଇକ୍ରମରେ ପାଖାପାଖି ଏକ ବର୍ଷ ପିଲାମାନେ ବିଦ୍ୟାଳୟ ମୁହଁ ଦେଖିପାରିଲେନି। ଆଗକୁ ପୁଣି କେବେ ଖୋଲିବ ତାହା ବି ଅନିଶ୍ଚିତ। ଏମିତି ସମୟରେ ପିଲାମାନେ ପାଠ ପଢ଼ିବେ କେମିତି ! ଏହା ଏବେ ବଡ଼ ପ୍ରଶ୍ନ ସମସ୍ତଙ୍କ ପାଇଁ। ବିଶେଷକରି ରାଜ୍ୟ ସରକାରଙ୍କ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଉନ୍ନୟନ ଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ସମୂହରେ ଅଧ୍ୟୟନରତ ଲକ୍ଷ ଲକ୍ଷ ପିଲାଙ୍କ ପାଇଁ ପାଠପଢ଼ା ବଡ଼ ସମସ୍ୟା। ଯଦିଓ ପ୍ରତ୍ୟକ୍ଷ ଶିକ୍ଷାଦାନର ବିକଳ୍ପ କିଛି ହୋଇ ନ ପାରେ ! ତଥାପି ଘରୋଇ ବିଦ୍ୟାଳୟ ଓ ସିବିଏସଇ ବୋର୍ଡ ଅନୁବନ୍ଧିତ ସରକାରୀ ବିଦ୍ୟାଳୟ ଲାଗି ପିଲାଙ୍କ ପାଠପଢ଼ା ଆଉ ବିଶେଷ ସମସ୍ୟା ହୋଇ ରହିନାହିଁ। ଲକ୍‌ଡାଉନର କିଛି ମାସ ପରେ ସେମାନେ ଅନଲାଇନ ଜରିଆରେ ପାଠପଢ଼ା ଆରମ୍ଭ କରିଦେଇଥିଲେ। ବିଶେଷକରି ଶତପ୍ରତିଶତ ପିଲା ଅନଲାଇନ ଶିକ୍ଷାଦାନରେ କିପରି ଭାଗ ନେଇପାରିବେ ସେ ଦିଗରେ ସେମାନେ ବହୁତ ଭଲ କାର୍ଯ୍ୟ ମଧ୍ୟ କରିଛନ୍ତି। ବିଭିନ୍ନ ସମୟରେ ବ୍ୟକ୍ତିଗତ ଭାବେ ସିଧାସଳଖ ପିଲାଙ୍କ ସହ ଆଲୋଚନା କରି ଅନଲାଇନ ଶ୍ରେଣୀରେ ହେଉଥିବା ସମସ୍ୟାର ସମାଧାନ ଦିଗରେ ବି ଉଦ୍ୟମ କରିଛନ୍ତି। ଏପରିକି ବିକଳ୍ପ ମାଧ୍ୟମରେ ପ୍ରାରମ୍ଭିକ ଓ ମଧ୍ୟବର୍ତ୍ତୀ ଆକଳନ ପରୀକ୍ଷା କରିବା ସହ ଫଳାଫଳ ବି ଘୋଷଣା କରିଛନ୍ତି।

ଚଳିତ ଶିକ୍ଷା ବର୍ଷ ସେସବୁ ଶିକ୍ଷାର୍ଥୀଙ୍କ କ୍ଷେତ୍ରରେ ଏକପ୍ରକାର ଗତିଶୀଳତା ରହିଛି। ଏବେ ପ୍ରଶ୍ନ ତଥାପି ଲଟକି ରହିଛି ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଏ କରିବେ କ'ଣ ? ଅବଶିଷ୍ଟ ସତୁରି ପ୍ରତିଶତ ପାଠ୍ୟକ୍ରମ ମାତ୍ର ଦୁଇ ମାସରେ ଶେଷ ହେବା ଲାଗି ଯଥେଷ୍ଟ ନୁହଁ। ମାର୍ଚ୍ଚ ମାସରେ ଯଦି ଶିକ୍ଷାବର୍ଷ ଶେଷହୁଏ ତେବେ ଚଳିତ ବର୍ଷର ପାଠ ପିଲାଏ କିଭଳି ପଢ଼ିପାରିବେ ? ଏମିତି ଅନେକ ପ୍ରଶ୍ନ ତଥାପି ଅସମାହିତ ହୋଇ ରହିଛି। ଯଦିଓ ଅନଲାଇନ ପାଠ୍ୟକ୍ରମ ଚାଲିଛି ତାହା ବିଭିନ୍ନ କାରଣରୁ ଶତପ୍ରତିଶତ ସଫଳ ହୋଇପାରିନି। ଚଳିତ ବର୍ଷ ଜିରୋ ଶିକ୍ଷା ବର୍ଷ ଘୋଷଣା ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହା ଘୋଷଣା କରିବା ବି ଏତେ ସହଜ ନୁହଁ। ପରବର୍ତ୍ତୀ ଅନେକ ସମସ୍ୟା ଭିତରେ ଛନ୍ଦି ହେବାର ସମ୍ଭାବନା ରହିଛି। ଅପରପକ୍ଷେ ଶିକ୍ଷାବର୍ଷକୁ ଘୁଞ୍ଚେଇ ଦେବା ଲାଗି ବହୁ ଶିକ୍ଷାବିତ ପରାମର୍ଶ ଦେଇଛନ୍ତି। ନୂଆ ବର୍ଷ ବେଳକୁ ଟିକା ଆସିଯାଇଥିଲେ ହୁଏତ ଟିକାପ୍ରଦାନପୂର୍ବକ ଶିକ୍ଷା ବର୍ଷକୁ ଜାନୁୟାରୀରୁ ଡିସେମ୍ବର କରାଯାଇପାରେ। କିନ୍ତୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଲାଗି ଆଶା ବାନ୍ଧିଥିବା ପିଲାମାନେ ଏଥିରେ କ୍ଷତି ସହିବେ। ସିବିଏସଇ ପିଲାମାନେ ସ୍ୱାଭାବିକ ଭାବେ ସେସବୁ ପରୀକ୍ଷା ଦେବାକୁ ଯୋଗ୍ୟ ହୋଇପାରିବେ। ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢୁଥିବା ପିଲା ଏଥିରୁ ବଞ୍ଚିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

କରୋନା ମୁକାବିଲା ଭଳି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଶିକ୍ଷା ନୀତି ଅନୁସରଣ କରିବା ଆବଶ୍ୟକ। ଏତଦ୍‌ଭିନ୍ନ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ କରୋନା କାଳ ପ୍ରାରମ୍ଭରୁ ଗ୍ରହଣ କରାଯାଇଥିବା ଇ-ସୁବିଦ୍ୟା ଯୋଜନା ଏକ ବିକଳ୍ପ ହୋଇପାରେ। ୟୁନିସେଫ ପକ୍ଷରୁ ମଧ୍ୟବର୍ତ୍ତୀ ଆକଳନକ୍ରମରେ ସ୍ଥଳବିଶେଷରେ ଅନେକାଂଶରେ ଏଇ ଯୋଜନା ଫଳପ୍ରଦ ହୋଇଥିବା ଜଣାପଡ଼ିଛି। ଇ-ସୁବିଦ୍ୟା ଭଳି ରାଜ୍ୟ ସରକାରଙ୍କ ଉଭୟ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମିଳିତ ନିଷ୍ପତ୍ତିକ୍ରମେ ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ଶ୍ରେଣୀ ଭିତିରେ ଗ୍ରାମୀଣସ୍ତରରେ ଖୁବ୍ କମ୍ ପିଲାଙ୍କୁ ନେଇ କରୋନାର ସମସ୍ତ ନିୟମକୁ ଅନୁପାଳନପୂର୍ବକ ପ୍ରତ୍ୟହ କିଛି ସମୟ ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା ଗ୍ରହଣ କରାଯାଇପାରେ। ଅପରପକ୍ଷେ ପିଲାଙ୍କ ନିକଟରେ ତୁରନ୍ତ ସ୍ୱଶିକ୍ଷଣ ଆଧାରିତ କାର୍ଯ୍ୟଫର୍ଦ୍ଦ ସମ୍ବଳିତ ବିଷୟଗତ ପୁସ୍ତିକାମାନ ପହଞ୍ଚାଇବାର ବ୍ୟବସ୍ଥା କରିବା ମଧ୍ୟ ଆବଶ୍ୟକ। ରେଡିଓ ଓ ଟେଲିଭିଜନର ସଫଳ ବିନିଯୋଗପୂର୍ବକ ନିରବଚ୍ଛିନ୍ନ ଶିକ୍ଷାଦାନ କରିବା ଦିଗରେ ବି ପ୍ରୟାସ ହେବା ଦରକାର। ସ୍ଥାନୀୟ ମୁଦ୍ରିତ ଗଣମାଧ୍ୟମ ଜରିଆରେ ବି ସ୍ୱଶିକ୍ଷଣ ଆଧାରିତ କାର୍ଯ୍ୟଫର୍ଦ୍ଦ ପ୍ରକାଶନ ଦିଗରେ ସରକାରୀ ସ୍ତରରେ ଉଦ୍ୟମ ଗ୍ରାମୀଣ ପିଲାଙ୍କ ଶିକ୍ଷାଦାନ ଲାଗି ଏକ ସଫଳ ବିକଳ୍ପ ହୋଇପାରେ। ଶିକ୍ଷାବର୍ଷର ସମୟ ଶେଷ ହୋଇଆସୁଛି। ଚ୍ୟାଲେଞ୍ଜ ବଢ଼ି ବଢ଼ି ଯାଉଛି। ତଥାପି ପିଲାଏ ପଢ଼ିବେ କେମିତି ଏକଥା ସରକାର, ଅଭିଭାବକ, ଶିକ୍ଷାବିତ୍, ଶିକ୍ଷକ ତଥା ଶିକ୍ଷାର୍ଥୀଙ୍କ ଭିତରେ ଘାରିହୋଇ ଚାଲିଛି। କାରଣ ଶିକ୍ଷା ଓ ଶିକ୍ଷାର୍ଥୀଙ୍କ ଲାଗି ସମୟ ହିଁ ମୂଲ୍ୟବାନ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ-୯୫୫୬୨୮୭୭୭୫

# ପାଠକ ଶ୍ରେଷ୍ଠ ବିଚାରକ

## ଅଯୋଗ୍ୟ ପୋଲିସଙ୍କୁ ବରଖାସ୍ତ କରାଯାଉ

ମହାଶୟ,

ଚଳିତ ନଭେମ୍ବର ୧୧ ତାରିଖ ଦିନ ଆମ ରାଜ୍ୟର ମାନବାଧିକାର କମିଶନ ରାଜ୍ୟ ପୋଲିସ ବିଭାଗରେ କାର୍ଯ୍ୟରତ ଜନୈକ ପୋଲିସ ଅଧିକାରୀଙ୍କୁ ତାଙ୍କ ଅଦୂରଦର୍ଶୀତା, କର୍ତ୍ତବ୍ୟରେ ସାଙ୍ଘାତିକ ଭୁଲ ଏବଂ ସମ୍ବେଦନହୀନତା ପାଇଁ ଦୋଷୀ ସାବ୍ୟସ୍ତ କରିବା ସହିତ ତାଙ୍କ ଭୁଲ ପାଇଁ ପ୍ରାୟ ୨ ବର୍ଷ ଜେଲଦଣ୍ଡ ଭୋଗିଥିବା ୨ ଜଣ ନିରପରାଧ ଯୁବକଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଏହି କି ୨୦୧୬ରେ ବରଗଡ ଜିଲ୍ଲା ପାଇକମାଳ ଥାନା ଅନ୍ତର୍ଗତ ମାଝିପାଲି ଗ୍ରାମର ଜନୈକ ନାବାଳକ ନିଖୋଜ ଘଟଣାରେ ସମ୍ପୃକ୍ତ ପୋଲିସ ଅଧିକାରୀ ଏହି ନିର୍ଦ୍ଦୋଷ ଯୁବକ ଦ୍ୱୟଙ୍କୁ ନାବାଳକର ହତ୍ୟାକାରୀ ବୋଲି ଦର୍ଶାଇ ଜେଲକୁ ପଠାଇଥିଲା; କିନ୍ତୁ ନିଖୋଜ ନାବାଳକ ଜଣକ ପ୍ରାୟ ୧୯ ମାସ ପରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ପାଇକମାଳ ଥାନାଧିକାରୀ ଘଟଣାର ସଠିକ୍ ତଦନ୍ତ ନ କରି ଏବଂ ସାକ୍ଷ୍ୟ ଓ ପ୍ରମାଣ ନ ଥାଇ ନିରପରାଧ ଯୁବକ ଦ୍ୱୟଙ୍କ ବିରୁଦ୍ଧରେ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏଥିପାଇଁ ନିର୍ଦ୍ଦୋଷ ଦୁଇ ଯୁବକଙ୍କୁ ଦୀର୍ଘ ଦିନ ଧରି ଜେଲର କାଳକୋଠରୀ ମଧ୍ୟରେ ରହିବାକୁ ପଡିଲା। ଏହାଦ୍ୱାରା ଏମାନଙ୍କର ସମ୍ମାନ ହାନି ହେବା ସହିତ ମୂଲ୍ୟବାନ ସମୟ ମଧ୍ୟ ନଷ୍ଟ ହୋଇଗଲା। ଏମାନଙ୍କର ମୌଳିକ ଏବଂ ମାନବାଧିକାର ମଧ୍ୟ କ୍ଷୁଣ୍ଣ ହେଲା। କେବଳ ଏହି ଗୋଟିଏ ଘଟଣା ନୁହେଁ; ପରନ୍ତୁ ଆମ ରାଜ୍ୟର ଅନେକ ଥାନା ଓ ଫାଣ୍ଡିରେ ଏହିପରି ବିଭିନ୍ନ ଘଟଣା ଘଟୁଛି। ଅଭିଯୋଗକାରୀଙ୍କୁ ନ୍ୟାୟ ଦିଆଯାଉ ନାହିଁ। କେତେକ ଲାଞ୍ଚଖୋର ତଥା ଅସାଧୁ ପୋଲିସ ଅଧିକାରୀ ସ୍ଥାନୀୟ କୁଜିନେତାମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସେଠାରେ ହିଁ ସଙ୍ଗୀନ ମାମଲାର ରଫାଦଫା କରିଦେଉଛନ୍ତି। କର୍ତ୍ତବ୍ୟରେ ଅବହେଳା କରୁଥିବା ଏପରି ଅଯୋଗ୍ୟ ପୋଲିସ ଅଧିକାରୀମାନଙ୍କୁ ଚାକିରିରୁ ବରଖାସ୍ତ କରିବା ସହ ଉଚିତ୍ ଶିକ୍ଷା ଦେବା ଜରୁରୀ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ନାଗାଲାଣ୍ଡର କୋହିମା ଜିଲା ଅନ୍ତର୍ଗତ ଖୁଜାମାର ଛାତ୍ରମାନେ ମିନି ହାଇଡ୍ରୋ ଜେନେରେଟର ନିର୍ମାଣ କରି ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି ଓ ଏଥିରେ ଗାଁକୁ ଆଲୋକିତ କରିପାରିଛନ୍ତି। ଚୁମୁକେଡିମା ଏନ୍‌ଆଇଟିର ମେକାନିକାଲ ଡିପାର୍ଟମେଣ୍ଟରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ଏହି ଗାଁର୨୬ ବର୍ଷୀୟ କେସେଟୁ ଥାକ୍ରୋ ଲକ୍‌ଡାଉନ ସମୟରେ ଏଭଳି ଅଭିଯାନ ଆରମ୍ଭ କରିଥିଲେ। ଖୁଜାମା ଗାଁରେ 'ଖୁଜାମା ଷ୍ଟୁଡେଣ୍ଟ କେୟାର ୟୁନିଅନ'ରହିଛି ଓ ସେ ଏହାର ସଦସ୍ୟ ରହିଛନ୍ତି। ସଦସ୍ୟ ରହିଥିବା ଗାଁର ଅନ୍ୟ ଛାତ୍ରମାନେ କେସେଟୁଙ୍କ ନେତୃତ୍ୱରେ ଏକ ମିନି ହାଇଡ୍ରୋ ଜେନେରେଟର ନିର୍ମାଣ କରିଛନ୍ତି। ଏହାର ନାମ ରଖାଯାଇଛି 'ପ୍ରୋଜେକ୍ଟ ବ୍ରାଇଟର ଖୁଜାମା'। ଗାଁ ପାଖରେ ବହିଯାଉଥିବା ମେଓବୋକେ ନଦୀରେ ଏହାକୁ ତିନି ସପ୍ତାହ ମଧ୍ୟରେ ନିର୍ମାଣ କରାଯାଇ ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ ଗାଁକୁ ଆଲୋକିତ କରାଯାଇଛି। ଉକ୍ତ ମିନି ହାଇଡ୍ରୋ ଜେନେରେଟରର କ୍ଷମତା ୩ କିଲୋୱାଟ। ଏବେ ବିଦ୍ୟୁତ ଉତ୍ପାଦିତ ହେଉଛି ୫୦୦ ୱାଟ। ଏହା ପାଇଁ ଲୋକମାନେ ୮୫ ହଜାର ଟଙ୍କା ଅନୁଦାନ ଦେଇଥିବାବେଳେ ବ୍ୟୟ ହୋଇଛି ୮୦,୦୦୦ ଟଙ୍କା। ପ୍ରଥମେ ଗାଁର ଏକ ଦୁର୍ଘଟଣା ପ୍ରବଣ ସ୍ଥାନରେ ଲାଇଟ ଲଗାଯିବା ପରେ ଦ୍ୱିତୀୟ ଲାଇଟ୍ ଗାଁର ହେଲଥ ସେଣ୍ଟର ପାଖରେ ଲଗାଯାଇଛି। ଗାଁର ଚଲାପଥରେ ୭ଫୁଟର ୨୩ଟି ଲାଇଟ ପୋଷ୍ଟରେ ବଲ୍‌ବ ଜଳୁଛି ଓ ୨୦ ଫୁଟ ଉଚ୍ଚର ୮ଟି ଲାଇଟ ପୋଷ୍ଟ ଦ୍ୱାରା ଗାଁ କଡରେ ଯାଇଥିବା ଏସିଆନ ହାଇୱେ-୨ ର ୩୦୦ ମିଟର ପର୍ଯ୍ୟନ୍ତ ଆଲୋକିତ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ନଭେମ୍ବର ୧୯୯୫

- ପୂର୍ବ ଏସିଆ ଓ ପ୍ରଶାନ୍ତୀୟ ପ୍ରାୟ ୧୮ଟି ଦେଶ ଉକ୍ତ ଅଞ୍ଚଳରେ ରହିଥିବା ୫୦୦ ନିୟୁତ ଶିଶୁଙ୍କର ସୁରକ୍ଷା ପାଇଁ ଏକ ଘୋଷଣାନାମାରେ ସଂକଳ୍ପ କରିଛନ୍ତି।
- ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ଅଧ୍ୟାପିକା ପଦ୍ମାବତୀ ଗାହାଣ ବାଣିଜ୍ୟରେ ପ୍ରଥମ ମହିଳା ଡକ୍ଟରେଟ୍ ପାଇବା ପାଇଁ ଯୋଗ୍ୟ ବିବେଚିତ।

## ଚିରନ୍ତନୀ

ସନ୍ଧ୍ୟା-ରାଗିଣୀ ରକତ ରାଗରେ
ବଢ଼ିଛି ଏ ମୋର ବାସନା
(ତୁମେ) ଅଳତାର ରାଗ ଚରଣେ ଲେଖି ଗୋ
ଆସନା, ମୋ ପାଶେ ଆସନା।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | | 0 | | 4 | | 2 | | | | B | 3 | |
| | | 1 | 6 | 9 | | | 8 | | | E | | | | 7 |
| 6 | | | A | | | | | 3 | | | 9 | 1 | | E |
| | | | 3 | | | | B | | 0 | A | | | | 5 |
| 4 | | 8 | | | | | | E | | 2 | 6 | | C | |
| | 4 | | | | | 9 | | | | | | | | 2 |
| | | A | E | | 7 | 0 | | | | | | 3 | | 1 |
| | 6 | 5 | 4 | | | | | | | | | | | |
| E | 2 | | | | | A | 5 | 7 | B | | | D | | |
| C | D | | | | | | | | | | 8 | | 7 | 6 |
| 0 | E | 4 | 9 | | | 8 | | | | | D | | | |
| 7 | | | B | | 1 | | | D | | | A | E | | 0 |
| | 5 | | | | | 3 | | | C | B | | 9 | D | |
| | A | 9 | | | | C | | | | 8 | | | 5 | |
| D | | 2 | 8 | | 0 | | | | | 4 | | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 3 | 0 | 2 | 5 | C | 8 | E | 7 | 6 | 4 | D | A | B | 1 |
| 4 | 2 | C | E | 7 | 0 | 6 | 1 | D | B | 5 | A | 8 | 9 | 3 |
| 5 | A | 1 | B | D | 4 | 3 | C | 9 | 2 | 8 | 7 | E | 6 | 0 |
| 8 | E | 7 | 1 | 6 | 3 | B | 4 | A | 0 | 9 | C | 5 | 2 | D |
| D | 6 | B | 9 | A | 8 | 5 | 0 | 2 | 1 | E | 3 | 4 | 7 | C |
| 6 | C | E | 0 | 2 | A | 4 | 8 | 3 | 7 | 1 | B | 9 | D | 5 |
| 7 | 5 | 2 | C | 9 | 6 | A | D | B | 4 | 3 | 0 | 1 | E | 8 |
| 1 | 8 | 4 | 3 | B | D | 7 | 9 | 0 | 5 | C | E | 6 | A | 2 |
| A | 0 | D | 7 | 1 | E | C | 2 | 5 | 8 | 6 | 9 | 3 | 4 | B |
| 3 | B | 9 | 4 | 8 | 5 | E | 6 | 1 | A | D | 2 | C | 0 | 7 |
| 2 | 1 | 8 | 5 | 0 | 7 | 9 | A | C | E | B | 4 | D | 3 | 6 |
| B | D | A | 6 | 3 | 9 | 2 | 5 | 4 | C | 7 | 1 | 0 | 8 | E |
| E | 4 | 5 | A | C | B | 0 | 3 | 8 | D | 2 | 6 | 7 | 1 | 9 |
| C | 9 | 6 | D | 4 | 2 | 1 | 7 | E | 3 | 0 | 8 | B | 5 | A |
| 0 | 7 | 3 | 8 | E | 1 | D | B | 6 | 9 | A | 5 | 2 | C | 4 |

ଗତକାଲିର ଉତ୍ତର

# ଭାରତ ଛାଡ଼ିପାରେ ଏୟାରଏସିଆ ଗ୍ରୁପ୍



**କୁଆଲାଲମ୍ପୁର,୧୭।୧୧**

ସୁଲଭ ମୂଲ୍ୟରେ ବିମାନ ସେବା ଯୋଗାଣକାରୀ ମାଲେସିଆ ଭିତ୍ତିକ କମ୍ପାନୀ ଏୟାର ଏସିଆ ଗ୍ରୁପ ଭାରତ ନିବେଶ ପ୍ରସ୍ତାବ ଉପରେ ବର୍ତ୍ତମାନ ବିଚାର କରୁଛି। ଭାରତରେ ଟାଟା ସହ ମିଳିତ ହୋଇ ଏହି କମ୍ପାନୀ ସେବା ଯୋଗାଣ କରୁଥିବା ବେଳେ ଘରୋଇ ବଜାର ଛାଡିପାରେ ବୋଲି ଆଲୋଚନା ଜୋର ଧରିଛି। ଘରୋଇ ବଜାରରେ ନିବେଶ ପ୍ରସଙ୍ଗ ଉପରେ ଏହି କମ୍ପାନୀ ବର୍ତ୍ତମାନ ତର୍ଜମା କରୁଛି। କମ୍ପାନୀ ବର୍ତ୍ତମାନ ଆର୍ଥିକ ଚାପ ଦେଇ ଗତି କରୁଛି। ଫଳରେ ଏହା ଅଧିକ କ୍ଷତି ଭରଣା କରିବା ସପକ୍ଷରେ ନାହିଁ। କାରବାରକୁ ବ୍ୟବସ୍ଥିତ କରି କମ୍ପାନୀର ଆର୍ଥିକ ଚାପ କମାଇବା ସପକ୍ଷରେ ଏହା କାମ କରୁଥିବା କହିଛି। ନିକଟରେ ଜାପାନରେ ରହିଥିବା କାରବାରକୁ ଏହା ବନ୍ଦ କରିଛି। କମ୍ପାନୀ ଭାରତ ପାଇଁ ସମାନ ନୀତି ଆପଣାଇ ପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଟାଟାସନ୍ସ ସହ ମିଳିତ ହୋଇ ଏୟାର ଏସିଆ ଇଣ୍ଡିଆ ନାମରେ ଏହା ସେବା ଦେଉଛି। ଏହି ଯୌଥ ଉଦ୍ୟୋଗରେ ଏୟାର ଏସିଆର ଗ୍ରୁପର ୪୯% ଅଂଶଧନ ରହିଛି। ଟାଟା ନିକଟରେ ୫୧% ଅଂଶଧନ ରହିଛି।

ଯୌଥ ଉଦ୍ୟୋଗରେ ରହିଥିବା ଅଧିକାଂଶ ଅଂଶଧନକୁ ନିଜ ନିକଟରେ ରଖିବା ଲାଗି ଟାଟାସନ୍ସ ପ୍ରକ୍ରିୟା ଜାରି କରିଥିବା ବେଳେ ଗତ ମାସରେ ଆଲୋଚନାରେ ସାମିଲ ହୋଇଥିବା ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଆସିଆନ ଅଞ୍ଚଳରେ ସ୍ଥିତି ଦୃଢ କରିବା ଲାଗି କାରବାର ବ୍ୟବସ୍ଥିତ କରିବା ଯୋଜନା ରହିଥିବା ଗତ ସେପ୍ଟେମ୍ବରରେ ଗ୍ରୁପ ଚିଫ୍ ଏକଜିକ୍ୟୁଟିଭ ଟୋନି ଫର୍ନାଣ୍ଡିଜ କହିଥିଲେ। ପୁଣି ବଜାରକୁ ଦୃଢ ହୋଇ ଫେରିବା ନେଇ କମ୍ପାନୀର ଯୋଜନା ରହିଛି। କରୋନା ସ୍ଥିତି ସୁଧୁରିଲେ କମ୍ପାନୀ ଏ ଦିଗରେ ଯୋଜନା ହାତକୁ ନେବ। କରୋନା ଯୋଗୁ ସାରା ବିଶ୍ୱର ବିମାନ ଶିଳ୍ପ ବଜାର ପ୍ରଭାବିତ ହୋଇ ରହିଛି। ଏହି ସ୍ଥିତି ସୁଧୁରିବାକୁ ୨୦୨୧ ମଧ୍ୟଭାଗ ହୋଇଯିବ ବୋଲି ଏୟାର ଏସିଆ ଗ୍ରୁପର ସଭାପତି ବୋ ଲିଙ୍ଗମ କହିଛନ୍ତି।

## ୨୬ରେ ଶ୍ରମିକ ସଙ୍ଗଠନଗୁଡ଼ିକର ଧର୍ମଘଟ

**ନୂଆଦିଲ୍ଲୀ,୧୭।୧୧:** ଦେଶର ୧୦ ଶ୍ରମିକ ସଙ୍ଗଠନଗୁଡିକ ପକ୍ଷରୁ ଚଳିତ ମାସ ୨୬ରେ ଧର୍ମଘଟ ଡାକରା ଦିଆଯାଇଛି। ଏ ନେଇ ସଙ୍ଗଠନଗୁଡିକ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସେହିଭଳି ଆସନ୍ତା ସପ୍ତାହରେ କୃଷକମାନେ ୨ ଦିନିଆ ଧର୍ମଘଟକୁ ଓହ୍ଲାଇବେ। ଏହି ଧର୍ମଘଟକୁ ମଧ୍ୟ ଶ୍ରମିକ ସଙ୍ଗଠନଗୁଡିକ ସମର୍ଥନ କରିବେ ବୋଲି ଜଣାପଡିଛି। ସୋମବାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡିକ ମିଳିତ ପ୍ଲାଟଫର୍ମର ବୈଠକ ଭର୍ଚୁଆଲ ଭାବେ ଅନୁଷ୍ଠିତ ହୋଇଥିଲା। ଏହି ପ୍ଲାଟଫର୍ମରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଟିୟୁସିସି, ସିଇୱାଏ, ଏଆଇସିସିଟିୟୁ, ଏଲ୍‌ପିଏଫ୍, ୟୁଟିୟୁସି ଭଳି ସଂଘ ରହିଛନ୍ତି।

# ଅଭିବୃଦ୍ଧି ଆକଳନ ବଦଳାଇଲା ଗୋଲ୍ଡମ୍ୟାନ ସ୍ୟାଚ୍

**ମୁମ୍ବାଇ,୧୭।୧୧**

ବିଦେଶୀ ବ୍ରୋକରେଜ କମ୍ପାନୀ ଗୋଲ୍ଡମ୍ୟାନ ସ୍ୟାଚ୍ ଭାରତ ଲାଗି ପୂର୍ବରୁ କରିଥିବା ଅଭିବୃଦ୍ଧ ଆକଳନକୁ ବଦଳାଇଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ଭାରତର ଅଭିବୃଦ୍ଧି ହ୍ରାସ ୧୦.୩% ରହିବ ବୋଲି ଏହି ଏଜେନ୍ସି କହିଛି। ଏହି ଅବଧିରେ ଭାରତର ଜିଡିପି ୧୪.୮% ଖସିବ ବୋଲି ଏହା ପୂର୍ବରୁ କହିଥିଲା। ବର୍ତ୍ତମାନ ୨ କମ୍ପାନୀର କରୋନା ଭାକ୍‌ସିନ ସଫଳ ହେବା ନେଇ ଆଶା ବଢିଛି। ଏହି କମ୍ପାନୀଗୁଡିକ ମଧ୍ୟରେ ଫାଇଜର ଏବଂ ମଡର୍ନା ରହିଛନ୍ତି। ଭାକ୍‌ସିନ ଆସିବା ଆଶା ବଢିଥିବାରୁ ଏହା ଆର୍ଥିକ ଅଭିବୃଦ୍ଧିକୁ ଫେରାଇ ଆଣିବା ଦିଗରେ ସହାୟକ ହେବ। ଜିଡିପି ୯.୫% ଖସିବ ବୋଲି ରିଜର୍ଭ ବ୍ୟାଙ୍କ ମଧ୍ୟ ଆକଳନ କରିଛି। କୋଭିଡ-୧୯କୁ ନିୟନ୍ତ୍ରଣ କରିବା ଲାଗି ସାରା ଦେଶରେ ଜାରି ହୋଇଥିବା ଲକଡାଉନ ଯୋଗୁ ଦେଶର ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଛି।

**ଚଳିତ ଆର୍ଥିକ ବର୍ଷ ଜିଡିପି ୧୦.୩% ଖସିବ**

ଆର୍ଥିକ ବର୍ଷ ୨୦୨୧-୨୨ରେ ଭାରତ ପୁଣି ଥରେ ଅଭିବୃଦ୍ଧି ପଥକୁ ଫେରିବ ବୋଲି ଆମେରିକା ଭିତ୍ତିକ ଏହି ଏଜେନ୍ସି ରିପୋର୍ଟରେ ଉଲ୍ଲେଖ କରିଛି। ୨୦୨୧ ଠାରୁ ଆର୍ଥିକ କାର୍ଯ୍ୟକଳାପ ପୁଣି ଥରେ ଟ୍ରାକକୁ ଫେରିବାର ବେଶ ସମ୍ଭାବନା ରହିଛି। ଏହି ସମୟରେ ସେବା କ୍ଷେତ୍ରରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେବ।

## ବ୍ଲୁମ୍‌ବର୍ଗ ନ୍ୟୁ ଇକୋନୋମିକ ଫୋରମ୍‌କୁ ସମ୍ବୋଧିତ କଲେ ମୋଦି

**ନୂଆଦିଲ୍ଲୀ,୧୭।୧୧:** ଅଭିବୃଦ୍ଧିର ଇଞ୍ଜିନ ହୋଇଥିବା ସାରା ବିଶ୍ୱର ସହରଗୁଡିକ ବିପଦଠାରୁ ଦୂରରେ ନାହିଁ। କୋଭିଡ୍-୧୯ ଏହା ପ୍ରମାଣିତ କରିଛି ବୋଲି ମଙ୍ଗଳବାର ବ୍ଲୁମବର୍ଗ ନିୟୁ ଇକୋନୋମିକ ଭର୍ଚୁଆଲ ଫୋରମ୍‌କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ପୁଣି ଥରେ ନୂଆ ଆରମ୍ଭ କରିବା ପୂର୍ବରୁ ପ୍ରସ୍ତୁତ ହେବାକୁ ଥିବା କୋଭିଡ୍-୧୯ ପୁଣି ଥରେ ଆମକୁ ସୁଯୋଗ ଦେଇଛି ବୋଲି ସେ ମତ ରଖିଛନ୍ତି। ଜୀବନ ଧାରା ବର୍ତ୍ତମାନ ସମ୍ପୂର୍ଣ୍ଣ ବଦଳି ଯାଇଛି। ପୁଣି ଥରେ କିଭଳି ସ୍ୱାଭାବିକ ଭାବେ ଆରମ୍ଭ କରାଯିବ ତାହା ବର୍ତ୍ତମାନ ବିଶ୍ୱ ସାମ୍ନାରେ ପ୍ରଶ୍ନବାଚୀ।

# ସୀତାରାମନଙ୍କୁ ରିପୋର୍ଟ ଦେଲେ ଅର୍ଥ ଆୟୋଗ

**ନୂଆଦିଲ୍ଲୀ,୧୭।୧୧**

ପଞ୍ଚଦଶ ଅର୍ଥ କମିଶନ ଏହାର ରିପୋର୍ଟକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି। ଚଳିତ ମାସ ୪ରେ କମିଶନ ଉକ୍ତ ରିପୋର୍ଟକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ୧୬ ତାରିଖରେ ପ୍ରଧାମନନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରିଛନ୍ତି। ଅର୍ଥ କମିଶନର ଅଧ୍ୟକ୍ଷ ଭାବେ ଏନ୍.କେ.ସିଂ କାର୍ଯ୍ୟ କରୁଛନ୍ତି। ୨୦୨୧-୨୨ଠାରୁ ୨୦୨୫-୨୬ ସମୟ ଅବଧି ଲାଗି ବିଭିନ୍ନ ପ୍ରସ୍ତାବ ଏହି କମିଶନ ପ୍ରଦାନ କରିଛନ୍ତି। ଏହି ରିପୋର୍ଟକୁ ପାର୍ଲାମେଣ୍ଟରେ ମଧ୍ୟ ଉପସ୍ଥାପନ କରାଯିବ। ଟିକସ ଆବଣ୍ଟନ, ସ୍ଥାନୀୟ ସରକାରୀ ଗ୍ରାଣ୍ଟ, ବିପର୍ଯ୍ୟୟ ପରିଚାଳନା ଗ୍ରାଣ୍ଟ ସମେତ ଶକ୍ତି କ୍ଷେତ୍ର, ଡିବିଟି ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ରାଜ୍ୟଗୁଡିକୁ ପ୍ରୋତ୍ସାହନ ବ୍ୟବସ୍ଥା ଭଳି କ୍ଷେତ୍ରରେ କମିଶନ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ପ୍ରତି ରାଜ୍ୟ ସ୍ତରରେ ବିଭିନ୍ନ ଆର୍ଥିକ ପ୍ରସଙ୍ଗକୁ କମିଶନ ବିଚାର କରିଛନ୍ତି। ସେହି ଅନୁସାରେ ସରକାରଙ୍କୁ ବିଭିନ୍ନ ପରାମର୍ଶ ପ୍ରଦାନ କରିଛନ୍ତି।

# ଭାକ୍‌ସିନ ଆଶା: ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧୭।୧୧**

ଭାକ୍‌ସିନ ଆଶାରେ ଭାରତୀୟ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) କାରବାର ଏହି ସମୟରେ ଉନ୍ନତ ରହିଛି। ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୩୧୫ ପଏଣ୍ଟ ବୃଦ୍ଧି ଘଟିଛି। ସେହିଭଳି ନିଫ୍ଟି ୧୨,୮୭୪ ପଏଣ୍ଟ ସ୍ତରରେ ରହିଛି। ମଙ୍ଗଳବାର ଦିନ ମଧ୍ୟରେ ସେନସେକ୍ସ ୪୪,୧୬୧ ସ୍ତର ଛୁଇଁଥିଲା। କାରବାର ଶେଷ ବେଳକୁ ଏହା ୦.୭୨% ଉଛରେ ରହି ୪୩,୯୫୩ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୯୪ ପଏଣ୍ଟ ବା ୦.୭୪%ଉଛରେ ରହି ବନ୍ଦ ହୋଇଛି।




ସେନ୍‌ସେକ୍ସରେ ଟାଟାଷ୍ଟିଲ, ଏସ୍‌ବିଆଇ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ବଜାଜ ଫାଇନାନ୍ସ, ଆକ୍ସିସ ବ୍ୟାଙ୍କ, ଏଲ୍ ଆଣ୍ଡ ଟି ଶେୟାର କାରବାର ପ୍ରାୟ ୬% ବଢିଛି। ସେହିଭଳି ଏନ୍‌ଟିପିସି, ଓଏନ୍‌ଜିସି, ଏଚ୍‌ସିଏଲ୍ ଟେକ୍, ଇନଫୋସିସ, ହିନ୍ଦୁସ୍ତାନ ୟୁନିଲିଭର, ଆଇଟିସି, ପାୱାରଗ୍ରୀଡ ଭଳି କମ୍ପାନୀଗୁଡିକର ଶେୟାର କାରବାର ପ୍ରଭାବିତ ହେବାରୁ ୨.୪୯% ହ୍ରାସ ପାଇଛି। ଏନ୍‌ଏସ୍‌ଇ ପ୍ଲାଟଫର୍ମରେ ମେଟାଲ, ବ୍ୟାଙ୍କ, ଫାଇନାନ୍ସିଆଲ ସର୍ଭିସ, ପିଏସ୍‌ୟୁ ବ୍ୟାଙ୍କ ଶେୟାର ୨.୪୯% ଭଲ କାରବାର ହାସଲ କରିଛି। ଆମେରିକା ଭିତ୍ତିକ ଔଷଧ ନିର୍ମାଣକାରୀ କମ୍ପାନୀ ମଡର୍ନାର କରୋନା ଭାକ୍‌ସିନ ୯୪.୫% ସଫଳ ହେବା ନେଇ ଜଣାପଡିବା ବେଳେ ନିବେଶକଙ୍କୁ ଏହା ଉତ୍ସାହ ଦେଇଛି। ଫଳରେ ବଜାର ଊର୍ଦ୍ଧ୍ୱଗାମୀ ହୋଇଥିବା ନଜରକୁ ଆସିଛି। ଫାଇଜର କମ୍ପାନୀର ଟିକା ସଫଳ ହେବା ପରେ ମଡର୍ନା ଏ କ୍ଷେତ୍ରରେ ଦ୍ୱିତୀୟ କମ୍ପାନୀ ଭାବେ ଉଭା ହୋଇଛି। ଏହାକୁ ନେଇ ସାରା ବିଶ୍ୱର ନିବେଶକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଇଛି।

ସୂଚନାଯୋଗ୍ୟ, ଗତ କିଛି ଦିନ ହେବ ଶେୟାର ବଜାରରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଦିୱାଲି ମହୁରତ ଟ୍ରେଡିଂରେ ସେନ୍‌ସେକ୍ସ ୧୦୦ରୁ ଊର୍ଦ୍ଧ୍ୱ ପଏଣ୍ଟ ବଢିଥିବା ନଜରକୁ ଆସିଛି।

## ଓଏମ୍‌ସି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ କୋଟି

**ଭୁବନେଶ୍ୱର,୧୭।୧୧:** ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା 'ଆହାର'ର ଆବଶ୍ୟକତା ପୂରଣ ପାଇଁ ଏହି ଅର୍ଥ ରାଶି ପ୍ରଦାନ କରାଯାଇଥିବା ଓଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ସମସ୍ତ ନିରାଶ୍ରୟ ଓ ଅସହାୟ ଲୋକମାନଙ୍କୁ ଏହି ଯୋଜନା ଜରିଆରେ ସରକାର ରନ୍ଧାଖାଦ୍ୟ ଯୋଗାଇ ଦେଉଛନ୍ତି। ଫଳରେ ରାଜ୍ୟର ସମସ୍ତ ପ୍ରମୁଖ ଅଞ୍ଚଳର ଗରିବ ଓ ନିରାଶ୍ରୟ ଲୋକମାନେ ଏହାକୁ ୫ ଟଙ୍କାରେ ଖାଇପାରୁଛନ୍ତି। ଗତ ୨୦୧୫ ଏପ୍ରିଲ ୧ ପବିତ୍ର ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଜରିଆରେ ଗରମ ଭାତ ଓ ଡାଲମା ଭଳି ରୁଚିକର ଖାଦ୍ୟ ମାତ୍ର ୫ଟଙ୍କାରେ ସମସ୍ତଙ୍କୁ ଯୋଗାଇ ଦିଆଯାଉଛି।

## ଆକାଶ-ଆଦ୍ୟାନ୍ତ ପକ୍ଷରୁ ଦୀପାବଳି

**ଭୁବନେଶ୍ୱର,୧୭।୧୧:** ଆକାଶ ଓ ଆଦ୍ୟାନ୍ତ ପକ୍ଷରୁ ନିଆର ଢଙ୍ଗରେ ଆଲୋକର ପର୍ବ ଦୀପାବଳିକୁ ପାଳନ କରାଯାଇଥିଲା। ସରକାରଙ୍କ ଗାଇଡଲାଇନ୍ସ ଅନୁସାରେ ଏହି ପର୍ବ ପାଳନ ହୋଇଥିଲା।



ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଆଦ୍ୟାନ୍ତର ଚେୟାରମ୍ୟାନ ଏବଂ ଆକାଶ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଅଜୟ ବାହାଦୁର ସିଂହ ଚଳିତ ବର୍ଷର ଦୀପାବଳିକୁ ଭିନ୍ନ ଢଙ୍ଗରେ ପାଳନ କରିଥିଲେ। ସିଂହ ପ୍ରଥମେ ଆକାଶ ଇନଷ୍ଟିଚ୍ୟୁଟ ପରିସରରେ ଦେବୀ ଲକ୍ଷ୍ମୀ ଏବଂ ଶ୍ରୀଗଣେଶଙ୍କର ଆବାହନ ସହ ପ୍ରଦୀପ ପ୍ରଜ୍ୱଳନ କରି ଗୁରୁବନ୍ଦନା କରିଥିଲେ। ସେହିଭଳି ଜିନ୍ଦେଗୀ ଫାଉଣ୍ଡେସନ କାର୍ଯ୍ୟାଳୟରେ ଦୀପ ଜଳାଇ ଦୀପାବଳିର ମଜା ଉଠାଇଥିଲେ।

## କ୍ରିସ୍ ଗୋପାଳକ୍ରିଷ୍ଣନ ଆରବିଆଇ ଇନୋଭେଶନ ହବ୍‌ର ଅଧ୍ୟକ୍ଷ

**ମୁମ୍ବାଇ,୧୭।୧୧:** ସେନାପଥୀ(କ୍ରିସ୍) ଗୋପାଳକ୍ରିଷ୍ଣନ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଇନୋଭେଶନ ହବ୍‌ର ପ୍ରଥମ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ସେ ଇନଫୋସିସର ସହ ପ୍ରତିଷ୍ଠାତା ଥିବା ବେଳେ ସହ ଅଧ୍ୟକ୍ଷ ଭାର ମଧ୍ୟ ତୁଲାଇଛନ୍ତି। ଅଗଷ୍ଟରେ କେନ୍ଦ୍ରୀୟ ବ୍ୟାଙ୍କ ଇନୋଭେଶନ ହବ୍ ସମ୍ପର୍କରେ ଘୋଷଣା କରିଥିଲା। ଦେଶର ଫାଇନାନ୍ସିଆଲ ସେକ୍ଟରରେ ଅଭିନବତା ଆଣିବା ଦିଗରେ ଏହି ହବ୍ କାମ କରିବ। ଅଭିନବତାକୁ ଉତ୍ସାହିତ କରିବା ଦିଗରେ ଟେକ୍ନୋଲୋଜି ବ୍ୟବହାର ଏବଂ ନୂଆ ପରିବେଶ ଗଠନ ଦିଗରେ ଆର୍‌ବିଆଇର ଏହି ପ୍ଲାଟଫର୍ମ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ। ଗୋପାଳକ୍ରିଷ୍ଣନ ବର୍ତ୍ତମାନ ଷ୍ଟାର୍ଟଅପ୍ ପାଇଁ ଇନକ୍ୟୁବେଶନ ହବ୍ ଷ୍ଟାର୍ଟଅପ୍ ଭିଲେଜରେ ମୁଖ୍ୟ ମେଣ୍ଟର ଭାବେ କାମ କରୁଛନ୍ତି।


**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o . DY. GENERAL MANAGER (ELECT.), EHT O&M DIVISION, BHANJANAGAR
CIN: U40102OR2004SGC007553

No. CAD-770 **TENDER CALL NOTICE NO.02/2020-21**

Sealed tenders are invited from bidders having IT PAN & GST Certificate along with Civil & HT Contract license for "One time cleaning of grass, wild shrubs including cutting of bushes, up-rooting of unwanted plants & apply of anti-weed chemicals inside Grid S/S Bhanjanagar & Phulbani" under EHT O&M Division, Bhanjanagar.
**Cost of the tender paper:** Rs. 672/- (Including GST @12%)
**Sale of Tender Paper** :19.11.2020, 11.00 AM to 01.12.2020 up to 12.00PM
**Last date of submission:**01.12.2020 (Up to 02.00 PM)
**Date of Tender opening:** 01.12.2020 at 03.00PM
For more details/corrigendum please visit : www.optcl.co.in.
Sd/-
FIPR-27/2020-21 OIPR-04011/11/0041/2021 DGM (Elect.)

**OFFICE OF THE MUNICIPAL COUNCIL, PHULBANI**
**Tender Notice No. 2482** **Date: 17.11.2020**

Inviting of sealed tender from intending bidders for single phase power supply to Community Toilet at Fish & Meat Market, Phulabni and 3 phase power supply to Mallick Sahi Pump Chamber at Dakapala, Ward No. 02 having valid HT Electrical licence issued by ELBO, Bhubaneswar with GST Clearance Certificate and PAN card as mentioned below.

| Name of the Work | Estimated Cost | EMD | Cost of Tender Paper | Period of Completion |
|---|---|---|---|---|
| Single phase power supply to Community Toilet at Fish & Meat Market, Phulbani | 68,542.82 | 1000/- | 600/- (Non-refundable) | 30 Days |
| 3 Phase Power supply to Mallick Sahi Pump Chamber at Dakapala, Ward No. 02 | 4,56,975.68 | 5000/- | 2000/- (Non-refundable) | 30 Days |

Bids must be accompanied by EMD/Bid Security amount specified above in shape of Demand Draft drawn on any Nationalized Bank in favour of Executive Officer, Phulbani Municipality, "payable at Phulbani". The sale of Bid document shall start from **Date 18.11.2020 to 25.11.2020 at 1.00 P.M.** and the completed Bid documents shall be dropped on Tender Box upto date **25.11.2020 at 1.00 P.M.** in Office of the Executive Officer, Phulbani Municipality.
The bids will be opened on dated **25.11.2020 at 4.00 P.M.** in the office of the undersigned in the presence of bidders or their authorized representatives who wish to attend.
The authority reserves the right to reject any or all the bids without assigning any reason thereof.
**Sd./- Executive Officer, Phulbani Municipality**

**BERHAMPUR UNIVERSITY**
BHANJA BIHAR, BERHAMPUR-760007 (ODISHA)
**VEHICLE SECTION**
No. 7848/Vehicle/BU/20-21 Date:16/11/2020
**AUCTION CALL NOTICE**

Sealed quotations are invited on or before **02.12.2020** by **5pm** from intersted reputed scarp Dealers, Individuals and Firms etc. for disposal of condemned (scraped) vehicles of University bearing No. OAG-6755 (Mini Bus,Tata Make of 1989) and OAG 7499 (DR 750 DI Jeep, M & M Make of 1989) as is where is basis. For detail visit University Official Website : **wwwbuodisha.edu.in.**
By Order
**Sd/- Registrar**

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 581/ NIT-021 / 2020-21 Dated : 16th Nov 2020
**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Replacement of Ceiling, Colouring of walls & Ceilings, S.S Railing on stairs, covering open areas of OPD, clearing of debris, supplying of sanitary fittings & other minor civil work at Hospital campus, AIIMS, Bhubaneswar** *(NIT No. : AIIMS/BBSR/Engg./021/2020-21).* The detailed Tender Document along with Last Date & Time of Submission of Tender can be viewed & downloaded from the website : **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**
Sd/-
Superintending Engineer
AIIMS, Bhubaneswar

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O), E-mail: serifedodisha@gmail.com, Website: www.serifedodisha.in
Bid identification no:- VI-31(10)/SERIFED/2020-21/951/DT.16.11.2020
**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors "B" & "A" for the work **"Construction of Tasar Silk Park"** at Bisoi, Mayurbhanj. The bid documents such as DTCN/BOQ etc. can be seen/ downloaded from the government website: **www.tendersodisha.gov.in.** during the period dt. **23.11.2020 to 17.00 hours up to dt. 20.12.2020.** Online bids shall be received till **17.00 hours dt. 20.12.2020** & shall be opened at **11.30 AM on Dt. 21.12.2020.** Any addendum / corrigendum / cancellation of tender can also be seen in the said website.
Sd/-
MANAGING DIRECTOR

**The Odisha Small Industries Corporation Ltd.**
( A Government of Odisha Undertaking) )
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1
**TENDER CALL NOTICE**
**Tender No. OSIC/NB-RE/4453/** **Dt. 17.11.2020**
**Tender Call for "Electrical & LED/Solar Work"**

| | |
|---|---|
| Date of available of Bid Document in OSIC Website | 18.11.2020 at 11.00 AM |
| Last date/Time for Download of BID. | 04.12.2020 up to 11.00 AM |
| Last date/Time for submission of BID. | 04.12.2020 up to 2.00 PM |
| Date of opening of Technical BID document | 04.12.2020 at 03.30 PM |

Opening of the Financial BID: Shall be intimated separately by Phone or mail to eligible bidders. The Authority reserves the right to accept or reject any one or all bids without assigning any reason thereof. Any changes or alternation or modifications shall be published in the OSIC website only. Bid can be dropped in the Tender Box of OSIC or by Regd. Post only so as to reach the Bid well before schedule time OSIC will not be responsible for any postal delay.
**BID TO BE SUBMITTED TO:**
The Managing Director,
Odisha Small Industries Corporation Ltd., Madhupatna, Industrial Esate, Cuttack – 10, Odisha, **FAX: 0671-2341875, Tel: 0671-2341204/2342580.**
MANAGING DIRECTOR

**OFFICE OF THE NOTIFIED AREA COUNCIL, BINKA**
Dist.- Subarnapur, Pin-767019
Email id: nacbinka@gmail.com
Phone/Fax: 06654-241113
**E-Tender Call Notice No.2073/16.11.2020**
**Tender Reference No. BINKA-NAC-03/2020-21**

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | |
|---|---|---|
| 1 | Type of the work | Civil work |
| 2 | No. of works | 05 Nos. |
| 3 | Estimated cost | As per DTCN |
| 4 | Period of completion | As per DTCN |
| 5 | Date & time of bidding from | Dtd.18.11.2020 after 10.00 A.M. |
| 6 | Last date & time for receipt online | Dtd. 24.11.2020 upto 05.00 P.M. |
| 7 | Documents will be received by Post/ O/o Executive Officer on or before | Dtd.26.11.2020 upto 05.30 P.M. |
| 8 | Bids received shall be opened on | Dtd.27.11.2020 at 11.00 A.M. |
| 9 | Name and address of the Officer inviting bid | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in.**
**Sd./- Executive Officer**
**Notified Area Council, Binka**

**DISTRICT PROJECT OFFICE, SAMAGRA SHIKSHA, BALASORE**
No.2241 Date:16.11.2020
**TENDER CALL NOTICE**

Sealed quotations are invited in the prescribed format from the registered Printers/Firms having valid GST and PAN for printing and supply of 10209 Nos. (Approximate) Teacher's ID Card for the Elementary Teachers of Balasore District. The detailed specification, terms & conditions, tender application form and the Design of the ID Card may be downloaded from www.osepa.odisha.gov.in or www.baleswar.nic.in website. The quotation papers shall be sealed in the envelope containing the (1) Tender Application From, (2) Terms and conditions for printing of Teacher's ID Card, (3) Tender Application Cost & EMD amount in shape of DD, (4) ID Card Design, (5) Tender Call Notice and other requisite papers/ documents and shall be superscribed on the envelope as 'Tender Application for Printing of Teacher's ID Card for Balasore District'. The sealed quotation shall reach to the District Project Office, SSA, Public High School Campus, Near ADM Chhowk, Balasore, PIN-756001 through registered/speed post (INDIA POST) only and no other means of submission shall be entertained. All the tender papers/documents shall be signed by the Tenderer/Bidder. The tenderer/bidder can apply in our prescribed format only latest by Dt.14.12.2020 upto 5.00 P.M. & the tender paper will be opened on the next day i.e. on Dt.15.12.2020 at 11.30 A.M. in the Office of the DPC, SSA, Balasore. The authority reserves the right to amend, alter and cancel any part or all quotations without assigning any reason thereof.
**Sd./- District Project Coordinator**
**Samagra Shiksha, Balasore**

**Government of Odisha**
**Office of the Superintending Engineer, Rural Works Circle, Sambalpur.**
**Tel-0663-2548268,E-mail Id serwcirclesbp@yahoo.com**
**No: 2088 Dated:13.11.2020**
**Bid Identification No. Road tender Online - RWCSBP- 06/2020-21**

No.O-558:- The Superintending Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 3 (Three) group of road works under Annual maintenance plan 2020-21 for periodical maintenance of 5-year completed PMGSY road works, such as renewal coat with laying SDBC in the district of Sambalpur.
1. Name of work : Annual maintenance plan 2020-21 for Periodical maintenance of 5-year completed PMGSY Road works, such as renewal coat with laying SDBC under R.W Division,Sambalpur. 2. No. of works: 3(Three) groups details as per DTCN. 3. Estimated cost : Approximately varies from Rs 106.53 lakhs to 189.85 lakhs. 4 Class of contractor. : B and A. 5. Cost of tender paper and mode of deposit. : Rs. 10,000/- per set. (To be deposited Online) in favour of concerned Executive Engineer. 6. Mode of submission of tender: Tender should be submitted only Online in website **www.tendersorissa.gov.in**.(https//tendersodisha.gov.in). 7. EMD and mode of deposit : 1% of estimated cost appearing in DTCN (To be deposited On-line) in favour of concerned Executive Engineer.
8. Summary of key dates are provided below :

| Procurement Officer | Bid Identification No. | Availability of tender online for bidding | | Last date & time for seeking clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Road tender online-RWCSBP-06/2020-21 | 20.11.2020 at 11.00 A.M. | 4.12.2020 upto 4.00 P.M. | 03.12.2020 upto 4.00 P.M. | 05.12.2020 at 11.00 A.M. | To be intimated later |

*Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in). * Subsequent modification/ corrigendum/Addendum if required shall appear in website only. * The amount put to bid is exclusive of GST. *Bidder should inspect the road before bidding and quote his rate accordingly.
**Superintending Engineer, Rural,Works Circle, Sambalpur**
OIPR-25091/11/0008/2021

# ବିଶ୍ୱରେ ଗଞ୍ଜାମ ମଡେଲର ସ୍ୱତନ୍ତ୍ର ପରିଚୟ ରହିଛି

ଛତ୍ରପୁର,୧୭।୧୧(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ସଚିବ, ଜିଲାପାଳ।

- ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା
- ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ମୁକାବିଲା ଆଲୋଚନା
- ଜୀବନ ଜୀବିକା ଉପରେ ଗୁରୁତ୍ୱ

ରାଜ୍ୟ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଗଞ୍ଜାମ ଜିଲାର କୋଭିଡ୍ ପରିଚାଳନା ନୋଡାଲ ପ୍ରଶାସନିକ ଅଧିକାରୀ ଜି. ମାଥିଭାଥାନନ ମଙ୍ଗଳବାର ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ତାମ୍ପରାଠାରେ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଜିଲାର କୋଭିଡ୍ ପରିଚାଳନାଗତ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଗଞ୍ଜାମ ଟିମ୍ ଗତ ମାର୍ଚ୍ଚ ମାସରୁ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ବିଶ୍ୱରେ ଗଞ୍ଜାମ ମଡେଲକୁ ପରିଚିତ କରାଇ ପାରିଥିବାରୁ ସମସ୍ତେ ଧନ୍ୟବାଦର ପାତ୍ର। ଏହି ଟିମ୍‌ରେ ସାମିଲ ହୋଇଥିବାରୁ ଗର୍ବ ଅନୁଭବ କରୁଥିବା ସେ କହିଥିଲେ। ଆଗକୁ ଦ୍ୱିତୀୟ କିମ୍ବା ତୃତୀୟ ପର୍ଯ୍ୟାୟ ସଂକ୍ରମଣ ହେଲେ ଏହାକୁ ଚ୍ୟାଲେଞ୍ଜ ଭାବେ ନେଇ ଠିକ୍ ପରିଚାଳନା କରିବା ଦିଗରେ ଗଞ୍ଜାମ ଟିମ୍ ପ୍ରସ୍ତୁତ ରହିବା ଆବଶ୍ୟକ। ଜିଲାପାଳଙ୍କ ନେତୃତ୍ୱରେ ଜିଲାକୁ ଆଗକୁ ନିଆଯାଇଛି। ଜିଲାକୁ ଆସୁଥିବା ପ୍ରବାସୀ ଭାରତୀୟଙ୍କୁ ନିଜ ସ୍ଥାନରେ କର୍ମସଂସ୍ଥାନ ଯୋଗାଇବା ଦିଗରେ ଅନେକ ଯୋଜନା କରାଯାଉଛି ବୋଲି ମାଥିଭାଥାନନ କହିଥିଲେ।

ପ୍ରାରମ୍ଭରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲାରେ ମଙ୍ଗଳବାର ୭ ଜଣ ସଂକ୍ରମିତ ହୋଇଥିବା ସୂଚନା ଦେବା ସହ ଜିଲାରେ ୭୭ ଜଣ ସକ୍ରିୟ କରୋନା ରୋଗୀ ଥିବା ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ରୋକିବାକୁ ଲୋକେ ଯେଭଳି ସାମାଜିକ ଦୂରତ୍ୱ ରକ୍ଷା କରିବେ, ମାସ୍କ ବ୍ୟବହାର କରିବେ ସେ ନେଇ ଧରପଗଡ କରାଯିବା ସହ ସଚେତନତା କାର୍ଯ୍ୟ ଚାଲିଛି। ଘରକୁ ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚର ଅଷ୍ଟମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଛି। ଉକ୍ତ ସର୍ଭେରେ ମାତ୍ର ୩୩ ଜଣ ସାମାନ୍ୟ ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲାପାଳ ପ୍ରକାଶ କରିଥିଲେ। ଟାଟା କୋଭିଡ୍ ହସ୍ପିଟାଲର ଆବଶ୍ୟକତା ନ ଥିବା ହେତୁ ଚଳିତ ମାସ ଶେଷ ସୁଦ୍ଧା ତାହାକୁ ବନ୍ଦ କରିବା ଯୋଜନା ରହିଛି। କେବଳ ମହାରାଜା କୃଷ୍ଣଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଏବଂ ଅଶ୍ୱିନୀ କୋଭିଡ ଚିକିତ୍ସାଳୟ କେନ୍ଦ୍ରରେ ଆକ୍ରାନ୍ତଙ୍କ ଚିକିତ୍ସା କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାକୁ ଫେରିଥିବା ପ୍ରବାସୀଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ଅନେକଗୁଡ଼ିଏ କାର୍ଯ୍ୟ ହାତକୁ ନିଆଯାଇଛି। ବାର୍ଷିକ ୨୧୨୬୮୦୩୦ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ରଖାଯାଇ, ତନ୍ମଧ୍ୟରୁ ଏଯାବତ୍ ୧୨୧୫୪୪୫ ଶ୍ରମଦିବସ ସୃଷ୍ଟି ହୋଇପାରିଛି, ଯାହାକି ଶତକଡା ୫୭ ପ୍ରତିଶତ। ଏଥିରେ ସମୁଦାୟ ୨୭୮ କୋଟି ୧୯ ଲକ୍ଷ ୭୫ ହଜାର ଖର୍ଚ୍ଚ ହୋଇଛି। କର୍ମନିଯୁକ୍ତି ସକାଶେ ୫୭୭୧୬୬ ଗୃହର ବ୍ୟକ୍ତି ପଞ୍ଜୀକରଣ କରିଛନ୍ତି। ୨୨୮୨୫୩ ଗୋଟି ପରିବାରକୁ କର୍ମନିଯୁକ୍ତି ଦିଆଯାଇପାରିଛି। ୧୫୫୧୬ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ୩୫୯୮ ଗୋଟି ଆଦର୍ଶ ଗାଈ ଗୁହାଳ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୫୦ଟିର କାର୍ଯ୍ୟ ସରିଛି। ୩୩୪୮ଟି ଗୁହାଳ କାର୍ଯ୍ୟ ଚାଲିଛି। ୯୬୬ଟି ମୋ ଉପକାରୀ ବଗିଚା ନିମନ୍ତେ ଲକ୍ଷ ଧାର୍ଯ୍ୟ ହୋଇ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ୧୧୦୩ ଜଳ ସେଚନ ନିମନ୍ତେ କୂପ ଖନନ ଲକ୍ଷ୍ୟ ରଖାଯାଇ ୧୬୭ଟିର କାର୍ଯ୍ୟ ଶେଷ ହୋଇଛି ଏବଂ ୯୩୬ଟି କାର୍ଯ୍ୟ ଚାଲିଛି। ୪୮୯ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଲକ୍ଷ୍ୟ ରଖାଯାଇ ୨୪ଟିର କାର୍ଯ୍ୟ ଶେଷ ହୋଇଛି। ୪୬୫ କେନ୍ଦ୍ରର କାର୍ଯ୍ୟ ଚାଲୁ ରହିଛି। ୭୬୫ ଟି ମୋ ଫାର୍ମ ପୋଖରୀ କାର୍ଯ୍ୟ ହାତକୁ ନିଆଯାଇ ତନ୍ମଧ୍ୟରୁ ୭ଟିର କାର୍ଯ୍ୟ ସମାପନ ହୋଇ ୬୯୩ ଟିର କାର୍ଯ୍ୟ ଚାଲିଛି। ଓଡିଶା ଜୀବନ ଜୀବିକା ମିଶନରେ ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉନ୍ନତି କରାଯାଉଛି ବୋଲି ଜିଲାପାଳ କହିଥିଲେ। ସେହିପରି ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାର ବ୍ରହ୍ମପୁର ସହରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଡିଆରଡିଏ ଏପିଡି (ପ୍ରଶାସକ) ଜ୍ୟୋତି ଶଙ୍କର ରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉମା ଶଙ୍କର ମିଶ୍ର ଏବଂ ଏମକେସିଜିର ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗ୍ରାମ୍ୟ କୃଷି କର୍ମଚାରୀ ପୁରସ୍କୃତ

ଦିଗପହଣ୍ଡି,୧୭।୧୧(ଡି.ଏନ୍.ଏ.)- ଦିଗପହଣ୍ଡି କୃଷି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଗ୍ରାମ୍ୟ କୃଷି କର୍ମଚାରୀ ଦେବପ୍ରସାଦ ସାହୁ, ସୂର୍ଯ୍ୟନାରାୟଣ ବାଉରୀ ଏବଂ ସୀମାଞ୍ଚଳ ମାଦଳାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଛନ୍ତି। ରାଜ୍ୟ ସରକାରଙ୍କ ୫- ଟି ପ୍ରୋଗ୍ରାମ ଅନ୍ତର୍ଗତ ରାଜ୍ୟ କୃଷି ବିଭାଗର ଦକ୍ଷତା କାର୍ଯ୍ୟକ୍ରମ ଅନୁଯାୟୀ କୃଷି କର୍ମଚାରୀମାନେ ସଫଳତାର ସହ କାର୍ଯ୍ୟ କରି ସର୍ବାଧିକ ପଏଣ୍ଟ ହାସଲ କରିଥିବାରୁ ସେମାନଙ୍କୁ ଶ୍ରେଷ୍ଠ କୃଷି କର୍ମଚାରୀ ଭାବେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଗଞ୍ଜାମ ଜିଲାର ସମୁଦାୟ ୫ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ଏହି ପୁରସ୍କାର ପାଇଥିବା ବେଳେ ଦିଗପହଣ୍ଡି କୃଷି କାର୍ଯ୍ୟାଳୟର ସର୍ବାଧିକ ୩ କର୍ମଚାରୀ ଏଭଳି ସମ୍ମାନଜନକ ପୁରସ୍କାର ହାସଲ କରିଥିବା ଦିଗପହଣ୍ଡି ବ୍ଲକ ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ କହିଛନ୍ତି।

### ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ଆସିକା,୧୭।୧୧(ଡି.ଏନ୍.ଏ.)-ଆସିକା ତହସିଲ ଅନ୍ତର୍ଗତ ହରିଡାପଦର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ମଙ୍ଗଳବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତହସିଲଦାର ସଦାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକର, ଉପବିଭାଗୀୟ ଅଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ, ଯୁବନେତା ନଚିକେତା ସ୍ୱାଇଁ, ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟିକା ସ୍ୱାଇଁ ଏହି କାର୍ଯ୍ୟକ୍ରମର ସୂଚନା ଦେବା ସହ ଜନସାଧାରଣ ଏହାର ସୁଯୋଗ ନେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ୪୭ଟି ବିଭିନ୍ନ ଅଭିଯୋଗ ଦାଖଲ କରାଯାଇଥିଲା। ବିଧାୟିକାଙ୍କ ଦ୍ୱାରା ୧୦ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ପରିଦର୍ଶକ ବିଶ୍ୱନାଥ ଲେଙ୍କା, ଅଶୋକ ପଣ୍ଡା, ଯୁଗଳ ବେହେରା, ସନ୍ତୋଷ ନାୟକ, ଭାଗୀରଥି ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ପାଣି ପଞ୍ଚାୟତ କର୍ମକର୍ତ୍ତା ନିର୍ବାଚନ

ହିଞ୍ଜିଳିକାଟୁ,୧୭।୧୧(ଡି.ଏନ୍.ଏ.)- ଋଷିକୁଲ୍ୟା ନଦୀ ମୁଖ୍ୟ କେନାଲ ହିଞ୍ଜିଳିକାଟୁ ବ୍ଲକ ଅଞ୍ଚଳର ବିଭିନ୍ନ ପାଣି ପଞ୍ଚାୟତର କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ଟାଙ୍ଗଣପଲ୍ଲୀ ପାଣି ପଞ୍ଚାୟତ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ଉପ ସହକାରୀ ଯନ୍ତ୍ରୀ ଜଗନ୍ନାଥ ଦାସଙ୍କ ପରିଚାଳନାରେ ହିଞ୍ଜିଳିକାଟୁ ବ୍ଲକର ରାଧାକାନ୍ତ ପାଣି ପଞ୍ଚାୟତ ଶିକୁଳିପଲ୍ଲୀ, ଗୋପୀନାଥ ପାଣି ପଞ୍ଚାୟତ ଗଣ୍ଡଳା, ବେଲେଶ୍ୱର ପାଣି ପଞ୍ଚାୟତ ବେଲଗାଁ, ରାଧାକୃଷ୍ଣ ଗୋପାଳେଶ୍ୱର ପାଣି ପଞ୍ଚାୟତ ଭାବନ୍ଧ, ଗୋପାଳେଶ୍ୱର ପାଣି ପଞ୍ଚାୟତ ସାହାପୁର ଓ ଅନ୍ୟାନ୍ୟ ପାଣି ପଞ୍ଚାୟତର କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୨ସପ୍ତାହ ମଧ୍ୟରେ ଶୀର୍ଷ କମିଟି ନିର୍ବାଚନ ହେବ ବୋଲି ୧୨ନଂ. କେନାଲ ସଭାପତି ପଦ୍ମଚରଣ ସାହୁ କହିଛନ୍ତି।

## ଆର୍‌ଆଇ ଅଫିସରୁ ଚୋରି

ଦିଗପହଣ୍ଡି,୧୭।୧୧(ଡି.ଏନ୍.ଏ.)

ଦିଗପହଣ୍ଡି ତହସିଲ ଅଧୀନ ନିମଖଣ୍ଡିପେଣ୍ଠ ଗ୍ରାମସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ସୋମବାର ରାତିରେ ୭୩,୬୪୦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଅଫିସ ତାଲା ଭାଙ୍ଗି ଭିତରେ ପଶିଥିଲେ। ଆଲମାରୀ, କମ୍ପ୍ୟୁଟର ଟେବୁଲ ଡ୍ରୟର ଭଙ୍ଗାରୁଜା କରି ନଥିପତ୍ର ଫିଙ୍ଗା ଫୋପଡ଼ା କରିବାସହ ଲକର ତାଡି ଟଙ୍କା ଚୋରାଇ ନେଇଥିଲେ। ମଙ୍ଗଳବାର ସକାଳେ ରାଜସ୍ୱ ନିରୀକ୍ଷକଙ୍କ ସମେତ କାର୍ଯ୍ୟାଳୟ କର୍ମଚାରୀମାନେ ପହଞ୍ଚିଲା ବେଳକୁ ଅଫିସ ମୁଖ୍ୟ ଗେଟ୍‌ର ତାଲା ଭଙ୍ଗା ଯାଇଥିଲା। ରାଜସ୍ୱ ନିରୀକ୍ଷକ ଏନେଇ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ଜଣାଇଥିଲେ। ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ରାଜସ୍ୱ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସବିଶେଷ ଅନୁଧ୍ୟାନ କରିବାପରେ ଦିଗପହଣ୍ଡି ପୋଲିସକୁ ଜଣାଇଥିଲେ। ଏସ୍‌ଆଇ ମାଧବଚନ୍ଦ୍ର ଟାକ୍ରୀ ସଦଳବଳ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ତହସିଲଦାରଙ୍କ ସୁପାରିସ କ୍ରମେ ରାଜସ୍ୱ ନିରୀକ୍ଷକ ଥାନାରେ ଏତଲା ଦେଇଛନ୍ତି।

## ଗଜପତିରୁ ୩ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୧୭।୧୧ (ଡି.ଏନ୍.ଏ.)

ଗଜପତି ଜିଲାରେ କରୋନା ସଂକ୍ରମଣ ନିୟନ୍ତ୍ରିତ ହେବାରେ ଲାଗିଛି। ମଙ୍ଗଳବାର ୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତ ୩ ପଜିଟିଭ ପାରଳାଖେମୁଣ୍ଡି ସହରାଞ୍ଚଳର ବୋଲି ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି।

## ମାଛ ମାରୁଥିବା ଟ୍ରଲର ଜବତ, ୮ ଗିରଫ

ଗଞ୍ଜାମ,୧୭।୧୧(ଡି.ଏନ.ଏ.)




ଜବତ ଟ୍ରଲର।

ଗଞ୍ଜାମ ପାଳିବନ୍ଧସ୍ଥିତ ଋଷିକୁଲ୍ୟା ମୁହାଣରୁ ୮ କି.ମି. ସମୁଦ୍ର ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ଏକ ଟ୍ରଲରକୁ ସୋମବାର ବିଳମ୍ବିତ ରାତିରେ ବନ ବିଭାଗ ଜବତ କରିଛି। ସେହି ଟ୍ରଲରରେ ଥିବା ଆନ୍ଧ୍ର ପ୍ରଦେଶର ୮ ଯୁବକଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଜବତ ହୋଇଥିବା ବହୁ ପରିମାଣର ମାଛକୁ ପୁରୁଣାବନ୍ଧ ଓ ପାଳିବନ୍ଧ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଛି। ଟ୍ରଲର ସହ ଗିରଫ ଯୁବକମାନଙ୍କୁ ଫିଶର ଡିପାର୍ଟମେଣ୍ଟ ଆର୍ଯ୍ୟପଲ୍ଲୀ ମେରାଇନ ଥାନାକୁ ହସ୍ତାନ୍ତର କରାଯାଇଥିବା ରମ୍ଭା ବନଖଣ୍ଡ ଅଧିକାରୀ ସୋମନାଥ ମାଲିକ କହିଛନ୍ତି। ଜବତ ବେଳେ ଫରେଷ୍ଟର ସୋମନାଥ ମଲିକଙ୍କ ସମେତ ନିରାକାର ବେହେରା, ରାଜେଶ୍ୱର ବେହେରା ଓ ୧୨ ବନ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଉ ମାତ୍ର ଦିନ କେଇଟା ପରେ ଅଲିଭ ରିଡ୍‌ଲେଙ୍କ ମିଳନ ପର୍ବ ଆରମ୍ଭ ହେବ। ଏହି ଦୃଷ୍ଟିରୁ ବିଭାଗ ପକ୍ଷରୁ ସମୁଦ୍ରରେ ମାଛ ମାରିବାକୁ ବାରଣ କରାଯାଇଛି। ଏଥିପାଇଁ ବିଭାଗ କର୍ମଚାରୀମାନେ କଡ଼ା ପ୍ରହରା ଦେଉଛନ୍ତି।

## ‘ମୋ ସ୍କୁଲ’ କାର୍ଯ୍ୟକ୍ରମରେ ଗଜପତି ଜିଲା ପ୍ରଥମ

**୫୬ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ ହୋଇଛି**

ପାରଳାଖେମୁଣ୍ଡି, ୧୭।୧୧(ଡି.ଏନ୍.ଏ.)

୧୪ ନଭେମ୍ବର ୨୦୧୭ରେ ଶିଶୁ ଦିବସ ଅବସରରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ‘ମୋ ସ୍କୁଲ’ କାର୍ଯ୍ୟକ୍ରମ। ପୂର୍ବତନ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ନିଜ ନିଜ ସ୍କୁଲର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସାହାଯ୍ୟର ହାତ ବଢାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଥିଲେ। ବହୁ ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ନିଜ ସ୍କୁଲର ବିକାଶ ପାଇଁ ସାହାଯ୍ୟ କରିବାକୁ ଆଗେଇ ଆସିଲେ। ଗଜପତି ଜିଲାରେ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ନିଜ ନିଜ ସ୍କୁଲର ବିକାଶ ପାଇଁ ଅର୍ଥ ପ୍ରଦାନ କରିଥିଲେ। ୩ବର୍ଷରେ ମୋ ସ୍କୁଲ ପାଣ୍ଠିରେ ୫୬ଲକ୍ଷ ଟଙ୍କା ପାଣ୍ଠି ସଂଗ୍ରହ କରି ଗଜପତି ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଘୋଷଣା ଅନୁଯାୟୀ, ଏହାର ୨ଗୁଣା ରାଶି ଅର୍ଥାତ୍ ୧.୬୭ କୋଟି ଟଙ୍କା ରାଜ୍ୟ ସରକାର ଦେବେ ବୋଲି ଜିଲାପାଳ ଅନୁପମ ସାହା କହିଛନ୍ତି। ଏହି ଅର୍ଥରେ ୨୭୦ ସ୍କୁଲର ଉନ୍ନତୀକରଣ କରାଯିବ। ଏହି ସଫଳତା ପଛରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ବ୍ଲକ ଶିକ୍ଷାଧିକାରୀ, ପୂର୍ବତନ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ଅବଦାନ ରହିଛି ବୋଲି ଜିଲାପାଳ ସାହା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଆଳିୟ ଖଣ୍ଡାୟତ ସମାଜର ସାଙ୍ଗଠନିକ ବୈଠକ

ଆସିକା,୧୭।୧୧(ଡି.ଏନ୍.ଏ.)

ଆସିକା ବ୍ଲକ ବରଗାଁ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜର କେନ୍ଦ୍ରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର କୁଳାଧିପତି ପ୍ରହଲ୍ଲାଦ ଲେଙ୍କା ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ।ସାଧାରଣ ସମ୍ପାଦକ ନିରଞ୍ଜନ ନାୟକ ବିବରଣୀ ପାଠ କରିଥିଲେ। ନଚିକେତା ସ୍ୱାଇଁ, ସଙ୍ଗଠନ ସମ୍ପାଦକ ମୁନା ବାରିକ, କୋଷାଧ୍ୟକ୍ଷ ମନୋଜ ପରିଡା, ସମାଜର ନାରୀନେତ୍ରୀ ରଶ୍ମିତା ନାୟକ, କେନ୍ଦ୍ରୀୟ ସଦସ୍ୟ ଶିବ ନାହାକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସମାଜର ସାଙ୍ଗଠନିକ ଅଭିବୃଦ୍ଧି ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦିଆଯାଇଥିଲା । ସମାଜର ମହିଳାମାନଙ୍କୁ ସାମଗ୍ରିକ କ୍ଷେତ୍ରରେ ଅଗ୍ରଣୀ କରାଇ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଓ ସମାଜକୁ ଆସୁଥିବା ଅଭିଯୋଗ ଓ ସମସ୍ୟାର ସମାଧାନ ଦିଗରେ ମହିଳାମାନଙ୍କୁ ସାମିଲ କରିବା ନେଇ ଆଲୋଚନା ହୋଇଥିଲା । ବୈଠକରେ ଆସିକା, ବ୍ରହ୍ମପୁର, ଭୁବନେଶ୍ୱର, ରାଉରକେଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରତିନିଧି ଯୋଗଦେଇଥିଲେ ।




ମୁଖ୍ୟଅତିଥି ବିଧାୟିକା ମଞ୍ଜୁଳା ସ୍ୱାଇଁ ଉଦ୍‌ବୋଧନ ଦେଉଛନ୍ତି।

## ବର୍ଜ୍ୟବସ୍ତୁ ପରିଚାଳନା ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ବ୍ରହ୍ମପୁର ଅଫିସ,୧୭।୧୧



ଟାଉନ୍ ହଲ୍‌ରେ ସମ୍ବର୍ଦ୍ଧନା

୨୦୨୧ ସ୍ୱଚ୍ଛ ସର୍ବେକ୍ଷଣରେ ବ୍ରହ୍ମପୁର ମହାନଗର ନିଗମକୁ ସର୍ବଭାରତୀୟ ର୍‍ୟାଙ୍କି ତାଲିକାରେ ସ୍ଥାନ ପାଇବା ନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ଡାଇମଣ୍ଡ ଜୁବୁଲି ହଲରେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବିଏମ୍‌ସି ଡେପୁଟି କମିଶନର ରୋମାଞ୍ଚଳ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଦା ଓ ଶୁଖିଲା ଆବର୍ଜନା ପୃଥକୀକରଣ ସମ୍ପର୍କରେ ତାଲିମ ଦିଆଯାଇଥିଲା। ସହରର ପ୍ରତି ଘରୁ ସଂଗ୍ରହ କରାଯାଉଥିବା ଶୁଖିଲା ଆବର୍ଜନା ପାଇଁ ନୀଳ ଡଷ୍ଟବିନ୍ ଓ ଓଦା ଆବର୍ଜନା ପାଇଁ ସବୁଜ ଡଷ୍ଟବିନ୍ ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ସଫେଇ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଶିବିରରେ ପ୍ରାୟ ୧୦୦ ସଫେଇ କର୍ମଚାରୀଙ୍କ ସମେତ ନିଗମ ବିଭାଗର ସମସ୍ତ ୱାର୍ଡ଼ ଦାୟିତ୍ୱରେ ଥିବା ସାନିଟେଶନ୍ ଏସ୍‌ଆଇ ଓ ଜମାଦାର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାନିଟେଶନ୍ ଏକ୍ସପର୍ଟ ସାଗରିକା ଖଣ୍ଡୁଆଳ, ମୋନିକା ମୋନାଲି ମାନସିଂ, ରାଜେନ୍ଦ୍ର ସାହୁ ଓ ଆଲୋକ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଉତ୍ତମ କାର୍ଯ୍ୟ କରିଥିବା ସଫେଇ କର୍ମଚାରୀଙ୍କୁ ନିଗମ ବିଭାଗ ପକ୍ଷରୁ ପ୍ରମାଣ ପତ୍ର ଜରିଆରେ ସମ୍ବର୍ଦ୍ଧିତ କରାଯାଇଥିଲା।


## ଡିସେମ୍ବର ଶେଷଯାଏ କେସ୍ ପରିଚାଳନା ବନ୍ଦ

ଫୁଲବାଣୀ ଅଫିସ, ୧୭।୧୧

କନ୍ଧମାଳ ଜିଲା ଓକିଲ ସଂଘର ଏକ ବୈଠକ ମଙ୍ଗଳବାର ବାର୍ ଆସୋସିଏଶନ ହଲରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ଅଧ୍ୟକ୍ଷ ଚନ୍ଦ୍ରଶେଖର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ କରୋନା ଆକ୍ରାନ୍ତ ୩ ଓକିଲଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା ହୋଇଥିଲା। ପରେ ବିଭିନ୍ନ ବିଷୟ ଆଲୋଚନା ହୋଇଥିଲା। କରୋନା ଲାଗି ଡିସେମ୍ବର ଶେଷ ପର୍ଯ୍ୟନ୍ତ କୋର୍ଟରେ କୌଣସି କେସ୍ ପରିଚାଳନା ନ ହେବା ପାଇଁ ନିଷ୍ପତି ନିଆଯାଇଥିଲା। ସେହିପରି ଡିସେମ୍ବର ୧୨ରେ ହେବାକୁ ଥିବା ବାର୍ ଆସୋସିଏଶନ ନିର୍ବାଚନ ପାଇଁ ଓକିଲ ପ୍ରତାପ କୁମାର ପାତ୍ରଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଥିଲା। ୱେଲଫେୟାର(ମଙ୍ଗଳ) କମିଟି ସଦସ୍ୟ ଭାବେ ନରେଶ କୁମାର ପାଢ଼ୀ ମନୋନୀତ ହୋଇଥିଲେ। ଆସୋସିଏଶନ ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ସଦସ୍ୟ ହରିଶ୍ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

## ମଞ୍ଚ ଦିଅ, ନ ହେଲେ ଦାନା ଦିଅ

ଭଞ୍ଜନଗର,୧୭।୧୧(ଡି.ଏନ୍.ଏ.)



ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଘୁମୁସର ମିଳିତ କଳାକାର ସଂଘର ଶୋଭାଯାତ୍ରା**

ଭଞ୍ଜନଗର ଅଞ୍ଚଳରେ ମେଲୋଡି, ଭଜନ, ବ୍ୟାଣ୍ଡ ଏବଂ ଗ୍ରାମାଞ୍ଚଳରେ ଲୋକ ନାଟକ ପରିବେଷଣ କରି ଜୀବିକା ନିର୍ବାହ କରୁଥିବା ମଞ୍ଚ କଳାକାରମାନେ କରୋନା ଯୋଗୁ ୮ମାସ ହେଲା ରୋଜଗାର ହରାଇଛନ୍ତି। ଡିସେମ୍ବର ସୁଦ୍ଧା ମଞ୍ଚ ଖୋଲିବା ସମ୍ଭାବନା ନାହିଁ। ତେଣୁ ସେମାନଙ୍କ ଜୀବନ ଜୀବିକା ଘୋର ସଙ୍କଟ ଦେଇ ଗତି କରୁଛି। ସରକାର ଏନେଇ ତୁରନ୍ତ ବିଚାର କରି ମଞ୍ଚ ଖୋଲନ୍ତୁ, ନଚେତ୍ କଳାକାରମାନଙ୍କୁ ବଞ୍ଚିବା ପାଇଁ ଦାନା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏନେଇ ଘୁମୁସର ମିଳିତ କଳାକାର ସଂଘ ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆନ୍ଦୋଳନର ନେତୃତ୍ୱ ଘୁମୁସର ମିଳିତ କଳାକାର ସଂଘର ଆବାହକ ରବି ଦାସ ନେଇଥିଲେ। କଳାକାରମାନେ ବାଉଁଶଲୁଣ୍ଡି ସିନେମାହଲ୍ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା ପରେ ଉପ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏନେଇ ଆବାହକ ଦାସ କହିଛନ୍ତି, ସରକାର ଜାନୁୟାରୀ ଶେଷ ସୁଦ୍ଧା ମଞ୍ଚ କଳାକାରଙ୍କ ପାଇଁ ମଞ୍ଚ ଖୋଲିବା ବ୍ୟବସ୍ଥା କରନ୍ତୁ। ନଚେତ୍ ସଂଘର ସଭ୍ୟମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ।

## ଜଙ୍ଗଲ ଜମିକୁ ନେଇ ଗୋଷ୍ଠୀ ସଂଘର୍ଷ, ୯ ଆହତ

ଫୁଲବାଣୀ ଅଫିସ/କୋଟଗଡ, ୧୭।୧୧(ଡି.ଏନ୍.ଏ.)



ଉତ୍ତ୍ୟକ୍ତ ଗ୍ରାମବାସୀ।

**ଏକ ପ୍ଲାଟୁନ ଫୋର୍ସ ମୁତୟନ**

କନ୍ଧମାଳ ଜିଲା କୋଟଗଡ ବ୍ଲକରେ ଜଙ୍ଗଲ ଜମିକୁ ନେଇ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ଘଟିଛି। ୩ ଗ୍ରାମ ମଧ୍ୟରେ ହୋଇଥିବା ଏହି ଗଣ୍ଡଗୋଳରେ ୯ଜଣ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିବାବେଳେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଜଙ୍ଗଲ ଜମିରେ ବାହାରୁ ଆସି କିଛି ଲୋକେ ଘର କରି ରହିଥିବାରୁ ଏଭଳି ଘଟିଛି।

ସୂଚନା ଅନୁଯାୟୀ, କେଶରାଗୁଡା ଗାଁଲୋକେ ପ୍ରାୟ ୧୦ ବର୍ଷ ହେବ ଏକ ଜଙ୍ଗଲ ଜମିକୁ ଅକ୍ତିଆରରେ ରଖିଥିଲେ। ପାଖ ମଦାଙ୍ଗି ଗ୍ରାମର କେତେଜଣ ଲୋକେ ସେହି ଜମି ଉପରେ ଆଖି ପକାଇଥିଲେ। ବାହାରୁ ଆସିଥିବା କେତେକ ଲୋକଙ୍କୁ ସେଠାରେ ଘର କରି ରହିବାରେ ମଦାଙ୍ଗି ଗ୍ରାମର କେତେଜଣ ଲୋକେ ସାହାର୍ଯ୍ୟ କରିଥିଲେ। ଏହାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଘର ହୋଇଥିବା ସ୍ଥାନ ଛାଡି ବାକି ଜାଗାରେ କେଶରଗୁଡା ଗ୍ରାମଲୋକେ ବାଡ ପକାଇଥିଲେ। ଏଥିରେ ଡେଙ୍ଗୁଗୁଡା ଗ୍ରାମବାସୀ ବି ସାମିଲ ଥିଲେ। ହେଲେ ସେଠାରେ ବସବାସ କରୁଥିବା ଲୋକେ ଏବଂ ମଦାଙ୍ଗି ଗ୍ରାମର ଲୋକେ ଉକ୍ତ ବାଡକୁ ଭାଙ୍ଗିଦେବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଗୋଟିଏ ପଟେ କେଶରଗୁଡା ଓ ଡେଙ୍ଗୁଗୁଡା ଗ୍ରାମବାସୀ ଏକାଠି ହୋଇ ଏହାକୁ ବିରୋଧ କରିବାରୁ ମଦାଙ୍ଗି ଗ୍ରାମବାସୀ ଏବଂ ବସବାସ କରୁଥିବା ଲୋକେ ଉତ୍ତେଜିତ ହୋଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ମାଡପିଟ ହୋଇଥିଲା। ଏଥିରେ ୯ ଜଣ ଆହତ ହୋଇଥିଲେ।

ଖବର ପାଇ କୋଟଗଡ ଓ ତୁମୁଡିବନ୍ଧ ଥାନାଧିକାରୀ ଏକ ପ୍ଲାଟୁନ ଫୋର୍ସ ନେଇ ସେଠାରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ସହ ଆହତଙ୍କୁ ମେଡିକାଲ ନେଇଥିଲେ। ପୋଲିସ ଉଭୟ ପକ୍ଷଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ଏ ନେଇ ଥାନାରେ ନଂ.୭୯/୨୦ରେ ମାମଲା ରୁଜୁ ହୋଇଛି।

**ଅପରାଜିତାଙ୍କୁ ମିଳିଲା ନୂଆ ଦାୟିତ୍ୱ**

ଭୁବନେଶ୍ୱର (ବ୍ୟୁରୋ): ଭୁବନେଶ୍ୱରର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ନୂଆ ଦାୟିତ୍ୱ ମିଳିଛି। ଆସନ୍ତା ୩ ବର୍ଷ ଲାଗି ଅପରାଜିତା ରାଜ୍ୟଗୋଷ୍ଠୀ ରାଷ୍ଟ୍ରସମୂହ ମହିଳା ସଂସ୍ଥାଳନ ସମିତିରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅନୁମୋଦନରେ ଅପରାଜିତାଙ୍କୁ ଏହି ଦାୟିତ୍ୱ ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ୪୬୪.୭୨ କୋଟିର...

ବ୍ୟୟରେ ଏକ ମଧ୍ୟମ ସାନ୍ଦ୍ରତାବିଶିଷ୍ଟ ଫାଇବର ବୋର୍ଡ (ଏମ୍‌ଡିଏଫ୍) ସ୍ଥାପନ କରିବ। ବାର୍ଷିକ ଏଥିରେ ୭୨ ହଜାର କ୍ୟୁବିକ ମିଟର ଉତ୍ପାଦନ ହେବ। ଏହି କାରଖାନାରେ ୩୧୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ଦୈନିକ ୧୨୦ କିଲୋଲିଟର ଡିଷ୍ଟିଲେରି ୟୁନିଟ୍ ସ୍ଥାପନ ହେବ ଏଥିସହିତ ୪ ମେଗାୱାଟ୍ ଶକ୍ତି ପ୍ରକଳ୍ପ ସ୍ଥାପନ ହେବ। ଏଥିରେ ପ୍ରାୟ ୧୫୧.୭୭ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏନ୍‌ଭିରୋକେୟାର ଇନ୍‌ଫ୍ୟୁସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ ସୁନ୍ଦରଗଡ଼ ଜିଲ୍ଲାର ଲାଠିକଟା ଠାରେ ୧.୬ ନିୟୁତ ଟନ୍ କ୍ଷମତାବିଶିଷ୍ଟ ପେଲେଟ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୧୯୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଏନ୍‌ଭିରୋକେୟାର ଇନ୍‌ଫ୍ୟୁସଲ୍ୟୁସନ ପ୍ରାଇଭେଟ ଲିମିଟେଡ ସୁନ୍ଦରଗଡ଼ ଜିଲ୍ଲାର ଲାଠିକଟା ଠାରେ ବାର୍ଷିକ ୪ ନିୟୁତ ଟନ୍ ସ୍ଲରି ପାଇପ ଲାଇନ ପ୍ରକଳ୍ପ ସ୍ଥାପନ କରିବ। ଏଥିରେ ୧୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୬୮ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

୨୦୨୦ ଫେବୃୟାରୀରୁ ରାଜ୍ୟ ସରକାର ୧,୧୯,୨୧୪.୭୨ କୋଟି ଟଙ୍କାର ପୁଞ୍ଜିନିବେଶକୁ ଆକୃଷ୍ଟ କରିପାରିଛନ୍ତି। ଏଥିରେ ୫୪,୧୩୧ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଥିବା ବୈଠକରେ ସୂଚନା ଦିଆଯାଇଛି।

# 'ଠିକାଦାରଙ୍କ ପାଇଁ ବାଘଛାଲ'

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ରାଜ୍ୟରେ ଚାଲିଥିବା ବନ୍ୟପ୍ରାଣୀ ଶିକାର ଓ ଚୋରା କାରବାର ଏବେ ରାଜଧାନୀକୁ ଛୁଇଁଲାଣି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରୁ ଏକ କଲରାପତରିଆ ବାଘ ଛାଲ ଜବତ କରିଛି। ୩ ଲକ୍ଷ ଟଙ୍କାରେ ବାଘଛାଲ ଡିଲ୍ ହେବାବେଳେ ଏସ୍‌ଟିଏଫ୍ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଶାନ୍ତ କୁମାର ନାୟକ (୩୪)। ସେ ମୟୂରଭଞ୍ଜ ଜିଲ୍ଲା କୁଳିପୋଷି ଥାନା ଅନ୍ତର୍ଗତ ରାଡ଼ଙ୍ଗ ଗ୍ରାମର ବାସିନ୍ଦା। ପ୍ରଶାନ୍ତ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଡ୍ରାଇଭର ଭାବେ ଚାକିରି କରିଥିବା ଜଣାପଡ଼ିଛି। ତେବେ ଅଭିଯୁକ୍ତଙ୍କ ବୟାନ ସମସ୍ତଙ୍କୁ ଚକିତ କରିଛି। ଅଭିଯୁକ୍ତ ପ୍ରଶାନ୍ତ କହିଛନ୍ତି, ଏହି ବାଘଛାଲ ରାଜଧାନୀର ଜଣେ ଠିକାଦାର ଅଜିତ ଦାସଙ୍କ ପାଇଁ ସେ ଆଣିଥିଲେ। ଏଥିରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଆଉ ଜଣେ ଡ୍ରାଇଭର ସାମିଲ ଅଛନ୍ତି। ଅଭିଯୁକ୍ତଙ୍କ ବୟାନ ପରେ ଏସ୍‌ଟିଏଫ୍ ଏବେ ସମ୍ପୃକ୍ତ ଠିକାଦାର ଏବଂ ଅନ୍ୟ ଡ୍ରାଇଭର ଜଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ସୂଚନା ଅନୁଯାୟୀ, ଏକ ବାଘଛାଲ କାରବାର ହେବା ସମ୍ପର୍କରେ ପୂର୍ବରୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍‌କୁ ସୂଚନା ମିଳିଥିଲା। ସେହି ଅନୁଯାୟୀ ସୋମବାର ଅପରାହ୍ନ ପ୍ରାୟ ୩ଟା ବେଳେ ବରମୁଣ୍ଡା କାଳୀମନ୍ଦିର ନିକଟରେ ଏସ୍‌ଟିଏଫ୍ ଟିମ୍‌ର ଅଧିକାରୀମାନେ ଅଣ୍ଡର କଭର ଏଜେଣ୍ଟ ସାଜି ଜାଲ ବିଛାଇ ଛକି ରହିଥିଲେ। ପ୍ରଶାନ୍ତ ଏକ ବାଇକରେ ଆସି ପହଞ୍ଚିବାପରେ ମୂଲଚାଲ ହୋଇଥିଲା। ବାଘଛାଲ ଦେଖିବା ମାତ୍ରେ ପ୍ରଶାନ୍ତଙ୍କୁ ଏସ୍‌ଟିଏଫ୍ ଟିମ୍ ମାଡ଼ି ବସିଥିଲା। ପ୍ରଶାନ୍ତଙ୍କ ବିରୋଧରେ ଆଇପିସି ଦଫା ୩୭୯,୪୧୧, ୧୨୦(ବି) ଏବଂ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ର ଦଫା ୫୧ରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ପ୍ରଶାନ୍ତଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗତ ୨ବର୍ଷ ମଧ୍ୟରେ ୧୨ଟି କଲରାପତରିଆ ବାଘଛାଲ ଜବତ କଲାଣି। ସେଥିରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡାରୁ ୪, ନୟାଗଡ଼ର ରଣପୁର ଏବଂ ଦଶପଲ୍ଲା ଅଞ୍ଚଳରୁ ୨ଟି ଲେଖାଏ, ଦେବଗଡ଼, ସୁବର୍ଣ୍ଣପୁର, ଭବାନୀପାଟଣା ଓ ଭୁବନେଶ୍ୱରରୁ ଗୋଟିଏ ଲେଖାଏ ବାଘ ଛାଲ ଜବତ କରିଛି। ଏଭଳି ସ୍ଥିତିରେ ବନ୍ୟପ୍ରାଣୀ ଶିକାରକୁ ବନ୍ଦ କରିବା ନିମନ୍ତେ ବନ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ୨୦୦୮ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରି ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

**ରାଜଧାନୀକୁ ଛୁଇଁଲା ର୍‍ୟାକେଟ**

- ବରମୁଣ୍ଡା ନିକଟରୁ ଜବତ ହେଲା ଛାଲ, ଜଣେ ଗିରଫ
- ୨ବର୍ଷରେ ୧୨ଛାଲ ଜବତ କଲା ଏସ୍‌ଟିଏଫ୍



# ସମ୍ପର୍କୀୟ ମାମୁ ହତ୍ୟାକାରୀ

**ଖରଖରି ଶିଶୁକନ୍ୟା ବଳାତ୍କାର, ହତ୍ୟା ମାମଲା**

ଢେଙ୍କାନାଳ ଅଫିସ, ୧୭।୧୧

ମଦ ନିଶାରେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା କରିଥିଲେ ସମ୍ପର୍କୀୟ ମାମୁ। ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଖରଖରି ଗ୍ରାମରେ ଗତ ଗୁରୁବାର ଘଟିଥିବା ଶିଶୁକନ୍ୟା ବଳାତ୍କାର ଏବଂ ହତ୍ୟା ମାମଲା ପଛରେ ନିଶାଖୋର ମାମୁଙ୍କ ସମ୍ପୃକ୍ତି ରହିଥିବା ପୋଲିସ ସ୍ପଷ୍ଟ କରିଛି। ଯାଜପୁର ଜିଲ୍ଲା କାଳିଆପାଣି ଅଞ୍ଚଳରୁ ଅଭିଯୁକ୍ତ ଶଙ୍କର୍ଷଣ ଦେହୁରୀ (୩୫)ଙ୍କୁ ଗିରଫ କରାଯାଇଛି। କଙ୍କଡ଼ାହାଡ଼ ଥାନାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ସମ୍ପର୍କୀୟ ହୋଇଥିବାରୁ ସେ ନାବାଳିକାଙ୍କ ଘରକୁ ଯିବାଆସିବା କରୁଥିଲେ। ଘଟଣା ଦିନ ସେ ନିଶାରେ ଚୂର ହୋଇ ରହିଥିଲେ। ଅପରାହ୍ନରେ ହାଟଥିବାରୁ ଭାଣିଜୀଙ୍କୁ ଚାଟ୍ ଖାଇବାକୁ ଡାକି ନେଇଥିଲେ। ସନ୍ଧ୍ୟାରେ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରି ମୁମୂର୍ଷୁ ଅବସ୍ଥାରେ ଗ୍ରାମ ନିକଟ ନାଳରେ ଫିଙ୍ଗି ଦେଇଥିଲେ। ଘଟଣା ପ୍ରଘଟ ଭୟରେ ପରେ ପଥରରେ ମୁଣ୍ଡକୁ ଛେଚି ହତ୍ୟା କରି ଫେରାର ହୋଇଯାଇଥିଲେ। ଶୁକ୍ରବାର ସକାଳେ ଶିଶୁକନ୍ୟାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ପଚରାଉଚୁରା ବେଳେ ଶଙ୍କର ନିଜ ଦୋଷ ସ୍ୱୀକାର କରିଥିବା ଥାନାଧିକାରୀ ଆଶିଷ କୁମାର ଜେନା ସୂଚନା ଦେଇଛନ୍ତି।


**MAA RAMACHANDI DEVELOPMENT COMMITTEE**

**Selection of an agency for management of Parking & Picnic space at Ramachandi, Puri**

Sealed proposals are invited from reputed agency for management of Parking & Picnic space at Ramachandi, Puri.
The last date of submission of proposal:- **26.11.2020 at 1.30 PM** through Speed Post, Registered Post, Courier only.
The detail RFP can be viewed in district website:- **www.puri.nic.in**

Sd./- ADM, Puri-cum-Chairman
Maa Ramachandi Development Committee
Konark, Puri

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଗୁଡ଼ାରୀ**

ପତ୍ର ସଂଖ୍ୟା ୯୮୫/୨୦୨୦ ତାରିଖ: ୧୨।୧୧।୨୦୨୦

ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ନେଇ ODF ++ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରକୁ ODF (ବାହ୍ୟ ମଳମୁକ୍ତ ଅଞ୍ଚଳ) ମାନ୍ୟତା ମିଳିସାରିଛି ଓ ଆଗାମୀ ଦିନରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ODF ++ (ବାହ୍ୟ ମଳମୁକ୍ତ ଅଞ୍ଚଳ ତଥା ସମ୍ପୂର୍ଣ୍ଣ ନିର୍ମଳ ଅଞ୍ଚଳ) କରିବାକୁ ଯାଉଛି। ଏହା ଉପରେ ସଭାରେ ଆଲୋଚନା କରାଗଲା ଓ ଏହାର ସଫଳ ରୂପାୟନ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି।

ସ୍ୱା./- ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡ଼ାରୀ


## ଛତିଶଗଡ ଧାନ ସୀମାରେ ପୂରାଇ ନଦେବା ନିଷ୍ପତ୍ତି ହାସ୍ୟାସ୍ପଦ: ଭାଜପା

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ): ନୂତନ କୃଷି ଆଇନ ବଳରେ ଚାଷୀ ତା'ର ଉତ୍ପାଦିତ ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟରେ ରାଜ୍ୟର ଯେକୌଣସି ମଣ୍ଡି ଏବଂ ରାଜ୍ୟ ବାହାରେ ମଧ୍ୟ ବିକ୍ରି ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ପୁଣିଥରେ ମଧ୍ୟସ୍ଥି ଜରିଆରେ ଚାଷୀଙ୍କ ଧାନ କମଦରରେ କିଣିବାର ମସୁଧା ହୋଇଛି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳରେ ୧୨ରୁ ୧୪ଶହ ଟଙ୍କାରେ ଚାଷୀ ତା'ର ଧାନ ମଧ୍ୟସ୍ଥି ଜରିଆରେ ବିକ୍ରି କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜଣେ ହେଲେ ମଧ୍ୟସ୍ଥି କିମ୍ବା ମିଲରଙ୍କ ବିରୋଧରେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଛତିଶଗଡ ରାଜ୍ୟ ସୀମାନ୍ତରେ ଯେଉଁ ଚାଷୀ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଧିକ ଦରରେ ଧାନ ମଣ୍ଡିରେ ବିକ୍ରି କରିଥାଆନ୍ତି। ଖରିଫ ଅମଳ ପରେ ନିଜ ରାଜ୍ୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଉଥିବା ଛତିଶଗଡ ଚାଷୀ ଓଡ଼ିଶାରେ ଧାନବିକ୍ରି କରିବାର ଉଦାହରଣ ନାହିଁ। ତେବେ ଛତିଶଗଡ ସୀମାନ୍ତରେ ସେଠାର ଚାଷୀଙ୍କ ଧାନ ଓଡ଼ିଶାରେ ପ୍ରବେଶ କରାଇ ନ ଦେବା ପାଇଁ ସୀମାକୁ ଜଗିବା ଲାଗି ସରକାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ହାସ୍ୟାସ୍ପଦ ବୋଲି ପୁରୋହିତ କହିଛନ୍ତି।


**ତହସିଲଦାରଙ୍କ କାର୍ଯ୍ୟାଳୟ, କୋଡ଼ିଙ୍ଗା, ଜିଲ୍ଲା-ନବରଙ୍ଗପୁର**

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏହି ତହସିଲ ଅନ୍ତର୍ଗତ ୪ (ଚାରି) ଗୋଟି ସଇରାତ ଉତ୍ସ (ପଥର ଓ ବାଲି ଖାଦାନ)ଗୁଡିକୁ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ଲିଜ୍ ପ୍ରଦାନ କରିବା ନିମନ୍ତେ ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା-୨୩୦୪/୨୦୨୦, ତା୦୯।୧୧।୨୦୨୦ରେ ସର୍ବସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ନବରଙ୍ଗପୁର ଜିଲ୍ଲା ୱେବ୍‌ସାଇଟ୍ www.nabarangpur.nic.inରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ଉପରୋକ୍ତ ୱେବ୍‌ସାଇଟ୍‌ରୁ ସମସ୍ତ ତଥ୍ୟ ହାସଲକରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ କରିପାରିବେ। ସରକାରୀ କାର୍ଯ୍ୟ ଦିବସମାନଙ୍କରେ ଏହି କାର୍ଯ୍ୟାଳୟରୁ ମଧ୍ୟ କାର୍ଯ୍ୟାଳୟ ସମୟ ମଧ୍ୟରେ ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ହାସଲ କରିପାରିବେ। ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣଯୋଗ୍ୟ ହେବନାହିଁ। କୌଣସି କାରଣରୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ ପହଞ୍ଚିବାରେ ବିଳମ୍ବ ହେଲେ, ନିମ୍ନ ସ୍ୱାକ୍ଷରକାରୀ ଦାୟୀ ରହିବେ ନାହିଁ।

ସ୍ୱା./- ତହସିଲଦାର, କୋଡ଼ିଙ୍ଗା

**OFFICE OF THE EXECUTIVE ENGINEER**
**KENDRAPARA(R&B) DIVISION-I, KENDRAPARA**
E-mail ID: eernbkdp@gmail.com,
No. B-415 Tel. (06727) 220268, Fax No. (06727) 220862

**GOVERNMENT OF ODISHA "e" Procurement Notice**
**e-Procurement Notice for Road & Building Works**
Bid Identification No. E.E., R n B KDP-09/2020-21

| | | |
|---|---|---|
| 1. | No. of Work | : 02 Nos. of Road & 01 No. Building Works |
| 2. | Estimated Cost | : Rs.15,17,401/- to Rs.43,74,811/- |
| 3. | Period of Completion | : 02 (Two) to 03 (Three) Calendar Months |
| 4. | Date & time of Sale & receipt of bid document | : From 10.00 A.M. of 17.11.2020 to 5 P.M. of 26.11.2020 |
| 5. | Last date/time of receipt of bids | : 5 P.M. of 26.11.2020 |
| 6. | Date & time of Opening of Bids: | 11.00 A.M. of 27.11.2020 |
| 7. | Name and address of the Officer Inviting Bid | : Executive Engineer, Kendrapara (R&B) Division - I, Kendrapara |

Further details with any addendum, corrigendum, cancellation can be seen from the State Govt. portal **"https://tendersorissa.gov.in"**.

Sd./- (Er. P.K. Mohanty)
Executive Engineer
Kendrapara (R&B) Division - I
OIPR-34097/11/0008/2021

**ODISHA LIFT IRRIGATION CORPORATION LTD.**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, SUBARNAPUR**
e-mail id: eeolicsnp@gmail.com
**e-Procurement Notice**
Bid Identification No. OLIC-SNP-10/2020-21 Dt.02.11.2020

No. CAD-773: The **Executive Engineer, Lift Irrigation Division, Subarnapur** on behalf of OLIC invites **Percentage Rate** bids in single cover system to be received in **Online Mode only** for the work **Installation and Energisation of New LIPs under different block in Subarnapur District** as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-Line in the Govt. website **www.tendersodisha.gov.in**. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.
**1. Name of the Works : Installation & Energisation of River Lift Irrigation Projects with supply of all materials on Turnkey basis, 2. Total Nos of Package : 58, 3. Approximate Estimated Cost : Rs. 13.92 lakhs to Rs. 43.09 lakhs, 4. Class of Contractor : As mentioned against each package, 5. Period of Completion : 90 Days for all projects from the date of issue of work order, 6. Other details as follows:-**

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, L.I. Division, Subarnapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, subarnapur | OLIC-SNP-10/2020-21 | 23.11.2020 at 11.00 hrs. | 08.12.2020 at 17.00 hrs. | 07.12.2020 at 17.00 hrs. | 09.12.2020 at 11.00 hrs. |

Executive Engineer, L.I. Division, Subarnapur
OIPR-32316/11/0004/2021

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)
No.: 6831 File: SMT-1693 Date: 17.11.2020

**NOTICE INVITING TENDER**

No. CAD-772:- BID IDENTIFICATION: 30/Tender/OBCC/2020-21

| Sl. No. | Name of Work | Amount put to Tender | Class of Contractor |
|---|---|---|---|
| 1 | Development of Heritage Security Zone by supplying & laying of paver blocks, kerb cum Saucer drain and kerb around Meghanad Pacheri of Shree Jagannath Temple, Puri under ABADHA Scheme. | Rs.3,55,65,000.00 | 'A' & Special Class |
| 2 | Interim Development to Shree Jagannath Temple, Puri (Landscaping around Shree Jagannath Temple, Puri). | Rs.25,38,000.00 | Registered Firm or 'C' & 'B' Class |
| 3 | Interim Development to Ekamra Kshetra, Bhubaneswar (Landscaping). | Rs.13,78,000.00 | Registered Firm or 'D' & 'C' Class |
| 4 | Construction of Road upto Sub-grade level from Brahmagiri Road near Kania Pokhari to newly proposed Shree Setu Road at Matitota for a length of 665mtr for Gurukulam Project under ABADHA Scheme. | Rs.1,08,63,000.00 | 'B' & 'A' Class |

1. Date and time of availability of bid document in the eProcurement portal: **4.00 P.M. of 19.11.2020.**
2. Last date/time for receipt of online bid: **03.12.2020 till 5.00 PM.**
3. Further details can be seen from the e-Procurement portal **"https://www.tendersodisha.gov.in"**

OIPR-34106/11/0030/2021 Sd./- E.I.C.-cum-Managing Director, O.B. & C.C. Ltd.

**ଓଡ଼ିଶା ଉଠାଜଳସେଚନ ନିଗମ କାର୍ଯ୍ୟାଳୟ**
(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ୍-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର
**Website: www.odishalift.co.in**

**ଡିପ୍ ବୋର୍‌ୱେଲ ସେଚ କାର୍ଯ୍ୟକ୍ରମ: ୨୦୨୦-୨୧**

No. CAD-780: ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ, ଉଠାଜଳସେଚନ ନିଗମ ଜରିଆରେ ରାଜ୍ୟର ୨୬ଗୋଟି ଜିଲ୍ଲାରେ ବିଜୁ କୃଷକ ବିକାଶ ଯୋଜନା - ଡିପ୍ ବୋର୍‌ୱେଲ ସେଚ କାର୍ଯ୍ୟକ୍ରମ ମାଧ୍ୟମରେ ବୋର୍‌ୱେଲ ପ୍ରକଳ୍ପ ବ୍ୟକ୍ତିଗତ ମାଲିକାନା ଭିତ୍ତିରେ ସ୍ଥାପନ କରାଯାଉଛି। ଏହି ପ୍ରକଳ୍ପ ନିମନ୍ତେ ଅନ୍ୟୂନ ୪ ଜଣ ହିତାଧିକାରୀ ଗୋଟିଏ Cluster ମଧ୍ୟରେ ରହିବା ଆବଶ୍ୟକ ଅଟେ। ପ୍ରସ୍ତାବିତ ପ୍ରକଳ୍ପର ଆୟକଟ ଭିତରେ ଜଣେ ଆବେଦନକାରୀଙ୍କର ଅନ୍ୟୂନ ୧.୦ ଏକର ଜମି ଥିବା ବିଧେୟ। ୨ଟି ପ୍ରସ୍ତାବିତ ବୋର୍‌ୱେଲ ମଧ୍ୟରେ ଅନ୍ୟୂନ ୨୦୦ ମିଟର ଦୂରତା ଥିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ପାଇଁ ରାଜ୍ୟର ନିମ୍ନଲିଖିତ ଜିଲ୍ଲାମାନଙ୍କର ନୂଆ କରି ଆବେଦନ ପତ୍ର Onlineରେ ଆହ୍ୱାନ କରାଯାଉଛି। ଇଚ୍ଛୁକ ଚାଷୀ ଭାଇମାନେ ଉପରୋକ୍ତ ଯୋଜନାରେ ସାମିଲ ହେବାପାଇଁ ଉଠାଜଳସେଚନ ନିଗମର Website: **www.odishalift.co.in**ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ତା୨୦।୧୧।୨୦୨୦ରିଖଠାରୁ ତା୩୧।୦୧।୨୦୨୧ ମଧ୍ୟରେ Onlineରେ ପୂରଣ କରିବେ। ଏହି ଦରଖାସ୍ତ ନିକଟସ୍ଥ ଜନସେବା କେନ୍ଦ୍ରରେ ମଧ୍ୟ ଆବେଦନ ହୋଇପାରିବ। ଏଥି ସହିତ ହିତାଧିକାରୀ ଅଂଶଧନ (Beneficiary Share) ବାବଦକୁ ଏକକାଳୀନ ଟ.୨୦,୦୦୦/-ଙ୍କା (ଟ.୧୦,୦୦୦/-ଙ୍କା ବି.ପି.ଏଲ୍ ତାଲିକାଭୁକ୍ତ SC/ST ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ) ନିଜ ଜିଲ୍ଲାରେ ଅବସ୍ଥିତ Union Bank of Indiaର ନିର୍ଦ୍ଧାରିତ ଶାଖା କାର୍ଯ୍ୟାଳୟରେ ତା୩୧।୦୧।୨୦୨୧ରିଖ ପର୍ଯ୍ୟନ୍ତ ପଇଠ କରିପାରିବେ। ଏହି ଯୋଜନାରେ ପର୍ଯ୍ୟାପ୍ତ ରିହାତି ବ୍ୟବସ୍ଥା ଥିବାରୁ ଚାଷୀମାନେ ଏହାର ସୁଯୋଗ ନେବାକୁ ଆହ୍ୱାନ କରାଯାଉଅଛି।

ଯେଉଁ ଜିଲ୍ଲା/ବ୍ଲକମାନଙ୍କରେ ଡିପ୍ ବୋର୍‌ୱେଲ ସ୍ଥାପନ ଅନୁପଯୁକ୍ତ, ସେଇ ଜିଲ୍ଲା/ବ୍ଲକମାନଙ୍କୁ ଏହି କାର୍ଯ୍ୟକ୍ରମରୁ ବାଦ୍ ଦିଆଯାଇଛି।

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | କାର୍ଯ୍ୟକାରୀ ହେବା ବ୍ଲକର ନାମ |
|---|---|---|
| ୧ | ଅନୁଗୁଳ | ସମସ୍ତ ବ୍ଲକ |
| ୨ | ବାଲେଶ୍ୱର | ନୀଳଗିରି ଓ ଓଉପଦା |
| ୩ | ଖୋର୍ଦ୍ଧା | ବାଣପୁର, ବେଗୁନିଆ, ଭୁବନେଶ୍ୱର, ବୋଲଗଡ଼, ଚିଲିକା, ଜଟଣୀ, ଖୋର୍ଦ୍ଧା ଓ ଟାଙ୍ଗୀ |
| ୪ | ଢେଙ୍କାନାଳ | ସମସ୍ତ ବ୍ଲକ |
| ୫ | ଯାଜପୁର | ବଡ଼ଚଣା, ଦାନଗଦି, ଧର୍ମଶାଳା, କୋରାଇ ଓ ସୁକିନ୍ଦା |
| ୬ | କଳାହାଣ୍ଡି | ସମସ୍ତ ବ୍ଲକ |
| ୭ | କୋରାପୁଟ | ସମସ୍ତ ବ୍ଲକ |
| ୮ | ନବରଙ୍ଗପୁର | ସମସ୍ତ ବ୍ଲକ |
| ୯ | ନୟାଗଡ଼ | ସମସ୍ତ ବ୍ଲକ |
| ୧୦ | କେଉଁଝର | ସମସ୍ତ ବ୍ଲକ |
| ୧୧ | ରାୟଗଡ଼ା | ସମସ୍ତ ବ୍ଲକ |
| ୧୨ | ଗଞ୍ଜାମ | ସମସ୍ତ ବ୍ଲକ |
| ୧୩ | ଗଜପତି | ସମସ୍ତ ବ୍ଲକ |
| ୧୪ | ବୌଦ୍ଧ | ସମସ୍ତ ବ୍ଲକ |
| ୧୫ | ଦେଓଗଡ଼ | ସମସ୍ତ ବ୍ଲକ |
| ୧୬ | ଝାରସୁଗୁଡ଼ା | ସମସ୍ତ ବ୍ଲକ |
| ୧୭ | କଟକ | ଆଠଗଡ଼, ବଡ଼ମ୍ବା, ବାଙ୍କୀ - ୧, ବାଙ୍କୀ - ୨, ବାରଙ୍ଗ, ନରସିଂହପୁର, ଟାଙ୍ଗିଚୌଦ୍ୱାର ଓ ତିଗିରିଆ |
| ୧୮ | ବରଗଡ଼ | ସମସ୍ତ ବ୍ଲକ |
| ୧୯ | ବଲାଙ୍ଗୀର | ସମସ୍ତ ବ୍ଲକ |
| ୨୦ | କନ୍ଧମାଳ | ସମସ୍ତ ବ୍ଲକ |
| ୨୧ | ମାଲକାନଗିରି | ସମସ୍ତ ବ୍ଲକ |
| ୨୨ | ମୟୂରଭଞ୍ଜ | ସମସ୍ତ ବ୍ଲକ |
| ୨୩ | ନୂଆପଡ଼ା | ସମସ୍ତ ବ୍ଲକ |
| ୨୪ | ସମ୍ବଲପୁର | ସମସ୍ତ ବ୍ଲକ |
| ୨୫ | ସୁବର୍ଣ୍ଣପୁର | ସମସ୍ତ ବ୍ଲକ |
| ୨୬ | ସୁନ୍ଦରଗଡ଼ | ସମସ୍ତ ବ୍ଲକ |

ଏ ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ଓ ନିୟମାବଳୀ ବିଷୟରେ ନିକଟସ୍ଥ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟରେ ଅବଗତ ହେବାକୁ ଚାଷୀଭାଇମାନଙ୍କୁ ଅନୁରୋଧ କରାଯାଉଅଛି।

ସ୍ୱା./- ପରିଚାଳନା ନିର୍ଦ୍ଦେଶିକା
OIPR-32135/11/0017/2021

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, DEOGARH**
Ph: 06641-226237, E-mail eemidivision_deogarh@yahoo.in
**'e' Procurement Notice**
**Bid Reference No. EE MID DGR 02/2020-21**
eemidivision_deogarh@yahoo.in
No. 1071 // MID // date. 13.11.2020

**No. A-294:-** Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.** Further details can be seen from the e-Procurement market place http://tendersodisha.gov.in

| | | |
|---|---|---|
| 1 | Name of the works:- | Civil Construction works. |
| 2 | No. of Works :- | 2 (Two) No. |
| 3 | Estimated cost :- | Approximately Rs.51.00 lakh to 58.00 lakh. |
| 4 | Period of completion | 03 (Three) Calendar months |
| 5 | Date and Time of availability of bid documents in the portal : | From dt.**21.11.2020** at.10.00 AM to dt.**08.12.2020** up to 5.30 PM. |
| 6 | Last date / time of receipt of bids in the portal :- | Dt.**08.12.2020** up to 5.30 PM |
| 7 | Date of opening of Bid :- | Dt.**09.12.2020** at 11.00 AM onwards |
| 8 | Name and address of the OIT :- | Executive Engineer, Minor Irrigation Division, Deogarh. At/ Po-Purunagarh, Dist- Deogarh, PIN – 768119 Email-eemidivision_deogarh@yahoo.in. |

Sd./- Executive Engineer, M.I. Division, Deogarh
OIPR-32289/11/0001/2021

**OFFICE OF THE COLLECTOR & DISTRICT MAGISTRATE, KHORDHA**
**(ST & SC DEVELOPMENT SECTION)**
Tel. No.-06755-221169 (O); E-mail: dwokhordha@gmail.com
Notification No. 1907/Date: 16.11.2020

**Advertisement**
**SHORT QUOTATION CALL NOTICE**

**No. V-24:-** Sealed quotations are invited from intending Manufacturers/ Authorized Dealers/ Order Suppliers/ Co-operative Societies/Boyanika having valid PAN/GSTIN separately for supply of (1) Utensils and other Items, (2) Bed linen items to different Schools & Hostels of SSD Deptt. of Khordha District on or before 01.12.2020. through Speed Post/ Registered Post only. So as to reach Office of the District Welfare Office, Old Collectorate Building, Khordha, Pin-752056.The details of the quotation call notice can be obtained from the District website **www.khordha.nic.in**

The authority reserves right for cancellation / modification of the tender & procurement process without assigning reasons thereof.

By the order of the Collector, Khordha
Sd./- District Welfare Officer, Khordha
OIPR-26012/11/0004/2021

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
**DIRECTORATE OF FISHERIES, ODISHA, CUTTACK**
Ph-0671-2414061, Fax-0671-2410521, E-mail Id- director.odifish@gmail.com
EoI No. 12406/FP& F-XVII-04/20, Dated 16.11.2020

**EXPRESSION OF INTEREST (EOI) FOR AVAILING ASSISTANCE UNDER DIFFERENT SCHEME COMPONENTS UNDER PRADHAN MANTRI MATSYA SAMPAD YOJANA (PMMSY)**

**No. M-32:-** The Director of Fisheries, Odisha, Cuttack invites Expression of Interest (EoI) for the following Scheme Component under PMMSY:
1. **Establishment of Disease Diagnostic and Quality Testing Mobile Labs/Clinics under the Component Infrastructure and Post-Harvest management.**
2. **Establishment of Disease Diagnostic and Quality Testing Labs under the Component Infrastructure and Post-Harvest management.**
3. **Construction of Fish Kiosks of Aquarium/Ornamental Fish of sub-component Markets and Marketing Infrastructure.**

The guidelines of the Schemes and application format may be downloaded from the website of the Directorate of Fisheries, Odisha, Cuttack at www.odishafisheries.nic.in.
e-Mail for Sl No.- 1&2 - pmmsyapplications.rd@gmail.com
e-Mail for Sl No.- 3 - pmmsyapplications.coop@gmail.com

Application(s) with all relevant documents submitted to the Directorate of Fisheries through above e-mail will only be considered. Application(s) without any relevant document shall be outrightly rejected.

The Director of Fisheries, Odisha reserves the right to reject any or all the EOIs without assigning any reason whatsoever.

Sd./- Director
OIPR-06015/11/0019/2021



ଅଭିନେତ୍ରୀ ଅନୁଷ୍କା ଶର୍ମା ଟିମ୍ ଇଣ୍ଡିଆ କ୍ୟାପ୍ଟେନ ବିରାଟ କୋହଲିଙ୍କ ଜର୍ସି ପିନ୍ଧିଥିବା ନଜର ଆସିଛନ୍ତି। ଇନ୍‌ଷ୍ଟାରେ ଏହି ଫଟୋ ଭାଇରାଲ ହେବାରେ ଲାଗିଛି। ସ୍ୱାମୀଙ୍କୁ ଖୁସି କରାଇବା ଲାଗି ସେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କହିଛନ୍ତି। ଜାନୁୟାରୀରେ ବାପା-ମା' ହେବାକୁ ଯାଉଥିବା ଏହି ଯୋଡ଼ି ଏବେ ଜଲି ମୁଡ୍‌ରେ ଅଛନ୍ତି।



# ପ୍ରେମ ବିବାହକୁ ଭୟ

**ଟୋକିଓ:** ଜାପାନ ରାଜକୁମାରୀ ମାକୋ ପ୍ରେମରେ ପଡିଛନ୍ତି। ଦେଶର ସାଧାରଣ ନାଗରିକ କେ. କୋମୁରୋଙ୍କୁ ପ୍ରେମ କରି ବସିଛନ୍ତି ସେ। ଜାପାନର ସମୁଦ୍ର କୂଳରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା କାର୍ଯ୍ୟ କରୁଛନ୍ତି କୋମୁରୋ। ଜାପାନର ସମ୍ରାଟ ଆକିହିତୋଙ୍କ ନାତୁଣୀ ଏବଂ ବର୍ତ୍ତମାନର ସମ୍ରାଟ ନାରୁହିତୋଙ୍କ ଭାଣିଜୀ ରାଜକୁମାରୀ ମାକୋ କେ କୋମୁରୋଙ୍କୁ ବିବାହ କରିବାକୁ ଚାହୁଁଛନ୍ତି, କିନ୍ତୁ ଭୟରେ ତାଙ୍କୁ ବିବାହ କରିବା ଯୋଜନାକୁ ଘୁଞ୍ଚାଇବାକୁ ପଡିଛି। ୨୦୧୭ ରେ ଖବର ଆସିଥିଲା ଯେ ୨୮ ବର୍ଷୀୟା ରାଜକୁମାରୀ ମାକୋ ବିବାହ କରିବାକୁ ଯାଉଛନ୍ତି। କିନ୍ତୁ ଶେଷ ମୁହୂର୍ତ୍ତରେ ତାଙ୍କୁ ତାଙ୍କ ଯୋଜନା ସ୍ଥଗିତ ରଖିବାକୁ ପଡିଥିଲା। ରାଜକୁମାରୀଙ୍କ ବିବାହ ସ୍ଥଗିତ ରଖିବାର କାରଣ ତାଙ୍କ ରାଜ ପରିବାର ସହିତ ଜଡିତ। ଯଦି ରାଜକୁମାରୀ ମାକୋ ତାଙ୍କ ପ୍ରେମିକ କେ କୋମୁରୋଙ୍କୁ ବିବାହ କରନ୍ତି, ତେବେ ତାଙ୍କୁ ରାଜକୁମାରୀ ଆଖ୍ୟା ଫେରାଇବାକୁ ପଡ଼ିବ। ରାଜ ପରିବାରର ନିୟମ ଅନୁଯାୟୀ, ଯଦି ପରିବାରର ଜଣେ ବାହାର ଲୋକଙ୍କୁ ବିବାହ କରନ୍ତି, ତେବେ ତାଙ୍କୁ ସାଧାରଣ ଜାପାନୀ ପରି ସାରା ଜୀବନ ବିତାଇବାକୁ ପଡିବ। ଏଥିସହିତ, କେ. କୋମୁରୋ ଜଣେ ସାଧାରଣ ନାଗରିକ ଏବଂ ଯଦି ରାଜକୁମାରୀ ମାକୋ ତାଙ୍କୁ ବିବାହ କରନ୍ତି, ତେବେ ତାଙ୍କ ଜୀବନ ସାଧାରଣ ନାଗରିକ ପରି ହେବ।



ରାଜକୁମାରୀ ମାକୋ



କେ. କୋମୁରୋ

କୋମୁରୋ ଗାଇବା, ବାଦ୍ୟ ବଜାଇବା ଏବଂ ରାନ୍ଧିବା ପାଇଁ ଭଲ ପାଆନ୍ତି। ସମୁଦ୍ର କୂଳରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ସେ 'ପ୍ରିନ୍ସ ଅଫ୍ ଦ ସି' ଭାବରେ କାର୍ଯ୍ୟ କରନ୍ତି। କୋମୁରୋ ଏବେ ଏକ ଆଇନ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ରାଜକୁମାରୀ ମାକୋଙ୍କୁ ୨୦୧୩ ଡିସେମ୍ବରରେ ରାତ୍ରୀଭୋଜନ ସମୟରେ ତାଙ୍କ ପ୍ରେମିକା କେ. କୋମୁରୋ ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ଉଭୟ ନିଜ ପ୍ରେମକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଲୁଚାଇ ରଖିଥିଲେ। ଏହା ପରେ ରାଜକୁମାରୀ ବ୍ରିଟେନ ପଢିବାକୁ ଚାଲିଯାଇଥିଲେ। ୨୦୧୭ରେ, ମାକୋ ଘୋଷଣା କରିଥିଲେ ଯେ, ସେ ନଭେମ୍ବର ୨୦୧୮ରେ ବିବାହ କରିବାକୁ ଯାଉଛନ୍ତି, କିନ୍ତୁ ଏହି ମାସରେ ସେ ବିବାହକୁ ୨୦୨୦କୁ ସ୍ଥଗିତ ରଖିଥିଲେ। ରାଜକୁମାରୀଙ୍କ ପିତା କହିଛନ୍ତି , ତାଙ୍କ ଝିଅ ବିବାହ କରିବେ କି ନାହିଁ ସେ ଜାଣି ନାହାନ୍ତି। ରାଜକୁମାରୀ ମାକୋଙ୍କ ମାଉସୀ ସାୟାକୋ ରାଜ ପରିବାରର ଶେଷ ସଦସ୍ୟ ଥିଲେ, ଯିଏ 'ରାଜକୁମାରୀ' ଆଖ୍ୟା ଫେରାଇଥିଲେ। ୨୦୦୫ରେ ରାଜକୁମାରୀ ସାୟାକୋ ରାଜଧାନୀ ଟୋକିଓର ଜଣେ ଅଧିକାରୀଙ୍କ ସହ ପ୍ରେମ ବିବାହ କରିଥିଲେ। ଉଭୟ ଏକାଠି ଅଧ୍ୟୟନ କଲାବେଳେ ସମ୍ପର୍କ ଗଢ଼ିଉଠିଥିଲା ଓ ପରେ ଉଭୟ ବିବାହ କରିଥିଲେ।

# ସନ୍ନିଙ୍କ ପସନ୍ଦ ଭାରତୀୟ ଖାଦ୍ୟ



**ମୁମ୍ବାଇ:** କିଛି ନା କିଛି କାରଣ ଯୋଗୁଁ ସବୁବେଳେ ବଲିଉଡ୍ ଅଭିନେତ୍ରୀ ସନ୍ନି ଲିଓନ ଚର୍ଚ୍ଚାରେ ରହିଥାନ୍ତି। ଏବେ ସନ୍ନିଙ୍କୁ ଭାରତୀୟ ଚଟପଟା ଖାଦ୍ୟ ଖାଇବାକୁ ବେଶ୍ ଭଲ ଲାଗୁଛି। ଖାସ୍ କରି ଫେଷ୍ଟିଭ୍ ସିଜନ୍‌ରେ ଆଳୁ ପରଟା, ଦହି ଏବଂ ଆମ୍ବ ଆଚାର ଖାଇବାକୁ ବହୁତ ପସନ୍ଦ ଲାଗିଥାଏ। କାନାଡାରେ ଜନ୍ମିତ ସନ୍ନିଙ୍କ ପାଠପଢା ବିଦେଶରେ ହୋଇଥିଲେ ମଧ୍ୟ ଦିଲ୍ ବିଲକୁଲ ଦେଶୀ ବୋଲି ସେ ଇନ୍‌ଷ୍ଟାରେ ଶେୟାର କରି ନିଜ ଫ୍ୟାନ୍‌ମାନଙ୍କୁ କହିଛନ୍ତି। ତେଣୁ ଖାଇବା ମାମଲାରେ ଭାରତୀୟ ଖାଦ୍ୟ ପାଇବାକୁ ବେଶି ଭଲ ପାଆନ୍ତି। ଭାରତୀୟ ଉତ୍ସବ ଏବଂ ପୂଜା ସମୟରେ ସବୁପ୍ରକାର ଇଣ୍ଡିଆନ ଜିନିଷ ଏବଂ ଚଟ୍‌ପଟା ଖାଇବାକୁ ମନ ବଳାନ୍ତି। କେବଳ ଭାରତୀୟ ଖାଦ୍ୟ ନୁହେଁ, ବରଂ ଭାରତୀୟ ବିଚାରଧାରା 'ଅହିଂସା ପରମୋ ଧର୍ମ'ର ସେ ବହୁତ ବଡ ସମର୍ଥକ। ସନ୍ନି କୌଣସି ପୋଷା ଜୀବକୁ କେବେ ବି ଆଘାତ ଦିଅନ୍ତି ନାହିଁ। ସେ କୁହନ୍ତି, ଆମେ ବ୍ରାଣ୍ଡେଡ କୁକୁର କିଣିବା ଅପେକ୍ଷା ଗଳିରେ ବୁଲୁଥିବା କୁକୁରକୁ ପାଳିବା ଉଚିତ। କାରଣ ସେମାନଙ୍କୁ କେହି ଖାଇବାକୁ ଦିଅନ୍ତି ନାହିଁ। ମୁଁ ବି ମୋ ଘରେ ଗଳିରେ ବୁଲୁଥିବା କୁକୁରକୁ ରଖିଛି। ଆପଣମାନେ ମଧ୍ୟ ଏପରି କରିପାରିବେ।

# ଭଙ୍ଗା କାଚର ସ୍ଥାପତ୍ୟ

**ନୂଆଦିଲ୍ଲୀ:** ବେଳେବେଳେ ମନର କ୍ଷୋଭ ବି କଳାର ରୂପ ନିଏ। ଠିକ୍ ଏମିତି ଏକ କଳା ଏବେ ସାରା ଦୁନିଆକୁ ଦେଖାଇ ଦେଇଛି ଲେବାନନ୍‌ରେ ହୋଇଥିବା ବିସ୍ଫୋରଣର ଦୃଶ୍ୟ। ବୀଭତ୍ସ ରୂପକୁ ସାମ୍ନା କରି ଜଣେ କିପରି ରହିପାରେ ତା'ର ଏକ ନିଦର୍ଶନ ଦେଖିବାକୁ ମିଳିଛି ଲେବାନନ୍‌ର ଆର୍ଟିଷ୍ଟ ହାୟତ୍ ନାଜିରଙ୍କ ସ୍ଥାପତ୍ୟରେ। ବିସ୍ଫୋରଣରୁ ବାହାରିଥିବା ଭଙ୍ଗା କାଚ ଆଉ ଅନ୍ୟ ଭଗ୍ନ ସାମଗ୍ରୀ ସବୁକୁ ନେଇ ସେ ତିଆରି କରିଛନ୍ତି ଏକ ସ୍ଥାପତ୍ୟ କଳା, ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା। ଲେବାନନ୍‌ର ବେରୁଟ୍ ପୋର୍ଟ ନିକଟରେ ଗତ ଅଗଷ୍ଟ ମାସରେ ହୋଇଥିବା ବିସ୍ଫୋରଣରେ ଯେଉଁ ଭୟଙ୍କର ଦୃଶ୍ୟ ସୃଷ୍ଟି ହୋଇଥିଲା, ତାକୁ ବର୍ଣ୍ଣନା କିରବା ପାଇଁ ନାଜିର ଏକ ସ୍ଥାପତ୍ୟ କଳା କରିଛନ୍ତି। ବିସ୍ଫୋରଣ ପରେ ଉଜୁଡ଼ି ଯାଇଥିବା ଘରର ଭଙ୍ଗା କାଚ ଓ ଭଙ୍ଗା ପଥର ଆଦି ବିଭିନ୍ନ ଜିନିଷକୁ ନେଇ ସେ ତିଆରି କରିଛନ୍ତି ଜଣେ ମହିଳାଙ୍କ ସ୍ଥାପତ୍ୟ। ଏହି ସ୍ଥାପତ୍ୟ କଳାକୁ ଦେଖିବା ମାତ୍ରେ ଲେବାନନ୍‌ର ବୀଭତ୍ସ ରୂପକୁ ମନେ ପକାଇ ହେବ ବୋଲି ନାଜିର କହିଛନ୍ତି। ମହିଳାଙ୍କର ଏହି ସ୍ଥାପତ୍ୟଟି ବେରୁଟର ଭଙ୍ଗା ପୋର୍ଟ ନିକଟରେ ହିଁ ସ୍ଥାନ ପାଇଛି। ୨.୬ ମିଟରର ଏହି ମୂର୍ତ୍ତିଟି ଏପରିଭାବେ ହୋଇଛି ସତେ ଯେପରି ଏକ ବିରାଟ ବଡ଼ ଝଡ଼କୁ ସାମ୍ନା କରୁଛି। ମୂର୍ତ୍ତି ପାଖରେ ଏକ ଭଙ୍ଗା ଘଣ୍ଟା ରହିଛି ଯେଉଁଥିରେ ସମୟ ୬ଟା ୮ ମିନିଟ୍। ଏହି ସମୟରେ ହିଁ ବେରୁଟରେ ଭୟଙ୍କର ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ୨୦୦ଜଣଙ୍କର ପ୍ରାଣ ଚାଲି ଯାଇଥିଲା ଏବଂ ୬ହଜାରରୁ ଅଧିକ ଆହତ ହୋଇଥିଲେ। ବେରୁଟକୁ ଜଣେ ମହିଳାର ରୂପ ଦେଇ ସେ କିଭଳି ଭୟଙ୍କର ମୁହୂର୍ତ୍ତକୁ ସାମ୍ନା କରୁଛି ତାହା ଦେଖାଇଛନ୍ତି। ନାଜିର ତାଙ୍କର ଏହି କଳାର ଏପର୍ଯ୍ୟନ୍ତ କୌଣସି ନାଁ ଦେଇ ନାହାନ୍ତି। କାରଣ ଦର୍ଶକମାନେ ହିଁ ଏଥର ଏହି କଳାକୁ ନାଁ ଦେବେ ବୋଲି ସେ କହିଛନ୍ତି।



## ଗଛରେ ବି ରୁହନ୍ତି ବେଙ୍ଗ



**ନୂଆଦିଲ୍ଲୀ:** ସାଧାରଣତଃ ବେଙ୍ଗମାନେ ପାଣିରେ ରହନ୍ତି ଅବା ସନ୍ତସନ୍ତିଆ ସ୍ଥାନରେ ରହନ୍ତି। କିନ୍ତୁ ଏମିତି ଏକ ପ୍ରକାରର ବେଙ୍ଗ ଅଛନ୍ତି ଯେଉଁମାନେ ଗଛ ଉପରେ ବାସ କରନ୍ତି। ଆଣ୍ଡାମାନ୍ ନିକୋବର ଏବଂ ପୂର୍ବ ଭାରତର କେତେକ ଅଞ୍ଚଳରେ ଏଭଳି ବିଶେଷ ପ୍ରକାରର ବେଙ୍ଗ ଦେଖାଯାଆନ୍ତି। ଅନୁସନ୍ଧାନକାରୀମାନେ ଏଭଳି ଏକ ବେଙ୍ଗ ସମ୍ପର୍କରେ ସୂଚନା ଦେଇଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଏସ୍. ଡି. ବିଜୁଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଅନୁସନ୍ଧାନ କରି ଏହି ରିପୋର୍ଟ ଦେଇଛନ୍ତି। ଭାରତ, ଚାଇନା, ଇଣ୍ଡୋନେସିଆ ଓ ଥାଇଲାଣ୍ଡର ଅନୁସନ୍ଧାନକାରୀମାନେ କହିଛନ୍ତି ଯେ, ପ୍ରଥମ ଥର ପାଇଁ ଭାରତରେ ଏଭଳି ଏକ ବିଶେଷ ପ୍ରକାରର ବେଙ୍ଗ ସମ୍ପର୍କରେ ସୂଚନା ମିଳିଛି। ଶ୍ରୀଲଙ୍କାର ଜୀବ ବର୍ଗୀକରଣ ବିଜ୍ଞାନୀ ରୋହନ ପୋଥିଆଗୋଡ଼ାଙ୍କ ନାମ ଅନୁସାରେ ଏହି ପ୍ରଜାତିର ବେଙ୍ଗର ନାଁ ଦିଆଯାଇଛି ରୋହାନିଙ୍କାଲସ୍। ଅନ୍ତର୍ଜାତୀୟ ପତ୍ରିକା 'ଜୁଟାକ୍ସା'ରେ ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି, ଆଶ୍ଚର୍ଯ୍ୟଜନକଭାବେ ଏହି ବିଶେଷ ପ୍ରକାରର ବେଙ୍ଗ ଦେଖିବାକୁ ପ୍ରାୟ ଅନ୍ୟ ବେଙ୍ଗଭଳି।

# ଆଇଫୋନ୍ ଲାଗି କିଡ୍‌ନୀ ବିକିଲେ

**ବେଜିଂ:** ପାର୍ବଣ ଋତୁ ଆରମ୍ଭ ହେବା ପୂର୍ବରୁ ଆପଲ୍ କମ୍ପାନୀ ନୂଆ ଆଇଫୋନ୍ ସିରିଜର ଘୋଷଣା କରିଥିଲା। ଏହା ପରେ ସୋସିଆଲ ମିଡିଆରେ ଆଇଫୋନ୍ ସହ ଜଡ଼ିତ କିଛି ମେମେ ଭାଇରାଲ ହୋଇଥିଲା। ଏବେ ଆଇଫୋନ୍ କିଣିବା ପାଇଁ ଲୋକଙ୍କୁ ନିଜର କିଡନୀ ବିକିବାକୁ ପଡ଼ିବ ବୋଲି ଏକ ମେମେରେ କୁହାଯାଇଥିଲା। ଠିକ୍ ଏଭଳି ଏକ ଘଟଣାକ୍ରମରେ ଚାଇନାର ଜଣେ ବ୍ୟକ୍ତି ଆଇଫୋନ୍ କିଣିବା ଲାଗି ନିଜ କିଡନୀ ବିକି ଦେଇଥିଲେ। ହେଲେ ଏବେ ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାପଡ଼ିଛି। ଘଟଣାଟି ୨୦୧୧ ମସିହାର। ସେତେବେଳେ ଚାଇନାର ୧୭ ବର୍ଷୀୟ ନାବାଳକ ୱାଙ୍ଗ ଶାଙ୍ଗୁନ୍ ଆଇପେଡ ୨ ଏବଂ ଆଇଫୋନ କିଣିବାକୁ ନିଜ କିଡନୀ ବିକି ଦେଇଥିଲେ।





ତାଙ୍କୁ ଦୁଇଟି କିଡନୀର ଆବଶ୍ୟକତା ନାହିଁ। ଗୋଟିଏ ଯଥେଷ୍ଟ ବୋଲି ସେ ପ୍ରତିକ୍ରିୟାରେ କହିଥିଲେ। ଗୋଟିଏ କିଡନୀ ପାଇଁ ତାଙ୍କୁ ୩,୨୭୩ ଡଲାର ଟଙ୍କା ମିଳିଥିଲା। ଏବେ ତାଙ୍କୁ ୨୫ ବର୍ଷ ହୋଇଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ସେ ପୁଣି ଚର୍ଚ୍ଚାର ପରିସରକୁ ଆସିଛନ୍ତି। କାରଣ ସେ ଏବେ ଜୀବନମରଣ ସହ ସଂଘର୍ଷ କରୁଛନ୍ତି।

ସେତେବେଳେ ଶାଙ୍ଗୁନ୍ ଆଇଫୋନ୍ କିଣିବା ଲାଗି ଏତେ ଉତ୍ସାହିତ ଥିଲେ ଯେ, ଭବିଷ୍ୟତ କଥା ନ ଭାବି ସେ ନିଜ କିଡନୀ ଦଲାଲଙ୍କୁ ବିକି ଦେଇଥିଲେ। ହେଲେ ଅପରେଶନ ସମୟରେ ତ୍ରୁଟି ଯୋଗୁ ତାଙ୍କର ସଂକ୍ରମଣ ହୋଇଥିବା ପରେ ଜଣାପଡ଼ିଥିଲା। ଧୀରେ ଧୀରେ ଏହା ବଢ଼ି ଚାଲିଥିଲା। ଏବେ ତାଙ୍କୁ ପ୍ରତ୍ୟେହ ଡାୟାଲିସିସ୍ କରିବାକୁ ପଡୁଛି। ଶାଂଗୁନ ନିଜର କିଡ଼ନୀ ବିକିଥିବା ନେଇ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ହେଲେ ପୁଅ ହାତରେ ଦାମୀ ଫୋନ ଦେଖି ସମସ୍ତେ ସନ୍ଦେହ କରିଥିଲେ। ପରେ ପଚରାଯିବାରୁ ସେ ସତ ମାନିଥିଲେ। ଏପରିକି ପୋଲିସ ଆଗରେ ସେ ସବୁକଥା କହିଥିଲେ। ଶେଷରେ ୯ଜଣ ଦଲାଲ ଗିରଫ ହୋଇଥିଲେ। ହେଲେ ଏବେ ସେ ନାବାଳକ ସମୟରେ କରିଥିବା ଭୁଲ ପାଇଁ ନିଶ୍ଚିତ ପଶ୍ଚାତାପ କରୁଥିବେ ବୋଲି ଅନେକ ମତ ରଖୁଛନ୍ତି।

## ଖେଳ ଖବର

# ହକି ଇଣ୍ଡିଆ ମାଷ୍ଟର୍ସ କମିଟିରେ ପରଗତ, ଗୁର୍‌ବକ୍ସ

ନୂଆଦିଲ୍ଲୀ,୧୭।୧୧ (ପି.ଟି.)

ହକି ଇଣ୍ଡିଆର ଷ୍ଟେଟ୍ ମେମ୍ବର ୟୁନିଟ୍‌ଗୁଡିକ ମିଳିତ ଭାବେ 'ମାଷ୍ଟର୍ସ କମିଟି' ଗଠନ କରିଛନ୍ତି। ଦେଶରେ ମାଷ୍ଟର୍ସ ହକିର ପ୍ରଚାର ଓ ପ୍ରସାର ପାଇଁ ଗଠିତ ହୋଇଥିବା ଏହି କମିଟିରେ ପୂର୍ବତନ ଅଧିନାୟକ ପରଗତ ସିଂ, ମୀର ରଞ୍ଜନ ନେଗୀ ଓ ଗୁରବକ୍ସଙ୍କୁ ସାମିଲ କରାଯାଇଛି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ହକିରେ ରୁଚି ରଖୁଥିବା ଉଭୟ ସବୁ ବୟସ ବର୍ଗର ପୁରୁଷ ଓ ମହିଳା ଖେଳାଳିମାନଙ୍କୁ ସୁଯୋଗ ଦେବା ପାଇଁ ଓ ହକି ପ୍ରତି ସେମାନଙ୍କର ଅଙ୍ଗୀକାରବଦ୍ଧତାକୁ ବଜାୟ ରଖିବା ପାଇଁ ଏଭଳି ଉପକ୍ରମର ଆରମ୍ଭ କରାଯାଇଛି ହକି ଇଣ୍ଡିଆ କହିଛି।

ଗତ ମାର୍ଚ୍ଚରେ ହକି ଇଣ୍ଡିଆ ଅନ୍ୟ ୩୮ଟି ଜାତୀୟ ଆସୋସିଏଶନଗୁଡିକ ସହ ସଦସ୍ୟ ଭାବେ ବିଶ୍ୱ ମାଷ୍ଟର୍ସ ହକି (ଡବ୍ଲ୍ୟୁଏମ୍ଏଚ୍)ରେ ଯୋଗ ଦେଇଥିଲା। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ଏକମାତ୍ର ମାଷ୍ଟର ୟୁନିଟ୍ ଡବ୍ଲ୍ୟୁଏମ୍ଏଚ୍‌କୁ ମାନ୍ୟତା ପ୍ରଦାନ କରିଛି। ଡବ୍ଲ୍ୟୁଏମ୍ଏଚ୍ ମଧ୍ୟ ସାରା ବିଶ୍ୱରେ ଅନ୍ତର୍ଜାତୀୟ ମାଷ୍ଟର୍ସ ହକି ଆୟୋଜନ କରିବାର ଅଧିକାର ପାଇଛି।



ପରଗତ ସିଂ



ଗୁର୍‌ବକ୍ସ ସିଂ



ମୀର ରଞ୍ଜନ ନେଗୀ

ତେବେ ରାଜ୍ୟରେ ମାଷ୍ଟର୍ସ ହକିର ବିକାଶ ପାଇଁ ହକି ଇଣ୍ଡିଆ ସବୁ ଷ୍ଟେଟ୍ ୟୁନିଟ୍‌ଗୁଡିକୁ ଏକ କାର୍ଯ୍ୟକାରୀ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲା। ଏଥିରେ ପୂର୍ବତନ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳିଙ୍କୁ ସାମିଲ କରିବାକୁ କୁହାଯାଇଥିଲା। ରାଜ୍ୟସ୍ତରରେ ଏହି କମିଟିଗୁଡିକ ମାଷ୍ଟର୍ସ ହକିର ଉନ୍ନତି ପାଇଁ କାର୍ଯ୍ୟ କରିବ। ସେହିପରି ଦେଶରେ ଜାତୀୟସ୍ତରରେ ହକି ଇଣ୍ଡିଆ ମାଷ୍ଟର୍ସ କମିଟି ମାଷ୍ଟର୍ସ ମ୍ୟାଚ୍ ଓ ଟୁର୍ନାମେଣ୍ଟଗୁଡିକୁ ତଦାରଖ କରିବ। ହରବିନ୍ଦର ସିଂ ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି। ସେହିପରି ଆର.ପି. ସିଂ ଏହାର ସଂଯୋଜକ ରହିଛନ୍ତି। ପୂର୍ବତନ ଭାରତୀୟ ଖେଳାଳି ବି.ପି. ଗୋବିନ୍ଦା, ଜଗବୀର ସିଂ, ଏ.ବି. ସୁବାୟା, ସୁରିନ୍ଦର କୌର ଓ ଏମ୍. ରେଣୁକା ଲକ୍ଷ୍ମୀ ଏହାର ସଦସ୍ୟ ରହିଛନ୍ତି। ମାଷ୍ଟର୍ସ କମିଟି ଗଠନ କରିବାକୁ ଷ୍ଟେଟ୍ ୟୁନିଟ୍‌ଗୁଡିକ ମଧ୍ୟ ଏ ନେଇ ବେଶ୍ ଉତ୍ସାହ ପ୍ରକଟ କରିଛନ୍ତି ଓ ଏହା ନିଶ୍ଚିତ ଭାବେ ଆନନ୍ଦଦାୟକ ବୋଲି ହକି ଇଣ୍ଡିଆ ସାଧରଣ ସମ୍ପାଦକ ରାଜିନ୍ଦର ସିଂ କହିଛନ୍ତି।

# ଟୋକିଓ ଅଲିମ୍ପିକ୍ସ: ଭାକ୍ସିନକୁ ବ୍ୟାକ୍‌ଙ୍କ ଗୁରୁତ୍ୱ

ଟୋକିଓ, ୧୭।୧୧ (ଏପି)

କରୋନା ପାଇଁ ସ୍ଥଗିତ ରହିଥିବା ଅଲିମ୍ପିକ୍ସ ପୁନଃନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୨୩ରୁ ଆରମ୍ଭ ହୋଇ ପାରିବ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବ୍ୟାକ୍ ଦୃଢ଼ତାର ସହିତ କହିଛନ୍ତି। ବ୍ୟାକ୍ ଚଳିତସପ୍ତାହରେ ଟୋକିଓ ଟୁର୍‌ରେ ଅଛନ୍ତି। ଯଦି ଉପଲବ୍ଧ ହୁଏ ତେବେ ଟୋକିଓ ଆସିବା ପୂର୍ବରୁ ଅଲିମ୍ପିକ୍ସର ସମସ୍ତ ଅଂଶଗ୍ରହଣକାରୀ ଏବଂ ପ୍ରଶଂସକ ଭାକ୍‌ସିନ ନେଇ ପାରିଲେ ଭଲ। ଜାପାନରେ କୋଭିଡ୍ ତୁଳନାତ୍ମକ ଭାବେ ନିୟନ୍ତ୍ରଣରେ ଅଛି। ଦେଶରେ କରୋନାରେ ମୃତ୍ୟୁ ସଂଖ୍ୟା ପାଖାପାଖି ୧,୯୦୦ ରହିଛି। ତେବେ ବିଳମ୍ବରେ ବିଶେଷ କରି ଟୋକିଓ ଏବଂ ହୋକାଇଦୋରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ବ୍ୟାକ୍ ମଙ୍ଗଳବାର ଟୋକିଓ ବେ'ରେ ରହିଥିବା ଆଥଲେଟ୍ସ ଭିଲେଜ ପରିଦର୍ଶନରେ ଯାଇଥିଲେ। ସେଣ୍ଟ୍ରାଲ ଟୋକିଓରେ ନବ ନିର୍ମିତ ନ୍ୟାଶନାଲ ଷ୍ଟାଡିୟମ ବୁଲି ଦେଖିଥିଲେ। ଏହା ସ୍ପଷ୍ଟ ଯେ, ସମସ୍ତ ଆଥଲେଟ୍ ଭ୍ୟାକ୍ସିନ ନେବାକୁ ଚାହିଁବେ ନାହିଁ। କେତେକ ଏହା ତାଙ୍କ ବ୍ୟକ୍ତିଗତ ଇଚ୍ଛା ବୋଲି ଭାବିବେ। ଅସୁସ୍ଥ ହେବା ଆଶଙ୍କାରେ କେତେଜଣ ଭ୍ୟାକ୍ସିନ ନେବାକୁ ଭୟ କରିବେ। କାରଣ ଏହାଦ୍ୱାରା ସେମାନେ ହୁଏତ ଅଲିମ୍ପିକ୍ସରେ ଅଂଶଗ୍ରହଣ ସୁଯୋଗରୁ ବଞ୍ଚିତ ହୋଇ ପାରନ୍ତି। ବ୍ୟାକ୍ କହିଛନ୍ତି, କେବଳ ବ୍ୟକ୍ତିଗତ ଭାବେ ଭାକ୍ସିନ ନେଇଗଲେ ହେବ ନାହିଁ। ଏଥିଲାଗି ଅନ୍ୟମାନଙ୍କୁ ଉତ୍ସାହିତ କରିବାକୁ ପଡ଼ିବ। ଟୋକିଓରେ ସୁସ୍ଥ ଓ ଯୁବ ଆଥଲେଟମାନଙ୍କ ଅପେକ୍ଷା ନର୍ସ, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଭାକ୍ସିନ ଦିଆଯିବା ଉଚିତ୍ ବୋଲି ସେ କହିଛନ୍ତି।



ଥୋମାସ ବ୍ୟାକ୍

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



✓ ବରୁଣ ବିଶ୍ୱଭୂଷଣ
ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ : ୨୦.୧୦.୧୯୮୬
ତିରୋଧାନ : ୧୮.୧୧.୨୦୧୭
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା । ଆମକୁ ଏକା ଛାଡି ତୁ ଚାଲିଗଲୁ । ତୋର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :
ମାଆ, ବାପା ଏବଂ ଆତ୍ମୀୟସ୍ୱଜନ
ଧ-୬୯୯୩୫

ଚତୁର୍ଥ ପୁଣ୍ୟତିଥି
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ମନି ସାମନ୍ତରାୟ
ଆବିର୍ଭାବ: ୧୮.୧୧.୧୯୫୭
ତିରୋଧାନ: ୧୮.୧୧.୨୦୧୬
ମାମି, ଆଜି କି ଚାରିବର୍ଷ ହେଲା, ଆମକୁ ଛାଡ଼ି ଦିବ୍ୟଧାମକୁ ଚାଲିଗଲ। ତୁମର ଶିକ୍ଷା, ସଂସ୍କାର ଓ ଅନୁଶାସନକୁ ପାଥେୟ କରି ଆମେ ଆଗେଇ ଚାଲୁଛୁ। ତୁମର ଅମର ଆତ୍ମା ଯେଉଁଠି ବି ଥାଉ, ଶାନ୍ତିରେ ଥାଉ, ବାସୁଦେବଙ୍କ ପାଖରେ ଏତିକି କାମନା।
: ଶୋକସନ୍ତପ୍ତ :
ପୁତ୍ର-ଶ୍ରୀମନ୍ତ, ସନ୍ତୋଷ, ବୋହୂ-ସୁଜାତା, ସୋନାଲି, ଝିଅ-ଶର୍ମିଷ୍ଠା, ଜ୍ୱାଇଁ-ସୁଶାନ୍ତ, ଭଣଜା-ରାଜା, ନାତୁଣୀ-ସୁଶ୍ରୀ ସୁଚରିତା, ଶ୍ରୀମା ସରସ୍ୱତୀ, ସମୃଦ୍ଧି ମନୀଷା, ଶରନ୍ୟା ମନୀଷା, ନାତି-ସୂର୍ଯ୍ୟାଂଶୁ, ଶାଶ୍ୱତ ମନୀଷ।
ଧ-୧୮୯୫୮

# ଧାନ ଅମଳ ପରେ...



ଧାନ ଅମଳ ପରେ ଧାନକୁ ୨-୩ ଥର ଟାଣ ଖରାରେ ଶୁଖାଇ ରଖନ୍ତୁ। ଧାନ ଶୁଖିଗଲା ପରେ ଦାନ୍ତରେ କଡ କିମ୍ବା ଶୁଭି ଭାଙ୍ଗିଲେ ଜାଣିବେ ଯେ ଧାନ ସାଇତା ପାଇଁ ଉପଯୁକ୍ତ ହୋଇଯାଇଛି। ଧାନ ସାଇତିବା ପୂର୍ବରୁ ଅମାର ଘର ସଫା କରି କାନ୍ଥ, ଛାତ କିମ୍ବା ଚଟାଣରେ ଫାଟ, କଣା ଥିଲେ ମାଟି କିମ୍ବା ସିମେଣ୍ଟ ଦ୍ୱାରା ବନ୍ଦ କରିଦିଅନ୍ତୁ। ଅମାର ଘରର କବାଟ ଓ ଝରକାରେ ଫାଙ୍କା ରହିବା ଉଚିତ ନୁହେଁ। ଅମାରକୁ ସଫା କରିବା ପରେ ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ ହିସାବରେ ଶତକଡା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ବିଞ୍ଚି ଦେଲେ ପୋକ ଲାଗନ୍ତି ନାହିଁ। ଗୋଟିଏ କଥା-ଶସ୍ୟ ରଖାଯିବା ପୂର୍ବରୁ ଖାଲି ବସ୍ତାକୁ ଧୋଇ ଚଟାଣରେ ଶୁଖାଇ ରଖିବା ଉଚିତ। ଧାନ ଅମଳ କରିବା ସମୟରେ ଦେଖି ନିଅନ୍ତୁ ଯେ ଯେମିତି ଧାନ କେଣ୍ଡାର ୮୫ ଭାଗ ପାଚି ଯାଇଥିବ।

# ଗହମ ବୁଣିବା ସମୟରେ...



ବର୍ତ୍ତମାନ ଶୀତ ଦିନ ଆସିଗଲାଣି। ତେଣୁ ଏହା ହିଁ ହେଉଛି ଗହମ ବୁଣିବାର ଉପଯୁକ୍ତ ସମୟ। ଗହମର ଅଧିକ ଅମଳକ୍ଷମ କିସମ ମଧ୍ୟରେ ରହିଛି ସୋନାଲିକା ଏବଂ ୟୁପି-୨୬୨। ପ୍ରତି କିଗ୍ରା ଗହମ ବିହନ ସହିତ ୩ ଗ୍ରାମ କ୍ୟାପଟାନ୍ କିମ୍ବା ଥିରାମ ମିଶାଇ ବିଶୋଧନ କରନ୍ତୁ। ଏହାର ୭ଦିନ ପରେ ଏକର ପ୍ରତି ୬୦୦ ଗ୍ରାମ ପି.ଏସ.ବି କଲଚର ମିଶାଇ ବୁଣନ୍ତୁ। ଶେଷ ଓଡ ଚାଷ ପରେ ୧୦ ଫୁଟ ଉଚ୍ଚତା ଓ ଦୁଇ ପଟାଳି ମଝିରେ ଏକ ଫୁଟ ଓସାରର ପାଣି ନାଳୀ ରଖନ୍ତୁ। ୧୫ ସେମି ବ୍ୟବଧାନରେ ଧାଡି ବୁଣା କରନ୍ତୁ। ଏକର ପ୍ରତି ୪୦ କିଗ୍ରା ବିହନ ଆବଶ୍ୟକ। ବୁଣିବା ପୂର୍ବରୁ ଏକର ପ୍ରତି ୧୦ କିଗ୍ରା ଯବକ୍ଷାରଜାନ, ୨୦ କିଗ୍ରା ଫସଫରସ ଏବଂ ୨୦ କିଗ୍ରା ପଟାସ୍ ସାର ଖତ ସହ ମିଶାଇ ଧାଡିରେ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଗହମ ବୁଣିବା ପୂର୍ବରୁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତୁ।

# ଚିନାବାଦାମ ଚାଷରେ ସାର ପ୍ରୟୋଗ



ସଅଳ ବୁଣାଯାଇଥିବା ଚିନାବାଦାମ ତିନି ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ତା'ପରେ ସେଥିରେ ୧୦୦ କିଗ୍ରା ଜିପସମ ଛାଟନ୍ତୁ। ଯଦି ଗଛ ଧାଡିର ପାର୍ଶ୍ୱରେ ଲାଇନ୍ କରି ପକାଯାଏ, ଏକର ପ୍ରତି କେବଳ ୫୦ କିଗ୍ରା ଜିପସମ ଆବଶ୍ୟକ ହୋଇଥାଏ। ଫସଫରସ ସାରକୁ ଆମୋନିୟମ ସଲଫେଟ୍ କିମ୍ବା ସିଙ୍ଗଲ ସୁପର ଫସଫେଟ୍ ଆକାରରେ ପ୍ରୟୋଗ କରିଥିଲେ ଜିପସମର ଆବଶ୍ୟକତା ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ଯଦି ଚିନାବାଦାମ ଲଗାଇ ନାହାନ୍ତି ତେବେ ନଭେମ୍ବର ଶେଷ ସୁଦ୍ଧା ଏହି କାମ ଶେଷ କରନ୍ତୁ। ଚିନାବାଦାମର ଉନ୍ନତ କିସମ ଭାବରେ ଏକେ-୧୨-୧୪, ସ୍ମୃତି କିମ୍ବା ଜେ.ଏଲ-୨୪କୁ ବ୍ୟବହାର କରିପାରନ୍ତି। ଚିନାବାଦାମ ବୁଣିବାର ୭ ଦିନ ପୂର୍ବରୁ ଏକ କିଗ୍ରା ବିହନକୁ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ ଦ୍ୱାରା ବିଶୋଧନ କରନ୍ତୁ। ବୁଣିବା ପୂର୍ବରୁ ବୀଜାରୁ କଲଚର ଓ ପି.ଏସ.ବି.ରେ ଗୋଳାଇ ଉପରବେଳା ଉପଚାର କରନ୍ତୁ।

# ସଫଳ ଚାଷର ସହଜ ସୂତ୍ର

### ବିନା ଖର୍ଚ୍ଚରେ ମାଟିର ବୟନାତ୍ମକ ବର୍ଗ ପରୀକ୍ଷା ଦ୍ୱାରା ସଫଳ ଚାଷ ସମ୍ପର୍କରେ ...



ପ୍ର. ସୁବୋଧ କୁମାର ସାହୁ



ତିନିଗୋଟି ମୁଖ୍ୟ ଉପାଦାନ ଯଥା- ବାଲି, ପଟୁ ଓ କର୍ଦ୍ଦମକୁ ନେଇ ମାଟି ସୃଷ୍ଟି। ସବୁ ମାଟିରେ ଏହିଣୀଟି ଉପାଦାନ ସମାନ ପରିମାଣରେ ନ ଥାଏ। ପୃଥକ୍ ପୃଥକ୍ ପରିମାଣର ବାଲି, ପଟୁ ଓ କର୍ଦ୍ଦମ ମିଶ୍ରଣକୁ ନେଇ ଗଠିତ ମାଟିର ବିଭିନ୍ନ ଶ୍ରେଣୀ ବିଭାଗ କରାଯାଇଛି। ଉକ୍ତ ଶ୍ରେଣୀ ବିଭାଗକୁ ମାଟିର ବୟାନାତ୍ମକ ବର୍ଗ କୁହାଯାଏ। ବୟାନାତ୍ମକ ବର୍ଗ ମାଟିର ଜଳଧାରଣ ଶକ୍ତି, ଜଳସେଚ଼ନର ସମୟ, ଫସଲର କିସମ, ଜମିର ଚାଷ ପ୍ରଣାଳୀ ଏବଂ ଆନୁମାନିକ ଉର୍ବରତାର ସୂଚ଼ନା ଦେଇଥାଏ। ମୃତ୍ତିକା ବୈଜ୍ଞାନିକମାନେ ମାଟିର ୮ଟି ବୟନାତ୍ମକ ବର୍ଗ ନିରୂପଣ କରିଛନ୍ତି। ଚାଷୀ ବିନା ଖର୍ଚ୍ଚରେ ନିଜ ଜମିର ମାଟି କେଉଁ ବୟନାତ୍ମକ ବର୍ଗର ନିଜ ଅନୁଭୂତିରୁ କିପରି ଜାଣିପାରିବେ ତାହାର ପ୍ରଣାଳୀ ନିମ୍ନରେ ସୂଚୀତ କରାଗଲା।

ଚାଷୀ କ୍ଷେତକୁ ଯାଇ ଏକ ଥାଳିଆରେ ୪୦ ରୁ ୫୦ ଗ୍ରାମ୍ ପର୍ଯ୍ୟନ୍ତ ଶୁଖିଲା ମାଟି ନେଇ ଏଥିରେ ଅଳ୍ପ ଅଳ୍ପ କରି ପାଣି ମିଶାଇ ପ୍ରଥମେ ଅଙ୍ଗୁଳିରେ ଘଷନ୍ତୁ। ଏହାପରେ ଗୋଟିଏ ଛୋଟ ବାଟି ବା ପେଣ୍ଡୁ ତିଆରି କରନ୍ତୁ, ମାଟି ଅଙ୍ଗୁଳିରେ ଲାଖିରହୁଛି କି ନାହିଁ ଅନୁଭବ କରନ୍ତୁ ଏବଂ ଶେଷରେ ଏକ ବଳିତା ବା ରିବନ୍ ତିଆରି କରନ୍ତୁ। ଉକ୍ତ ଚାରିଗୋଟି ସ୍ଥିତିକୁ ନେଇ ମାଟିର ନିମ୍ନ ୮ଗୋଟି ବୟନାତ୍ମକ ବର୍ଗ ଜାଣିପାରିବେ।

**ବାଲି:** ମାଟିକୁ ଅଙ୍ଗୁଳି ମଧ୍ୟରେ ଘଷିଲେ ହାତକୁ ରଚ଼ରଚ଼ ଲାଗିବ। ପେଣ୍ଡୁ ବା ବାଟି ତିଆରି କଲେ, ବାଟି ଆଦୌ ହୋଇପାରିବ ନାହିଁ ଏବଂ ଅଙ୍ଗୁଳିରେ ମାଟି ଲାଖିପାରିବ ନାହିଁ। ମାଟିରେ ବଳିତା ବା ରିବନ୍‌ର ଆକୃତି ହେବନାହିଁ। ଉକ୍ତ ବର୍ଗ ମାଟିରେ ପ୍ରାୟ ୮୫ ରୁ ୧୦୦ ଭାଗ ବାଲିଥାଏ। ଢିପ କିସମ ଜମିରେ ବାଲି ବର୍ଗ ମାଟି ଦେଖାଯାଏ। ବାଲି ବର୍ଗ ମାଟି ଅନୁର୍ବର। ଏହାର ଜଳଧାରଣ ଶକ୍ତି ବହୁତ କମ। ଉକ୍ତ ମାଟିରେ ଏକର ପ୍ରତି ୧୦ ରୁ ୧୨ ଟନ୍ ଗୋବର ଖତ ପ୍ରୟୋଗ କଲେ କନ୍ଦମୂଳ, ଗୟାଆଳୁ, ଖମ୍ବଆଳୁ, ସାରୁ, ତରଭୁଜ ଆଦି ଫସଲ ଚାଷ ହୋଇପାରିବ। ବାଲିମାଟିରେ ଲଙ୍କାଆମ୍ବ ଓ ଝାଉଁଗଛ ଭଲ ବଢ଼ିବ। ଉକ୍ତ ମାଟିରେ ଚାଷ ହେଉଥିବା ଫସଲ ପାଇଁ ବାରମ୍ବାର ଜଳସେଚ଼ନ କରିବାକୁ ପଡିବ। ନଦୀକୂଳସ୍ଥ ବାଲି ବର୍ଗ ମାଟିରେ ଖତ ପ୍ରୟୋଗ କରି ଆଳୁଚାଷ ହୋଇ ପାରିବ। ଉକ୍ତ ବର୍ଗ ମାଟିରେ ଠିଆପାଣି ଆଦୌ ରହିବ ନାହିଁ। ଦୁଇ ତିନି ମିନିଟ ମଧ୍ୟରେ ବର୍ଷା ପାଣି ଭୂଗର୍ଭକୁ ବହିଯିବ।

**ବାଲିଆ ପଟୁ:** ବାଲି ପରି ଅଙ୍ଗୁଳିକୁ ରଚ଼ରଚ଼ ଲାଗିବା ବାଟି ତିଆରି ହୋଇ ଅତି ସହଜରେ ଭାଙ୍ଗିଯିବ। ଅଙ୍ଗୁଳିରେ ଅଳ୍ପ କିଛି ପଟୁ ଅଂଶ ଲାଖି ରହିବ। ଉକ୍ତ ବର୍ଗ ମାଟିରେ ବଳିତା ବା ରିବନ୍ ପ୍ରସ୍ତୁତ ହୋଇ ପାରିବ ନାହିଁ। ଉକ୍ତ ବର୍ଗ ମାଟିରେ ୭୦ରୁ ୮୦ ଭାଗ ବାଲି ଏବଂ ୧୦ ରୁ ୧୨ ଭାଗ ପଟୁ ଥାଏ। ମଧ୍ୟମ କିସମ ଢିପ ଜମିରେ ଏପ୍ରକାର ମାଟି ଦେଖିବାକୁ ମିଳେ। ଉକ୍ତ ମାଟି ମଧ୍ୟମ ଉର୍ବର। ଏହି ବର୍ଗ ମାଟିର ଜଳ ଧାରଣ ଶକ୍ତି ବାଲିଠାରୁ ଅଧିକ। ମାଟିରେ ବର୍ଷା ପାଣି ଶୀଘ୍ର ଭୂଗର୍ଭକୁ ଚାଲିଯିବ। ଫସଲକୁ ୫ ରୁ ୭ ଦିନ ଅନ୍ତରରେ ଜଳସେଚ଼ନ କରିବାକୁ ପଡିବ। ମାଟିରେ ଏକର ପ୍ରତି ୮ ରୁ ୧୦ ଟନ ଗୋବର ଖତ ପ୍ରୟୋଗ କରି ଆଳୁ, ଚିନାବାଦାମ, ଛୋଟ ଧାନ, ମାଣ୍ଡିଆ, ମକା, ବାଜରା, ଜୁଆର, ମୂଳା, ଗାଜର, କନ୍ଦମୂଳ ଏବଂ ନଡିଆ, ଗୁଆ, ଲଙ୍କାଆମ୍ବ, କଦଳୀ ଆଦି ଫଳ ଚାଷ କରାଯାଇପାରିବ।

**ଦୋରସା ବାଲିଆ:** ଉକ୍ତ ବର୍ଗ ମାଟି ହାତକୁ କମ୍ ରଚ଼ରଚ଼ ଲାଗିବ, ବାଟି ତିଆରି ହୋଇପାରିବ କିନ୍ତୁ କମ୍ ଚାପ ପ୍ରୟୋଗରେ ବାଟି ଭାଙ୍ଗି ଯିବ। ଅଙ୍ଗୁଳିରେ ମାଟିର ପଟୁ ଅଂଶ ଅଳ୍ପ ଲାଖି ରହିବ। ଉକ୍ତ ବର୍ଗ ମାଟିରେ ବଳିତା ପ୍ରସ୍ତୁତି ହୋଇପାରିବ ନାହିଁ। ଉକ୍ତ ବର୍ଗ ମାଟିରେ ୬୦ ରୁ ୭୦ ଭାଗ ବାଲି, ୧୨ରୁ ୧୫ ଭାଗ ପଟୁ ଥାଏ। ମଧ୍ୟମ କିସମ ଜମିରେ ଏହି ମାଟି ବର୍ଗ ଦେଖିବାକୁ ମିଳେ। ଉକ୍ତ ମାଟି ମଧ୍ୟମ ଉର୍ବର। ଏହି ମାଟିର ଜଳ ଧାରଣ ଶକ୍ତି ବାଲିଆ ପଟୁଠାରୁ ଅଧିକ। ଉକ୍ତ ବର୍ଗ ମାଟିରୁ ବର୍ଷା ପାଣି ଶୀଘ୍ର ଭୂଗର୍ଭକୁ ବହିଯାଏ। ବିଭିନ୍ନ ଫସଲ ଚାଷ ପାଇଁ ୧୦ରୁ ୧୨ ଦିନରେ ଥରେ ଜଳସେଚ଼ନ କରିବାକୁ ପଡିବ। ଉକ୍ତ ମାଟିରେ ବିଭିନ୍ନ ଫସଲ ଯଥା ଧାନ, ମାଣ୍ଡିଆ, ମକା, ବାଜରା, ଆଖୁ, ଆଳୁ ଏବଂ ବିଭିନ୍ନ ପନିପରିବା ଭଲ ଚାଷ ହୋଇପାରିବ।

**ଦୋରସା :** ଅଙ୍ଗୁଳିରେ ଘଷିଲେ ହାତକୁ ନରମ ଲାଗିବ। ବାଟି ପ୍ରସ୍ତୁତି କଲେ ନରମରୁ ଟାଣ ବାଟି ହେବ। ଅଙ୍ଗୁଳିରେ ମାଟିର ପଟୁ ଅଂଶ ଲାଖିବ। ବଳିତା ତିଆରି କଲେ ବଳିତା ହୋଇପାରିବ ନାହିଁ। ଉକ୍ତ ମାଟିରେ ୫୦ରୁ ୬୦ ଭାଗ ବାଲି ୨୦ରୁ ୨୫ ଭାଗ ପଟୁ ଥାଏ। ନଦୀ ପଠାରେ ଏହି ମାଟି ଦେଖିବାକୁ ମିଳେ। ଦୋରସା ବର୍ଗ ମାଟି ଅଧିକ ଉର୍ବର। ଏହାର ଜଳ ଧାରଣ ଶକ୍ତି ଶତକଡା ୩୦ ରୁ ୪୫ ଭାଗ। ୧୩ରୁ ୧୫ ଦିନ ବ୍ୟବଧାନରେ ଫସଲ ପାଇଁ ଜଳସେଚ଼ନ କରାଯାଏ। ଉକ୍ତ ବର୍ଗ ମାଟି ସବୁ ପ୍ରକାର ଫସଲ ଚାଷ ପାଇଁ ଉପଯୁକ୍ତ। ଆଳୁ, ଚିନାବାଦାମ, ସୋରିଷ, କପା ଏବଂ ଆଖୁ ପରି ଅନେକ ଅର୍ଥକରୀ ଫସଲ ଏହି ମାଟିରେ ଭଲହୁଏ।

**ପଟୁଆ ଦୋରସା:** ଦୁଇ ଅଙ୍ଗୁଳିରେ ଘଷିଲେ ହାତକୁ ଲହୁଣି ପରି ନରମ ଲାଗିବ। ବାଟି ପ୍ରସ୍ତୁତ କଲେ ଶୀଘ୍ର ଗୋଲ ଏବଂ କଠିନ ହେବ। ଅଙ୍ଗୁଳି ମଧ୍ୟରେ ମାଟି ସହଜରେ ଲାଖି ରହିବ ଓ ବଳିତା ହୋଇ ମଝି ସ୍ଥାନରେ ଫଟା ଦାଗମାନ ଦେଖାଯିବ। ଉକ୍ତ ମାଟିରେ ୪୦ରୁ ୫୦ ଭାଗ ବାଲି ଏବଂ ୨୦ରୁ ୨୫ ଭାଗ ପଟୁଥାଏ। ଏହି ମାଟି ଅଧିକ ଉର୍ବର। ଉକ୍ତ ମାଟିର ଜଳ ଧାରଣ ଶକ୍ତି ମଧ୍ୟମ। ୧୫ରୁ ୧୭ ଦିନ ବ୍ୟବଧାନରେ ଫସଲକୁ ଜଳସେଚ଼ନ କରିବାକୁ ପଡେ। ଏକ ଘଣ୍ଟା ମଧ୍ୟରେ ବର୍ଷା ପାଣି ମାଟି ତଳକୁ ବହିଯାଏ। ସମସ୍ତ ପ୍ରକାର ଶସ୍ୟ ଏବଂ ପରିବା ଫସଲ ଚାଷ ପାଇଁ ଉକ୍ତ ବର୍ଗ ମାଟି ଅଧିକ ଉପଯୁକ୍ତ। କଦଳୀ, ଆମ୍ବ, ସପେଟା, ଲିଚୁ ଆଦି ଫଳ ଚାଷ ପାଇଁ ଉକ୍ତ ବର୍ଗ ମାଟି ଅତି ଭଲ।

**କର୍ଦ୍ଦମାକ୍ତ ଦୋରସା:** ଅଙ୍ଗୁଳିରେ ଘଷିଲେ ହାତକୁ ପଟୁ ମିଶା ସୂକ୍ଷ୍ମ ବାଲି ଲାଗିବ। ବାଟି ସହଜରେ ତିଆରି ହୋଇପାରିବ ଏବଂ ଶୁଖିଯାଇ ମଧ୍ୟମ ଟାଣ ହେବ। କିନ୍ତୁ ଅଙ୍ଗୁଳିରେ ପଟୁ ଅଂଶ ଲାଖି ରହି ଚିକ୍କଣ ଲାଗେ। ବଳିତା ସହଜରେ ତିଆରି ହୋଇପାରେ କିନ୍ତୁ ହାତରେ ଝୁଲାଇଲେ ସହଜରେ ଭାଙ୍ଗିଯାଏ। ଉକ୍ତ ମାଟିରେ ୨୫ରୁ ୩୦ ଭାଗ ବାଲି ଓ ୪୦ରୁ ୫୦ ଭାଗ କର୍ଦ୍ଦମ ଥାଏ। ଉକ୍ତ ବର୍ଗ ମାଟିର ଜଳ ଧାରଣ ଶକ୍ତି ଅଧିକ। ତେଣୁ ୧୬ ରୁ ୧୮ ଦିନ ବ୍ୟବଧାନରେ ଜଳସେଚ଼ନ କରିବାକୁ ପଡେ। ଉକ୍ତ ଜମିର ମାଟି ଉର୍ବର। ଏହି ବର୍ଗର ମାଟିରେ ତୈଳବୀଜ ଜାତୀୟ ଫସଲ ଯଥା ଚିନାବାଦାମ, ସୋରିଷ, ରାଶି, ସୂର୍ଯ୍ୟମୁଖୀ କମ୍ ସାରରେ ଭଲ ହୁଏ। ଉକ୍ତ ମାଟି ମସଲା ଜାତୀୟ ଫସଲ ଯଥା ଅଦା, ହଳଦୀ, ପିଆଜ, ରସୁଣ, ଲଙ୍କା ପାଇଁ ଉପଯୁକ୍ତ। ସବୁପ୍ରକାର ଫଳଚାଷ ଏହି ବର୍ଗ ମାଟିରେ ହୋଇପାରିବ।

**ପଟୁଆ ଚିକଟା:** ଉକ୍ତ ବର୍ଗ ମାଟିରେ ବାଲି ଅଂଶ ବହୁତ କମ୍ ଥାଏ। ତେଣୁ ଅଙ୍ଗୁଳିକୁ ଅଧିକ ନରମ ଲାଗେ। ବାଟି ସହଜରେ ତିଆରି ହୋଇପାରେ ଏବଂ ଶୁଖିଗଲେ ଟାଣ ହୁଏ। କିନ୍ତୁ ବାଟିକୁ ଫିଙ୍ଗିଲେ ଭାଙ୍ଗି ଯାଏ। ଉକ୍ତ ମାଟିରେ ୧୦ରୁ ୧୫ ଭାଗ ବାଲି ଏବଂ ୬୦ରୁ ୬୫ଭାଗ ପଟୁ ଥାଏ। ଉକ୍ତ ବର୍ଗର ମାଟି ବହୁତ ଉର୍ବର। ଏହାର ଜଳ ଧାରଣ ଶକ୍ତି ଅଧିକ। ବର୍ଷା ପାଣି ଶୀଘ୍ର ବହି ନ ଯାଇ ଏକ ଘଣ୍ଟା ପର୍ଯ୍ୟନ୍ତ ଠିଆ ହୋଇ ରହିବ। ତେଣୁ ୧୮ରୁ ୨୦ ଦିନ ବ୍ୟବଧାନରେ ଜଳସେଚ଼ନ କରିବାକୁ ପଡେ। ଉକ୍ତ ମାଟିରେ କମ୍ ସାର ପ୍ରୟୋଗରେ ସବୁ ପ୍ରକାର ଶସ୍ୟ ଓ ତୈଳବୀଜ ଜାତୀୟ ଫସଲ ଏବଂ ପନିପରିବା ଚାଷ ହୋଇପାରିବ। ବିଭିନ୍ନ ଫଳଚାଷ ପାଇଁ ଏହି ବର୍ଗର ମାଟି ଉତ୍କୃଷ୍ଟ।

**ଚିକିଟା:** ଉକ୍ତ ବର୍ଗର ମାଟି ଅଙ୍ଗୁଳିକୁ ବହୁତ ନରମ ଲାଗେ। ବାଟି ସହଜରେ ତିଆରି ହୋଇପାରିବ ଓ ଶୁଖିଗଲେ ଭାଙ୍ଗିବ ନାହିଁ। ଅଙ୍ଗୁଳିରେ ମେଞ୍ଚା ମେଞ୍ଚା ହୋଇ ଲାଖି ରହିବ। ବଳିତା ସହଜରେ ତିଆରି ହୋଇପାରିବ। ବଳିତା ନ ଫାଟି ଅଧିକ ଲମ୍ବ ପ୍ରାୟ ୨.୫ରୁ ୩ ଇଞ୍ଚ ପର୍ଯ୍ୟନ୍ତ ହେବ। ଉକ୍ତ ମାଟିରେ ୮ରୁ ୧୦ ଭାଗ ବାଲି ଏବଂ ୬୦ରୁ ୮୦ ଭାଗ କର୍ଦ୍ଦମ ଥାଏ। ଏହି ବର୍ଗର ମାଟି ମଧ୍ୟମ ଉର୍ବର। ଏହାର ଜଳଧାରଣ ଶକ୍ତି ଅନ୍ୟ ବର୍ଗର ମାଟିଠାରୁ ଅଧିକ। ପ୍ରାୟ ୨୨ରୁ ୨୪ଦିନ ବ୍ୟବଧାନରେ ଫସଲକୁ ଜଳସେଚ଼ନ କରିବାକୁ ପଡେ। ଉକ୍ତ ବର୍ଗ ମାଟିରେ ଠିକ୍ ଅନୁପାତର ଜଳୀୟ ଅଂଶ ଦେଖି ଚାଷ ନ କଲେ ଲଙ୍ଗଳରେ କାଦୁଅ ଲାଖି ରହିବ। ଠିକ୍ ଗଭୀର ଓ ଜଳୀୟ ଅଂଶ ଜାଣି ସାର ପ୍ରୟୋଗ ନ କଲେ ସାରରୁ ଉପଯୁକ୍ତ ଲାଭ ମିଳେ ନାହିଁ। ଖରିଫ ଋତୁରେ ମଧ୍ୟମ ଏବଂ ଖାଲ ଜମିରେ କେବଳ ଧାନ ଚାଷ ହୋଇପାରିବ। ରବି ଋତୁରେ ଜଳସେଚ଼ନ ପ୍ରୟୋଗ ନ କରି ମାଟିର ଅବଶିଷ୍ଟ ଜଳରେ ସୂର୍ଯ୍ୟମୁଖୀ, କୁସୁମୀ, ସୋରିଷ, ପେଷି, ବୁଟ, ମୁଗ, ବିରି, କୋଳଥ ଏବଂ ଚଣା ଛଟା ବୁଣା କଲେ ଭଲ ଉତ୍ପାଦନ ହୋଇପାରିବ।

*-ଶୈଳଶ୍ରୀ ବିହାର, ଭୁବନେଶ୍ୱର,*
*ମୋ : ୯୫୫୬୨୬୬୦୮୫*



# ଗୋସମ୍ବର୍ଦ୍ଧନା

(ଚଳିତ ମାସ ୧୬ରୁ ୨୨ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ)



ଡା.ବୀରକିଶୋର ପରିଡ଼ା

ଗୋମାତା ଆମ ସୁଖ ସମୃଦ୍ଧିର ପ୍ରତୀକ। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସଂପଦ ଉପରେ ହିଁ ପର୍ଯ୍ୟବସିତ। ଗୋ-ଶବ୍ଦର ଅର୍ଥ ଗତିଶୀଳ। ଗୋମାତାର ସୁରକ୍ଷାରେ ଆମ ରାଜ୍ୟ ତଥା ରାଷ୍ଟ୍ରର ପ୍ରଗତି ସମ୍ଭବ। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ନଭେମ୍ବର ୧୬ରୁ ୨୨ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି ଗୋସମ୍ବର୍ଦ୍ଧନା ସପ୍ତାହ। ଗୋ-ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଳିଷ୍ଟ କରାଯାଇ ୧୯୫୨ମସିହାଠାରୁ ଆମ ରାଜ୍ୟ ତଥା ଦେଶରେ ଏହା ପାଳନ କରାଯାଇ ଆସୁଅଛି। ଗୋମାତା କୃଷିଜାତ ବର୍ଜ୍ୟ ପଦାର୍ଥକୁ କ୍ଷୀରରେ ରୂପାନ୍ତରିତ କରିଥାଏ। ଗୋମାତାଠାରୁ ଜନ୍ମିତ ତା'ର କଅଁଳା ବାଛୁରିକୁ ଛଡ଼ାଇ ନେବା ପରେ ମଧ୍ୟ ସେ ଆମକୁ କ୍ଷୀର ଦେଇ ପ୍ରତିପୋଷଣ କରେ। ସହିଷ୍ଣୁତା ଓ ଆଜ୍ଞାନୁବର୍ତ୍ତିତାର ପ୍ରତୀକ ଭାବେ ବଳଦ ତା'ର କାନ୍ଧରେ ସକଳ କୃଷିକାର୍ଯ୍ୟ ଓ ପରିବହନରେ ସହାୟତା କରିଥାଏ। ଗୋମାତା ମନୁଷ୍ୟ ପାଇଁ କ୍ଷତିକାରକ ବିଷ ପଦାର୍ଥକୁ ଅମୃତ ରସ ବା କ୍ଷୀରରେ ପରିଣତ କରେ। ଗୋବର ଭୂମିର ଶ୍ରେଷ୍ଠ ପ୍ରାକୃତିକ ଖାଦ୍ୟ। ଜୈବିକ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଗୋବରର ଭୂମିକା ବିଶେଷ ରହିଅଛି। ଗୋମୂତ୍ର ଏକ ଅବ୍ୟର୍ଥ ଔଷଧ ରୂପେ ବ୍ୟବହାର ହୋଇଥାଏ।

ପୁରାଣ ବର୍ଣ୍ଣନା ଅନୁଯାୟୀ ଗୋପପୁରରେ ଇନ୍ଦ୍ରପୂଜା ବ୍ୟାହତ ହେବା ଯୋଗୁ ଇନ୍ଦ୍ର କ୍ରୋଧାନ୍ୱିତ ହୋଇ କାର୍ତ୍ତିକ ଶୁକ୍ଳ ପକ୍ଷ ପ୍ରତିପଦଠାରୁ ସପ୍ତମୀ ପର୍ଯ୍ୟନ୍ତ ସାତଦିନ ବ୍ୟାପୀ ପ୍ରବଳ ବୃଷ୍ଟି କରିବା ପାଇଁ ଚାରିମେଘକୁ ଆଦେଶ ଦେଲେ। ମେଘ ଓ ବଜ୍ରର ପ୍ରକୋପ ସହି ନ ପାରି ସମସ୍ତ ଗୋପପୁରବାସୀ (ବ୍ରଜବାସୀ) ଶ୍ରୀକୃଷ୍ଣଙ୍କ ଶରଣ ଭିକ୍ଷା କଲେ। ଶ୍ରୀକୃଷ୍ଣ ଗୋପବାସୀ ଓ ଗୋସଂପଦକୁ ପ୍ରବଳ ବୃଷ୍ଟିପାତରୁ ରକ୍ଷା କରିବାପାଇଁ ନିଜର ବାମ ହାତର କନିଷ୍ଠାଙ୍ଗୁଳିରେ ଏକାଦିକ୍ରମେ ସାତ ଦିନ ପର୍ଯ୍ୟନ୍ତ ଗିରିଗୋବର୍ଦ୍ଧନ ଧାରଣ କରିଥିଲେ। ବର୍ଷାର ବେଗ କମାଇବା ପାଇଁ ପ୍ରଭୁ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରକୁ ନିୟୋଜିତ କରିଥିଲେ। ଶେଷରେ ଇନ୍ଦ୍ର ପରାସ୍ତ ହୋଇ ସ୍ୱର୍ଗ ଗାଭୀ ସୁରଭି ସହ ଆସି ଗର୍ବଦଳନ ନରହରିଙ୍କୁ ସ୍ତୁତି କଲେ ଓ ଗୋଜାତି ତଥା ଗୋକୁଳର ଶ୍ରେଷ୍ଠ ରକ୍ଷକ ଭାବେ ତାଙ୍କ ନାମ 'ଗୋବିନ୍ଦ' ଦେଲେ। ସେହିଦିନଠାରୁ ଗିରିଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ପ୍ରଚଳିତ ହୋଇ ଆସୁଅଛି। ଏହିଦିନ ଗୋରୁଙ୍କୁ ଗାଧୋଇ ଦିଆଯାଇ ମଥାରେ ଅବିର, ସିନ୍ଦୂର ଓ ବେକରେ ଫୁଲମାଳ ଲଗାଇ ପୂଜା କରାଯାଇଥାଏ ଏବଂ ସେମାନଙ୍କୁ ଶସ୍ୟଜାତୀୟ ଖାଦ୍ୟ, ସବୁଜ ଘାସ ଓ ଗୁଡ଼ ଆଦି ଖାଇବାକୁ ଦିଆଯାଏ। ଏହି ଉତ୍ସବ କାର୍ତ୍ତିକମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମାହିତ ହୋଇଥିବାରୁ ଏହାକୁ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଆଖ୍ୟା ଦିଆଯାଇଛି ଏବଂ ସେଦିନଠାରୁ ଗୋପୂଜାର ପରମ୍ପରା ରହିଆସିଛି।

ବର୍ତ୍ତମାନ ଆମ ରାଜ୍ୟରେ ଗୋସଂପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ତେବେ ଏହି ପବିତ୍ର ଗୋସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ଚଳିତ ମାସ ୧୯ରିଖ ଦିନ ୬୯ତମ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି। ରାଜ୍ୟର ପ୍ରତ୍ୟେକ ଜିଲାରେ ଭର୍ଚୁଆଲରେ ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳିତ ହେଉଅଛି। ଅବଶ୍ୟ ରାଜ୍ୟ ସ୍ତରୀୟ ଭର୍ଚୁଆଲ ଉତ୍ସବରେ



ଗୋପାଳକମାନେ ନିଜ ନିଜ ସ୍ଥାନରେ ରହି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ। ଏହି ପରିପ୍ରେକ୍ଷୀରେ ଗୋପୂଜନ, ପ୍ରଶିକ୍ଷଣ ଆଦି ସହିତ ଗୋପାଳକଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଜିଲାସ୍ତରରେ ଏହି ଦିନ ୩ଟି ସ୍ଥାନରେ ୩୦ଜଣ ଲେଖାଏଁ ଗୋପାଳକଙ୍କୁ ନେଇ ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳିତ ହେଉଅଛି। ଏ ସମସ୍ତ କାର୍ଯ୍ୟକ୍ରମ କୋଭିଡ୍-୧୯ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ଅନୁସରଣ କରାଯିବା ପାଇଁ ସମସ୍ତ ମୁଖ୍ୟଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ



ତଥା ବିଭାଗୀୟ କର୍ମକର୍ତ୍ତା ବା କର୍ମଚାରୀଙ୍କୁ ଅବଗତ କରାଯାଉଛି। ଏହି ପବିତ୍ର ଗୋସମ୍ବର୍ଦ୍ଧନା ସପ୍ତାହ ପାଳନ ଉପଲକ୍ଷେ ସମସ୍ତ ଗୋପାଳକଙ୍କୁ ଅଭିନନ୍ଦନ ସହ ସୁଖ ସମୃଦ୍ଧି କାମନା କରାଯାଉଛି। ଗୋସମ୍ପଦର ଉପଯୁକ୍ତ ଦାୟିତ୍ୱ ନେଲେ ଆମ ରାଜ୍ୟ ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବଶୀଳ ହୋଇପାରିବ।

*-ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ), କଳାହାଣ୍ଡି, ମୋ: ୯୪୩୭୬୦୭୩୧୨*

# ଫଳ ବଗିଚାର ଯତ୍ନ



ବଗିଚାକୁ ବର୍ଷାପରେ ଭଲଭାବରେ ଚାଷ କରନ୍ତୁ। ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ଗଛରେ ଦିଅନ୍ତୁ। ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ। ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ। ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଜି-୯, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ।

# ଅଳ୍ପରେ...

-କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ ପ୍ରୟୋଗ କରନ୍ତୁ।

-ବର୍ତ୍ତମାନ ଆଖୁରେ ଦହିଆ ପୋକ ଲାଗିବାର ସମ୍ଭାବନା ରହିଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କାର୍ବେଣ୍ଡାଜିମ ସହ ମାଙ୍କୋଜେବ ମିଶାଇ ସିଞ୍ଚନ କରନ୍ତୁ।

-ରାଶି ଗଛ ୧୫ଦିନର ହୋଇ ଯାଇଥିଲେ କୋଡାଖୁସା କରି ପତଳା କରିଦିଅନ୍ତୁ ଓ ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ରାଶି ଗଛ ଧାଡିକୁ ଧାଡି ୩୦ସେମି ଓ ଗଛକୁ ଗଛ ୧୦ସେମି ବ୍ୟବଧାନରେ ଲଗାନ୍ତୁ।

-ମକା ଫସଲରେ ଜଉ ପୋକ ଦମନ ପାଇଁ ଏକ ଲିଟର ପାଣିରେ ୨ ମିଲି ହିସାବରେ ମିଥାଇଲ୍ ଅକ୍ସି ଡେମିଟନ୍ କିମ୍ବା ଡାଇମେଥୋଏଟ୍ ସିଞ୍ଚନ କରନ୍ତୁ। ଯଦି ଶିକାରୀ ପୋକ ଯଥା- ଇନ୍ଦ୍ରଗୋପୀଭୃଙ୍ଗ, ସିରଫିଡ ମାଛି, ଗ୍ରୀନ୍‌ଲେସୱିଙ୍ଗ ବଗ ପୋକ (ଏକର ପ୍ରତି ୧୦୦୦ଟି) ଥିଲେ ସିଞ୍ଚନ କରିବା ଆବଶ୍ୟକ ପଡେନାହିଁ।



-ତଳିଘରା ଦାନାଦାଗ କୀଟନାଶକ ପ୍ରୟୋଗ କରି ନ ଥିଲେ ଏକ ମିଲି କ୍ଲୋରୋପାଇରିଫସକୁ ଏକ ଲିଟର ପାଣିରେ ଗୋଳାଇ ତଳିର ଚେରକୁ ୮-୧୦ ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ନଭେମ୍ବର ୧୮/୨୦୨୦ Berhampur, Wednesday, November 18/ 2020

# ଏମ୍‌ପିଏଲ୍ ସ୍ପୋର୍ଟ୍ସ ଟିମ୍ ଇଣ୍ଡିଆର କିଟ୍ ପ୍ରାୟୋଜକ

**ନୂଆଦିଲ୍ଲୀ,୧୭।୧୧(ପି.ଟି.)**

ଟିମ୍ ଇଣ୍ଡିଆର ଅଫିସିଆଲ କିଟ୍ ସ୍ପୋନ୍ସରସିପ୍ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଆନୁଷ୍ଠାନିକ ଭବେ ଘୋଷଣା କରିଛି। ଫାଣ୍ଟାସି ଗେମ୍ ସହିତ ଜଡିତଥିବା ମୋବାଇଲ ପ୍ରିମିୟର ଲିଗ୍ (ଏମ୍‌ପିଏଲ୍) ଏମ୍‌ପିଏଲ୍ ସ୍ପୋର୍ଟ୍ସ ଆପାରେଲ ଆଣ୍ଡ ଆସେସରିଜକୁ ଭାରତୀୟ ଦଳର କିଟ୍ ପ୍ରାୟୋଜକ ଓ ମର୍ଚ୍ଚାଣ୍ଡାଇଜ୍ ପାର୍ଟନର ଭାବେ ଘୋଷଣା କରାଯାଇଛି। ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ସମେତ ୧୯ ବର୍ଷରୁ କମ୍ ଦଳ ପାଇଁ ଏମ୍‌ପିଏଲ୍ ସ୍ପୋର୍ଟ୍ସ କିଟ୍ ସ୍ପୋନ୍ସର ରହିବ। ପୂର୍ବରୁ ଜଣାଶୁଣା କ୍ରୀଡ଼ା ପ୍ରସାଧାନ କମ୍ପାନୀ ନାଇକ୍ ଭାରତୀୟ କ୍ରିକେଟ ଦଳରେ କିଟ୍ ସ୍ପୋନ୍ସର ଥିଲା। ତେବେ ଏଥର ନାଇକ୍‌କୁ ହଟାଯାଇ ଏମ୍‌ପିଏଲ୍ ସ୍ପୋର୍ଟ୍ସକୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଫଳରେ ଏମ୍‌ପିଏଲ୍ ସ୍ପୋର୍ଟ୍ସ ଭାରତୀୟ ଖେଳାଳିଙ୍କ ପାଇଁ ଜର୍ସି ପ୍ରସ୍ତୁତ କରିବା ସହ ଡିଜାଇନ୍ ମଧ୍ୟ କରିବ।

ନଭେମ୍ବର ୨ ତାରିଖରେ ବୋର୍ଡର ଆପେକ୍ସ କାଉନ୍‌ସିଲ୍ ଏ ନେଇ ଚୁକ୍ତି କରିଛି। ପୂର୍ବରୁ ୨୦୧୬ଠାରୁ ୨୦୨୦ ପର୍ଯ୍ୟନ୍ତ ନାଇକ୍ ପ୍ରାୟୋଜକ ଭାବେ ୪ ବର୍ଷୀୟା ଚୁକ୍ତି କରିଥିଲା। ଏଥିପାଇଁ ନାଇକ୍ ୩୭୦ କୋଟି ଟଙ୍କା ପ୍ରଦାନ କରିଥିଲା। ଏମ୍‌ପିଏଲ୍ ଏକ ଇ-ସ୍ପୋର୍ଟ୍ସ ପ୍ଲାଟଫର୍ମ ରୂପେ ପରିଚିତ। ଏହି କମ୍ପାନୀ ବହୁ ପରିମାଣରେ କ୍ରୀଡ଼ା ପୋଷାକ, କ୍ରିକେଟ ଉପକରଣ




ସହିତ ମାସ୍କ, ରିଷ୍ଟ ବ୍ରାଣ୍ଡ, ଜୋତା ଓ ହେଡ୍ ଗିୟର ଭଳି ଅନ୍ୟାନ୍ୟ ସହାୟକ ଉପକରଣ ପ୍ରସ୍ତୁତ କରି ବଜାରକୁ ଛାଡିଥାଏ। ନଭେମ୍ବର ୨୦୨୦ରୁ ଡିସେମ୍ବର ୨୦୨୩, ୩ ବର୍ଷ ପାଇଁ ଏମ୍‌ପିଏଲ୍ ସ୍ପୋର୍ଟ୍ସ ବିସିସିଆଇ ସହ ଚୁକ୍ତି କରିଛି। ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଏମ୍‌ପିଏଲ୍ ସ୍ପୋର୍ଟ୍ସ ଦାୟିତ୍ୱ ନେବ। ଫଳରେ ଏହି ଗସ୍ତରେ ଭାରତୀୟ ଖେଳାଳିଙ୍କୁ ନୂଆ ଜର୍ସିରେ ଦେଖିବାକୁ ମିଳିବ। ସିନିୟର ପୁରୁଷ ଓ ମହିଳା ଦଳ ସହିତ ୧୯ ବର୍ଷରୁ କମ୍ ଦଳର ଖେଳାଳିମାନେ ନୂଆ ଜର୍ସି ପିନ୍ଧିବେ।

ଏମ୍‌ପିଏଲ୍ ସ୍ପୋର୍ଟ୍ସ ସହ ନୂଆ ଚୁକ୍ତି ଐତିହାସିକ ସାବ୍ୟସ୍ତ ହେବ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି। ୧୦୦ କୋଟିରୁ ଉର୍ଦ୍ଧ୍ୱ ପ୍ରଶଂସକଙ୍କ ପାଇଁ ନୂଆ ଜର୍ସି ବେଶ୍ ଉପଭୋଗ୍ୟ ହୋଇପାରିବ ବୋଲି ସେ କହିଛନ୍ତି। ଜର୍ସିକୁ ବାଦ୍ ଦେଲେ ଏହି କମ୍ପାନୀ ସୁଲଭ ମୂଲ୍ୟରେ ଲାଇସେନ୍ସପ୍ରାପ୍ତ ଟିମ୍ ଇଣ୍ଡିଆର ମର୍ଚ୍ଚାଣ୍ଡାଇଜ୍ ଅର୍ଥାତ ସାମଗ୍ରୀ ବିକ୍ରି ମଧ୍ୟ କରିବ। ଫଳରେ ପ୍ରଶଂସକମାନେ ମଧ୍ୟ ଏଥିରୁ ଉପକୃତ ହୋଇପାରିବେ। ବିସିସିଆଇ ସମ୍ପାଦକ ଜୟ ଶାହ ମଧ୍ୟ ଏ ନେଇ ସମାନ ମନ୍ତବ୍ୟ ଦେଇଛନ୍ତି।

ପୂର୍ବରୁ ନାଇକ୍ ମ୍ୟାଚ୍ ପ୍ରତି ୮୮ ଲକ୍ଷ ଟଙ୍କା ପ୍ରଦାନ କରୁଥିଲା। ତେବେ ଏମ୍‌ପିଏଲ୍ ସ୍ପୋର୍ଟ୍ସ ମ୍ୟାଚ ପିଛା ୬୫ ଲକ୍ଷ ଟଙ୍କା ପ୍ରଦାନ କରିବ। ଏଥିସହିତ ବିସିସିଆଇର ସାମଗ୍ରୀ ବିକ୍ରିରେ ୧୦ ପ୍ରତିଶତ ଅଂଶ ରୟାଲିଟି ବାବଦରେ ମଧ୍ୟ ମିଳିବ। ଏମ୍‌ପିଏଲ୍ ଏବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ କୋଲକାତା ନାଇଟ୍ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସମେତ କ୍ୟାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍)ର ଏକ ଦଳ ସହ ଜଡିତ ରହିଛି। ଆୟର୍ଲାଣ୍ଡ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) କ୍ରିକେଟ ବୋର୍ଡ ସହ ମଧ୍ୟ ଏହି କମ୍ପାନୀ ଚୁକ୍ତି କରିଛି। ଭାରତ ଏକ ବୃହତ୍ ମାର୍କେଟ। ଏହି ଦେଶରେ ୧୦୦ କୋଟିରୁ ଉର୍ଦ୍ଧ୍ୱ କ୍ରିକେଟ ପ୍ରଶଂସକ ରହିଛନ୍ତି। ତେଣୁ ବିସିସିଆଇ ସହ ଚୁକ୍ତି କରି ଆମେ ଆନନ୍ଦିତ। ଏହି ଚୁକ୍ତି ଉଭୟ ପକ୍ଷ ପାଇଁ ବେଶ୍ ଲାଭବାନ ସାବ୍ୟସ୍ତ ହେବ ବୋଲି ଏମ୍‌ପିଏଲ୍ ସ୍ପୋର୍ଟ୍ସ ସିନିୟର ଭାଇସ୍ ପ୍ରେସିଡେଣ୍ଟ ଅଭିଷେକ ମାଧବନ କହିଛନ୍ତି।

# ଜୋକୋଭିଚ୍‌ଙ୍କୁ ଭେଟିବେ ମେଡ୍‌ଭେଡେଭ

**ଲଣ୍ଡନ,୧୭।୧୧(ଏପି)**

ଏଠାରେ ଚାଲିଥିବା ୫,୭୦୦,୦୦ ଅମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏଟିପି ଫାଇନାଲ୍ସରେ ରୁଷିଆ ତାରକା ଡାନିଲ ମେଡ୍‌ଭେଡେଭ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଇନ୍‌ଡୋର ହାର୍ଡକୋର୍ଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ସେ ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭେରେଭଙ୍କୁ ୬-୩, ୬-୪ ସେଟ୍‌ରେ ହରାଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସେ ବୁଧବାର ବିଶ୍ୱର ୧ ନମ୍ବର ଖେଳାଳି

## ଏଟିପି ଫାଇନାଲ୍ସ

ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କୁ ଭେଟିବେ। ଅନ୍ୟପଟେ ଜୋକୋଭିଚ୍ ସୋମବାର ଏଟିପି ଫାଇନାଲ୍ସରେ ପଦାର୍ପଣ କରିଥିବା ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଗ୍ରୁପ୍ ଲିଡ୍ ପାଇଁ ଜୋକୋଭିଚ୍ ଓ ମେଡଭେଡେଭ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଦ୍ୱିତୀୟ ସେଟ୍‌ରେ ମେଡ୍‌ଭେଡେଭ ୪-୩, ୩୦-୩୯ରେ ଅଗ୍ରଣୀ ଥିବା ବେଳେ ଏକ କୁଇକ୍ ଅଣ୍ଡର ଆର୍ମ ସର୍ଭ କରି ଜେଭେରେଭଙ୍କୁ ଚକିତ କରିଥିଲେ।




ଏହା ଦ୍ୱାରା ଜେଭେରେଭ ନେଟ୍ ନିକଟକୁ ଆସିଥିଲେ ଓ ପଏଣ୍ଟ ହରାଇଥିଲେ। ୨୦୧୮ରେ ଜେଭେରେଭ ଚାମ୍ପିୟନ ହୋଇଥିଲେ। ତେବେ ଗତ ସଂସ୍କରଣରେ ଗ୍ରୀକ୍‌ର ଷ୍ଟିଫାନୋ ସିତିସପାସ ଟାଇଟଲ ହାସଲ କରିଥିଲେ। ଏହା ମୋ କ୍ୟାରିୟର ଅନ୍ୟତମ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଥିଲା ବୋଲି ମେଡ୍‌ଭେଡେଭ କହିଛନ୍ତି। ୨୦୦୭ ପରଠାରୁ ଜେକୋଭିଚ୍ ଏଟିପି ଫାଇନାଲ୍ସର କୌଣସି ପ୍ରାରମ୍ଭିକ ମ୍ୟାଚ୍‌ରେ ପରାଜୟ ବରଣ କରିନାହାନ୍ତି। ଶେଷଥର ସେ ଡେଭିଡ୍ ଫେରରଙ୍କଠାରୁ ପରାସ୍ତ ହୋଇଥିଲେ। ଗତ ୬ଟି ମ୍ୟାଚ୍‌ରେ ସେ ସ୍ୱାର୍ଜମ୍ୟାନଙ୍କଠାରୁ କେବେ ପରାସ୍ତ ହୋଇନାହାନ୍ତି। ସ୍ୱାର୍ଜମ୍ୟାନ ଦକ୍ଷିଣ ଆମେରିକାର ପ୍ରଥମ ଖେଳାଳିଭାବେ ୨୦୧୩ଠାରୁ ଏଟିପି ଫାଇନାଲ୍ସ ସିଙ୍ଗଲ୍ସରେ ଖେଳୁଛନ୍ତି।

ରବିବାର ଡୋମିନିକ୍ ଥିମ୍ ଗତଥରର ଚାମ୍ପିୟନ ସିତିସପାସ୍‌ଙ୍କୁ ୭-୬, ୪-୬, ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ସ୍ପେନର ରାଫାଲ ନାଡାଲ ୬-୩, ୬-୪ ସେଟ୍‌ରେ ଆନ୍ଦ୍ରେ ରୁବ୍ଲେଭଙ୍କୁ ହରାଇଥିଲେ। ଉଲ୍ଲେଖଥାଉ କି, ୧ ନମ୍ବର ଖେଳାଳିଭାବେ ବର୍ଷ ଶେଷ କରି ରେକର୍ଡର ସମକକ୍ଷ ହୋଇଥିବା ଜୋକୋଭିଚ୍‌ଙ୍କୁ ରବିବାର ଏକ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

# ଅଷ୍ଟ୍ରେଲିଆ ଖେଳାଳି ନ୍ୟୁ ସାଉଥ୍ ୱେଲ୍ସକୁ ସ୍ଥାନାନ୍ତରିତ

**ସିଡ୍‌ନୀ, ୧୭।୧୧ (ପି.ଟି.)**

ସାଉଥ ଅଷ୍ଟ୍ରେଲିଆରେ କରୋନା ଭାଇରସ ବ୍ୟାପିବାରେ ଲାଗିଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ ଟେଷ୍ଟ ଅଧିନାୟକ ଟିମ୍ ପେନ୍ ଓ ଷ୍ଟାର ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସାନେଙ୍କ ସମେତ ଅନ୍ୟ ଖେଳାଳିମାନଙ୍କୁ ବିମାନ ଯୋଗେ ଆଡିଲେଡ୍‌ରୁ ନ୍ୟୁ ସାଉଥ୍ ୱେଲ୍ସ

## କରୋନା ପ୍ରକୋପ

ସ୍ଥାନାନ୍ତର କରାଯାଇଛି। ଏହି କାରଣରୁ ସୋମବାର ସାଉଥ୍ ଅଷ୍ଟ୍ରେଲିଆକୁ ଲାଗି କରି ଥିବା ୱେଷ୍ଟର୍ନ ଅଷ୍ଟ୍ରେଲିଆ, କୁଇନ୍ସଲାଣ୍ଡ ଏବଂ ଟାସ୍‌ମାନିଆ ସୀମାକୁ ବନ୍ଦ କରିଦିଆଯାଇଛି। ଭାରତ ବିପକ୍ଷ ୩୦୦ ନିୟୁତ ଡଲାର ବିଶିଷ୍ଟ ସିରିଜ ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି କ୍ରିକେଟ ଅଷ୍ଟ୍ରେଲିଆ ସଜାଗ ରହିଥିବା ଏହାର କାମଚଳା ମୁଖ୍ୟ କାର୍ଯ୍ୟନିର୍ବାହୀ ନିକ୍ ହକ୍‌ଲେ ପ୍ରକାଶ କରିଛନ୍ତି। ସ୍ଥାନାନ୍ତର ହୋଇଥିବା ଖେଳାଳିଙ୍କୁ ମଧ୍ୟରେ ପେନ୍ ଓ ଲାବୁସାନେଙ୍କ ବ୍ୟତୀତ ମାଥ୍ୟୁ ୱାଡେ, ଟ୍ରାଭିସ୍ ହେଡ୍ ଏବଂ କାମେରନ ଗ୍ରୀନ୍ ରହିଛନ୍ତି। କୋଭିଡ୍ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଡିସେମ୍ବର ୧୭ରେ ଆଡିଲେଡ୍ ଓଭାଲରେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ଅନୁଷ୍ଠିତ ହେବ। ସୋମବାର ଆଡିଲେଡ୍‌ରେ ସାନି କରୋନା ସଂକ୍ରମଣ ଦେଖାଦେବା ପରେ ପେନ୍‌ଙ୍କ ସମେତ ଅଷ୍ଟ୍ରେଲୀୟ ଖେଳାଳିମାନେ ୧୪ଦିନ ସେଲ୍ଫ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ଭାରତ ୩ ଅନ୍ତର୍ଜାତୀୟ ଦିନିକିଆ, ସମାନ ସଂଖ୍ୟକ ଟି୨୦ ଏବଂ ୪ ଟେଷ୍ଟ ମ୍ୟାଚ୍ ଖେଳିବ।

# ଟେଷ୍ଟ ଫର୍ମାଟ ପାଇଁ ଭାରତର ଅଭ୍ୟାସ

**ସିଡ୍‌ନୀ,୧୭।୧୧ (ପି.ଟି.)**

ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବାର ଭାରତୀୟ କ୍ରିକେଟ ଦଳ ପ୍ରଥମେ ସୀମିତ ଓଭର କ୍ରିକେଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ତେବେ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଦଳ ଆସନ୍ତା ମାସରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ

## ଅଷ୍ଟ୍ରେଲିଆ ଗସ୍ତ

ପାଇଁ ପ୍ରସ୍ତୁତି ତଥା ଅଭ୍ୟାସ କରିଛି। ମଙ୍ଗଳବାର ଖେଳାଳିମାନେ ଟେଷ୍ଟ ମ୍ୟାଚ୍ ଭଳି ପରିସ୍ଥିତିରେ ଟ୍ରେନିଂ କରିଥିଲେ। ଦ୍ରୁତ ବୋଲରମାନେ ନାଲି ଓ ଗୋଲାପୀ ବଲ୍‌ରେ ବୋଲିଂ କରିଥିଲେ।

୩ ଫର୍ମାଟ ପାଇଁ ଦଳରେ ସ୍ଥାନ ପାଇଥିବା ସବୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ବୋଲର ଏହି ପ୍ରାକ୍ଟିସ ସେସନରେ ଅଭ୍ୟାସ କରିଥିଲେ। ଅଭିଜ୍ଞ ଦ୍ରୁତ ବୋଲର



ଅଭ୍ୟାସ ଅବସରରେ ବିରାଟ କୋହଲି।

ମହମ୍ମଦ ସାମି ଓ ଯୁବ ପେସର ମହମ୍ମଦ ସିରାଜ କୋହଲିଙ୍କୁ ବୋଲିଂ କରିଥିଲେ। ଏହାର ଭିଡିଓ କୋହଲି ନିଜ ଟୁଇଟର ଏକାଉଣ୍ଟରେ ପୋଷ୍ଟ କରିଛନ୍ତି। 'ଲଭ୍ ଟେଷ୍ଟ କ୍ରିକେଟ ସେସନ୍ସ' ବୋଲି କୋହଲି ଟୁଇଟ୍ କରି ଲେଖିଛନ୍ତି। ଆଡିଲେଡ୍‌ରେ ଡିସେମ୍ବର ୧୭ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ଖେଳିସାରି କୋହଲି ନିଜର ପ୍ରଥମ ସନ୍ତାନ ଜନ୍ମ ପାଇଁ ଭାରତ ପ୍ରତ୍ୟାବର୍ତ୍ତନ କରିବେ। ଟେଷ୍ଟ ମ୍ୟାଚ୍ ଖେଳାଯିବା ଶୈଳୀରେ ଖେଳାଳିମାନେ ଭିଡିଓରେ ଅଭ୍ୟାସ କରିବାର ଦେଖାଯାଇଥିଲା। ନନ୍ ଷ୍ଟ୍ରାଇକର ଏଣ୍ଡରେ ମଧ୍ୟ ବ୍ୟାଟ୍ସମ୍ୟାନ ରହିଥିଲେ। ପାରମ୍ପରିକ ନେଟ୍ସ ସେସନରୁ ଏହା ସମ୍ପୂର୍ଣ୍ଣ ରୂପେ ଭିନ୍ନ ଥିଲା। ଗତ ଦୁଇମାସ ହେବ ଖେଳାଳିମାନେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିଛନ୍ତି। ତେଣୁ ସୀମିତ ଓଭର କ୍ରିକେଟ ପାଇଁ ଅଭ୍ୟାସକୁ ଟିକିଏ କୋହଳ କରାଯାଇଛି। ଓପନର ଲୋକେଶ ରାହୁଲ ଗୋଲାପୀ ବଲ୍‌ରେ ଅଭ୍ୟାସ କରିଥିଲେ। ଫଳରେ ସେ ପ୍ରଥମ ଟେଷ୍ଟ ଖେଳିବା ସମ୍ଭାବନା ଦୃଢ ହୋଇଛି।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଏ ନେଇ ଏକ ଭିଡିଓ ପୋଷ୍ଟ କରିଛି। ସାମି ଓ ସିରାଜ ମିଳମିଶି ବୋଲିଂ କରୁଥିବାର ଏହି ଭିଡିଓରେ ଦେଖିବାକୁ ମିଳିଛି। କିଙ୍ଗ୍ସ ଏକାଦଶ ପଞ୍ଜାବ ତରଫରୁ ଖେଳି ୩୦ ବର୍ଷୀୟ ସାମି ୧୪ଟି ମ୍ୟାଚ୍‌ରୁ ୨୦ ଉଇକେଟ ହାସଲ କରିଛନ୍ତି। ସେ ୩ଟି ଫର୍ମାଟ ପାଇଁ ଦଳରେ ସାମିଲ ହୋଇଛନ୍ତି।

# ସୁଆରେଜଙ୍କୁ କରୋନା

**ମଣ୍ଟେଭିଡିଓ (ଉରୁଗୁଏ), ୧୭।୧୧ (ଏପି):** କରୋନା ଟେଷ୍ଟରେ ଲୁଇସ୍ ସୁଆରେଜ୍ ଓ ଗୋଲକିପର ରୋଡ୍ରିଗୋ ମୁନୋଜ ପଜିଟିଭ ଚିହ୍ନଟ ହୋଇଛନ୍ତି। ଉରୁଗୁଏ ଫୁଟ୍‌ବଲ ଆସୋସିଏଶନ ତରଫରୁ ଏବିଷୟ ସ୍ପଷ୍ଟ କରାଯାଇଛି। ଏହି ଦୁଇଜଣଙ୍କ ବ୍ୟତୀତ ଜାତୀୟ ଦଳର ଜଣେ ଷ୍ଟାଫ୍ ମାଟିଆସ ଫରାଲ୍ ମଧ୍ୟ ସଂକ୍ରମିତ ହୋଇଛନ୍ତି। ସମସ୍ତେ ବ୍ରାଜିଲ ସାଉଥ୍ ଆମେରିକାନ୍ ବିଶ୍ୱକପ୍ କ୍ୱାଲିଫାଇଂ ମ୍ୟାଚରୁ ବଞ୍ଚିତ ହୋଇଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ସୁଆରେଜ ଓ ମୁନୋଜଙ୍କ ବ୍ୟତୀତ ପୂର୍ବରୁ ଉରୁଗୁଏ ଦଳର ଅନଜଣେ ଗୋଲ୍‌କିପର ମାର୍ଟିନ ସିଲ୍‌ଭା, ଡିଫେଣ୍ଡର ସେବାଷ୍ଟିଆନ କୋଟ୍ସ ଓ ମାଟିଆସ ଭିନା, ମିଡ୍‌ଫିଲ୍ଡର ଫେଡ୍ରିକୋ ଭାଲ୍‌ଭର୍ଡେ ଏବଂ ଷ୍ଟ୍ରାଇକର ମାକ୍ସି ଗୋମେଜ ପ୍ରମୁଖ କରୋନା ସଂକ୍ରିମତ ହୋଇ ବ୍ରାଜିଲ ମ୍ୟାଚରୁ ବାଦ୍ ପଡ଼ିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ